


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 343 ଭାଗ ୩୩ | ସଂଖ୍ୟା ୩୪୩ Monday 9 March 2026 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୯ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଟ୍ରମ୍ପଙ୍କୁ ଖାମେନିଙ୍କ ହତ୍ୟାର ମୂଲ୍ୟ ଦେବାକୁ ପଡ଼ିବ ପୃଷ୍ଠା ୪

ଧୂଳି ଚାଟିଲା ନ୍ୟୁଜିଲାଣ୍ଡ

# ଭାରତକୁ ତୃତୀୟ ଟାଇଟଲ୍

- ବୋଲରଙ୍କୁ ଧୋଇଲେ ଭାରତୀୟ ବ୍ୟାଟର୍
- ବୁମ୍ରା ପ୍ଲେୟର ଅଫ୍ ଦି ମ୍ୟାଚ୍
- ଟାଇଟଲ୍ ବଜାୟରେ ସୂର୍ଯ୍ୟବାହିନୀ ପ୍ରଥମ ଟିମ୍

ଅହମ୍ମଦାବାଦ,୮।୩ଃ ସେମିଫାଇନାଲ୍‌ରେ ୨୫୩ ରନ୍ କରିବା ପରେ ଇଂଲଣ୍ଡ ଯଦିଓ ବିଜୟର ନିକଟବର୍ତ୍ତୀ ହୋଇଥିଲା, କିନ୍ତୁ ଭାରତୀୟ ଦଳ ବିଜୟୀ ହେବା ପରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଉକ୍ତ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର୍‌ମାନେ ଇଂଲଣ୍ଡ ବୋଲରଙ୍କୁ ନିର୍ଘାତ ପ୍ରହାର କରିଥିବା ବେଳେ ଆଜି ଫାଇନାଲ୍ ଭଳି ବଡ଼ ମଞ୍ଚରେ ପୁଣିଥରେ ପ୍ରଥମ ତିନି ବ୍ୟାଟରଙ୍କ ବ୍ୟାଟ୍ ଗର୍ଜିଛି। ଓପନର ସଞ୍ଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମା ଏବଂ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଈଶାନ୍ କିଶନ୍ ଅର୍ଦ୍ଧଶତକ ହାସଲ କରିବା ପରେ ନ୍ୟୁଜିଲାଣ୍ଡ ବୋଲରଙ୍କ ନିର୍ଧୂମ୍ ଧୂଲେଇ କରିଥିଲେ। ଫଳରେ ଭାରତ ୨୫୬ ରନ୍‌ର ଟାର୍ଗେଟ୍ ଦେଇଥିଲା, ଯାହାକୁ ନ୍ୟୁଜିଲାଣ୍ଡ୍ ପିଛା କରି ମାତ୍ର ୧୫୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିସହ ଭାରତ ପ୍ରଥମ ଟିମ୍ ଭାବେ ତୃତୀୟ ଥର ଟାଇଟଲ୍ ଜିତିବା ସହ ଟାଇଟଲ୍ ବଜାୟ ରଖିବା ଓ ଘରୋଇ ମାଟିରେ ଚାମ୍ପିଅନ୍ ହେବାରେ ପ୍ରଥମ ଦଳ ହୋଇଛି। ଅନ୍ୟପକ୍ଷରେ ୧୯ ବର୍ଷର ଏହି ବିଶ୍ୱକପ୍ ଇତିହାସରେ ସର୍ବପ୍ରଥମ ଥର ଚାମ୍ପିଅନ୍ ହେବାକୁ ଆଶା ବାନ୍ଧିଥିବା ନ୍ୟୁଜିଲାଣ୍ଡ୍‌କୁ ଶେଷରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ପ୍ରଥମେ ବୋଲିଂ ପାଇଁ ନ୍ୟୁଜିଲାଣ୍ଡ୍ ନିଷ୍ପତ୍ତି ନେବା ପରେ ଭାରତୀୟ ବ୍ୟାଟର୍‌ମାନେ ତ୍ୱରିତ ଏପରି ଏକ ପଦକ୍ଷେପକୁ ଭୁଲ୍ ପ୍ରମାଣିତ କରିଥିଲେ। ଜଣକ ପରେ ଜଣେ ବୋଲରଙ୍କୁ ନିର୍ଘାତ ପ୍ରହାର କରି ସାମ୍‌ସନ୍ ଓ ଅଭିଷେକ ଚତୁର୍ଥ ଓଭର୍‌ରେ ଦଳୀୟ ସ୍କୋର୍‌କୁ ୫୦ରେ ପହଞ୍ଚାଇଥିଲେ। ଶେଷ ପର୍ଯ୍ୟନ୍ତ ଧୂଆଁଧାର ଗତିରେ ରନ୍ ସଂଗ୍ରହ ଚାଲିଥିବାରୁ ଭାରତ ୫ ୱିକେଟ୍‌ରେ ୨୫୫ ରନ୍ କରିଥିଲା। ସାମ୍‌ସନ୍ ମାତ୍ର ୪୬ଟି ବଲ୍ ଖେଳି ୫ଟି ଚୌକା ଓ ➢ପୃଷ୍ଠା-୬



**ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ**

ସଞ୍ଜୁ ସାମ୍‌ସନ
୮୯ ରନ୍
ବଲ୍ : ୪୬
ଚୌକା : ୫
ଛକା : ୮



ଟି-ଟ୍ୱେଣ୍ଟି ବିଶ୍ୱକପରେ ଟିମ ଇଣ୍ଡିଆର ଦମଦାର ବିଜୟ ପରେ ଚମ୍ପିଆନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଦମଦାର ବିଜୟ ସେମାନଙ୍କ ଦକ୍ଷତା, ଟିମ୍‌ୱାର୍କ ଓ ଦୃଢ଼ ଆତ୍ମବଳର ପ୍ରଦର୍ଶନ। ସେମାନଙ୍କ ଏହି ବିଜୟ ସବୁ ଭାରତୀୟଙ୍କ ପାଇଁ ଗୌରବ ଓ ଖୁସି ଆଣିଦେଇଛି ।



ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପରେ ବିଜୟ ପରେ ଭାରତୀୟ ଟିମ ଇତିହାସ ରଚିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେମାନଙ୍କର ଏହି ଚମତ୍କାର ବିଜୟ ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବ। ପୂରା ଟୁର୍ଣ୍ଣାମେଣ୍ଟରେ ଚମ୍ପିଆନ ଦଳର ପ୍ରଦର୍ଶନ ପ୍ରଶଂସନୀୟ ।



ଟିମ ଇଣ୍ଡିଆର ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତ ପ୍ରଥମ ଦଳ ଭାବେ ତୃତୀୟ ଥର ପାଇଁ ଏହି ବିଶ୍ୱକପ ଟ୍ରଫି ଜିତିଛି। ଏହା ପୂରା ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ। ଭାରତୀୟ ଖେଳାଳିମାନେ ଏହି ଉଲ୍ଲେଖନୀୟ ବିଜୟ ଜରିଆରେ ଏକ ନୂଆ ଇତିହାସ ସୃଷ୍ଟି କରିଛି।

ଅନ୍ତର୍ଜାତୀୟ ମହିଳା ଦିବସରେ ପୁରୀରେ ସୁଭଦ୍ରା ସହାୟତା

# କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଚତୁର୍ଥ କିସ୍ତି

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ ମାତ୍ର ଦେଢ଼ ବର୍ଷ ଭିତରେ ସୁଭଦ୍ରା ଯୋଜନା ଏକ ଅଭୂତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କହିଛନ୍ତି।

- ଆକାଉଣ୍ଟକୁ ଗଲା ୫,୧୦୬ କୋଟି
- ପୁରୀ ଜିଲ୍ଲାର ୪.୨୦ ଲକ୍ଷରୁ ଉର୍ଦ୍ଧ୍ୱ ମା'ଙ୍କୁ ମିଳିଲା
- ରାଷ୍ଟ୍ରପତିଙ୍କ ଅସମ୍ମାନର ଦୃଢ଼ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ଆଇଆଇଏମ୍ ସମ୍ବଲପୁରରେ 'ସୁଭଦ୍ରା ସମୀକ୍ଷା' ରିପୋର୍ଟ ଉନ୍ମୋଚିତ
- ସୁଭଦ୍ରା ମା'ମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମରେ ସମୃଦ୍ଧ ଓଡ଼ିଶା ଗଠନ ହେବ: ମୁଖ୍ୟମନ୍ତ୍ରୀ

ପୁରୀରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଜି ଚତୁର୍ଥ ପର୍ଯ୍ୟାୟରେ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ପୁରୀ ଜିଲ୍ଲାର ୪ ଲକ୍ଷ ୨୦ ହଜାର ୮୫୪ ଜଣ ହିତାଧିକାରୀ ଅଛନ୍ତି।



ଉପସ୍ଥିତ ସୁଭଦ୍ରା ଭଉଣୀମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରିବାରେ ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ଦେଇଛି। ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳାମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି। ସୁଭଦ୍ରା ଯୋଜନା ଜରିଆରେ ସଫଳତା ପାଇଥିବା ହିତାଧିକାରୀଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ହେଉଛି ଆମ ସରକାରଙ୍କ ପ୍ରଥମ ପ୍ରାଥମିକତା ଓ ସୁଭଦ୍ରା ଯୋଜନା ଏହାର ଏକ ସଫଳ ଉଦାହରଣ। ➢ପୃଷ୍ଠା-୬

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପତ୍ରର ଉତ୍ତର ରଖିଲେ ନଡ୍ଡା

# ସମ୍ବଲପୁରରେ ଖୁବ୍‌ଶୀଘ୍ର ସିଜିଏଚଏସ୍ ହେଲଥ୍ ୱେଲନେସ୍ ସେଣ୍ଟର



ନୂଆଦିଲ୍ଲୀ,୮।୩(ସଂଚାର ବ୍ୟୁରୋ)ଃ ସମ୍ବଲପୁରରେ ଏକ ନୂତନ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ୱେଲନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଅନୁମୋଦନ ପ୍ରଦାନ କରିସାରିଛନ୍ତି। ଏହା ଖୁବ୍‌ଶୀଘ୍ର ସମ୍ବଲପୁରରେ ସ୍ଥାପନ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିବେଦନ ପରେ ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚନା ଦେଇଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା।

ଶ୍ରୀ ପ୍ରଧାନ ଗତ ବର୍ଷ ସେପ୍ଟେମ୍ବର ୮ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏକ ସିଜିଏଚଏସ ହେଲଥ୍ ସେଣ୍ଟରର ଆବଶ୍ୟକତା ବିଷୟରେ ଜଣାଇଥିଲେ। ସେ ଉକ୍ତ ପତ୍ରରେ ଉଲ୍ଲେଖ କରିଥିଲେ, ସମ୍ବଲପୁରରେ ବିଏସଏନଏଲ, ଡାକ ବିଭାଗ, ଆୟ କର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ ଗ୍ରୁପ୍ ସେଣ୍ଟର, ଆଇଆଇଏମ୍ ଓ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି। ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ

**ଉପକୃତ ହେବେ କେନ୍ଦ୍ରୀୟ ସଂସ୍ଥା କର୍ମଚାରୀ ଓ ପେନସନଭୋଗୀ**

ପେନସନଭୋଗୀ ବସବାସ କରୁଛନ୍ତି। ଏହି ସୁବିଧା ନ ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିମି ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି। ଏହି ସମସ୍ୟା ଯୋଗୁଁ ବିଶେଷକରି ପ୍ରାପ୍ତବୟସ୍କ ପେନସନଭୋଗୀମାନେ ହଇରାଣ ହେଉଛନ୍ତି।

ଏହି ଚିଠିର ପ୍ରତ୍ୟୁତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା ଶ୍ରୀ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ସମ୍ବଲପୁରରେ ସିଜିଏଚଏସ ➢ପୃଷ୍ଠା-୬

ଏପ୍ରିଲ ୮ରେ ମୋକିମଙ୍କ ନୂଆ ଦଳ

## ନାଁ ରହିବ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି'

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନୂଆ ଦଳର ନାମ, ତା'ର ଚିହ୍ନ ସବୁକିଛି ଚୂଡ଼ାନ୍ତ ହୋଇଛି। ଆସନ୍ତା ଏପ୍ରିଲ ୮ରେ ନୂଆ ଦଳର ବିଧିବଦ୍ଧ ଘୋଷଣା କରିବେ ମୋକିମ। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂଆ ଦଳ ସମ୍ପର୍କରେ ଘୋଷଣା ହେବ। ତେବେ ଦଳରେ ମୋକିମଙ୍କ ସହ କେଉଁମାନେ ହାତ ମିଳାଇବେ, ତା' ଏଯାଏଁ ସ୍ପଷ୍ଟ ହୋଇପାରିନାହିଁ। ଓଡ଼ିଶା ଜନତା କଂଗ୍ରେସ ପାର୍ଟି ନାଁରେ ନୂଆ ଦଳ ଗଠନ କରିଛନ୍ତି ମୋକିମ। ଦଳ ପାଇଁ ଦଳୀୟ ପତାକା ବି ଉନ୍ମୋଚିତ ହୋଇଛି। ଏପ୍ରିଲ ୮ ତାରିଖରେ ରାଜଧାନୀରେ ନୂଆ ଦଳର ପ୍ରଥମ ସଭା ଅନୁଷ୍ଠିତ ହେବ। ➢ପୃଷ୍ଠା-୬




## ଆଜିଠୁ ସଂସଦ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

ନୂଆଦିଲ୍ଲୀ,୮।୩(ସଂଚାର ବ୍ୟୁରୋ)ଃ ସଂସଦର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ବିରୋଧୀ ଦଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟାଇବାକୁ ନେଇ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଏଥିସହ ବିରୋଧୀ ଦଳ ଇରାନ ଯୁଦ୍ଧ, ଏପଷ୍ଟିନ୍ ଫାଇଲ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ମୋଦି ସରକାରଙ୍କୁ ଘେରିବାକୁ ଚେଷ୍ଟା କରିବେ।

ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଗକୁ ତାମିଲନାଡୁ, କେରଳ, ପୁଡୁଚେରୀ, ଆସାମ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ବିଜେପି ବିରୋଧୀଙ୍କ ମୁକାବିଲା ପାଇଁ ସଂସଦୀୟ ମଞ୍ଚର ବ୍ୟବହାର କରିବ। ତେଣୁ ଏନଡିଏ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ବିରୋଧୀଙ୍କୁ କାଉଣ୍ଟର କରିବାକୁ ଏନଡିଏ କଂଗ୍ରେସ ବିଶେଷକରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରିବାକୁ ଯୋଜନାରେ ରହିଛି।



- ବାଚସ୍ପତିଙ୍କୁ ହଟାଇବା ପାଇଁ ବିରୋଧୀ ଆଣିବେ ଅନାସ୍ଥା
- ରାଷ୍ଟ୍ରପତିଙ୍କୁ ଅପମାନକୁ ମୁଖ୍ୟ ପ୍ରସଙ୍ଗ କରିବ ଏନଡିଏ

ବିରୋଧୀ ଦଳ ମଧ୍ୟ ପଶ୍ଚିମ ଏସିଆ ସ୍ଥିତି, ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତ, ଆୟାତୋଲ୍ଲା ଅଲି ଖାମେନିଙ୍କ ହତ୍ୟା ଘଟଣାର ନିନ୍ଦା କରିବାରେ ବିଳମ୍ବ, ଏଲ୍‌ପିଜି ଦର ବୃଦ୍ଧି ➢ପୃଷ୍ଠା-୬

■ମର୍ମନ୍ତୁଦ ସଡ଼କ ଦୁର୍ଘଟଣା■

## ବୋଲେରୋ ନେଲା ୪ ଜୀବନ

ଭେଡ଼େନ,୮।୩(ସଂଚାର ବ୍ୟୁରୋ)ଃ ବରଗଡ଼ ଜିଲ୍ଲାର ଗୋଡଭଗାରୁ ସୋନପୁର ରାସ୍ତାର ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ମେହେନା ଛକ ନିକଟରେ ଆଜି ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଶିଶୁ ସମେତ ମୋଟ ୪ ଜଣଙ୍କ ଜୀବନ ଯାଇଛି। ସୋନପୁର ପଟୁ ଗୋଡଭଗା ଆସୁଥିବା ଏକ ବୋଲେରୋ ବିପରୀତ ଦିଗରୁ ଆସୁଥିବା ୨ଟି ବାଇକ୍‌କୁ ଧକ୍କା ଦେବା ଫଳରେ ଏଭଳି ଅଭାବନୀୟ କାଣ୍ଡ ଘଟିଛି। ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ସୋନପୁର ଜିଲ୍ଲା ବିନିକା ଥାନା ଘାଟି ଜାମପାଲି ଗ୍ରାମର ସନ୍ତୋଷ ପ୍ରଧାନ, ସାଗର ପ୍ରଧାନ, କହର ପ୍ରଧାନ ଓ ଶିଶୁ ଶ୍ରୀୟାଂଶ ପ୍ରଧାନ। ମୃତାହତମାନେ ୨ଟି ବାଇକ୍ ଯୋଗେ ବରଗଡ଼ ଜିଲ୍ଲା ଅତାବିରା ଥାନା ଖଇରପାଲି ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗଦେବା ସକାଶେ ଆସିଥିଲେ। ତେବେ ➢ପୃଷ୍ଠା-୬

## ୨୮ରୁ ଆଇପିଏଲ୍,ସ୍ପଷ୍ଟ କଲା ଷ୍ଟାର୍ ସ୍ପୋର୍ଟ୍ସ



ମୁମ୍ବାଇ,୮।୩(ସଂଚାର ବ୍ୟୁରୋ)ଃ ବିସିସିଆଇ ପକ୍ଷରୁ ଆୟୋଜିତ ହୋଇଆସୁଥିବା ଆଇପିଏଲ୍‌ର ଚଳିତ ବର୍ଷର ସଂସ୍କରଣ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଏନେଇ ଆଜି ଏହି ପ୍ରତିଯୋଗିତାର ଅଫିସିଆଲ୍ ପ୍ରସାରକ ଷ୍ଟାର୍ ସ୍ପୋର୍ଟ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି। କିନ୍ତୁ ଅଦ୍ୟାବଧି ସଂସ୍କରଣର ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇନାହିଁ। ଚଳିତ ବର୍ଷର ସଂସ୍କରଣରେ ➢ପୃଷ୍ଠା-୬



ଫାଇଭ ଷ୍ଟାର ହୋଟେଲରେ ଶାରୀରିକ ସମ୍ପର୍କ ରଖୁଥିଲେ। ମନା କରିବାରୁ ବେଲ୍ଟରେ ନିର୍ଧୂମ୍ ପିଟୁଥିଲେ। ଯୁବତୀଙ୍କୁ ଓଡ଼ିଶା ବାହାରକୁ ନେଇଯିବାକୁ ଚେଷ୍ଟା ମଧ୍ୟ କରିଥିଲେ।

## ରାଜଧାନୀରେ ଲଭ ଜିହାଦ୍

ଭୁବନେଶ୍ୱରରେ ଲଭ ଜିହାଦ! ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ସହିଦ ନଗର ଥାନା ଅଞ୍ଚଳରୁ। ଏହି ଘଟଣାରେ ଅଭିଯୁକ୍ତ ଜଣଙ୍କୁ ଗିରଫ କରିଛି ସହିଦ ନଗର ଥାନା ପୁଲିସ। ହିନ୍ଦୁ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପାଇଁ ଯୋଜନା ଚାଲିଥିବା ବେଳେ ଏହି ପ୍ଲାନ୍ ଫେଲ୍ ମାରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଇରଫାନ ଅନ୍‌ସାରୀ ବୋଲି ଜଣାପଡ଼ିଛି। ତା'ର ଘର କର୍ଣ୍ଣାଟକ ରାଜ୍ୟରେ। ତା'ଠାରୁ ଆନ୍ଧ୍ରପ୍ରଦେଶ ନମ୍ବର ରେଜିଷ୍ଟ୍ରେସନ ଥିବା ଏକ କାର ଜବତ କରାଯାଇଛି। ସୋସିଆଲ ମିଡିଆରେ ଯୁବତୀ ବା ପୀଡ଼ିତାଙ୍କ ସହ ଇରଫାନ୍‌ର ପରିଚୟ ହୋଇଥିଲା। ଅଭିଯୁକ୍ତ ବିବାହର ପ୍ରଲୋଭନ ଦେଖାଇ ପୀଡ଼ିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ନିଜକୁ ସେ ଜୟରାମ ଶର୍ମା ବୋଲି ପରିଚୟ ଦେଇ ପୀଡ଼ିତାଙ୍କୁ ବିବାହର ପ୍ରଲୋଭନ ଦେଖାଇଥିଲା। କିନ୍ତୁ ତା' ସମ୍ପର୍କରେ ସବିଶେଷ ତଥ୍ୟ ପାଇବା ପରେ ଥାନାରେ ଅଭିଯୋଗ କରିଥିଲେ ପୀଡ଼ିତାଙ୍କ ପରିବାର। ଇରଫାନ୍‌କୁ ପୁଲିସ୍ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ପୀଡ଼ିତା ଜଣଙ୍କ ପୁରୀର ବାସିନ୍ଦା ବୋଲି ଜଣାପଡ଼ିଛି। ସେପଟେ ଅଭିଯୁକ୍ତ ଇରଫାନ୍‌ର ଟ୍ରାକ ରେକର୍ଡ ଜାଣିବା ପାଇଁ ଆଗାମୀ ଦିନରେ କର୍ଣ୍ଣାଟକ ପୁଲିସ ସହ ସହିଦ ନଗର ଥାନା ପୁଲିସ୍ ଯୋଗାଯୋଗ କରିବ ବୋଲି ଜଣାପଡ଼ିଛି।



**କାନ ଡେରିଥା**

ପେଟ୍ରୋଲ ବଢ଼ିବ ଡିଜେଲ
ବଢ଼ିବ
ବଢ଼ିବ ସାମଗ୍ରୀ ଦର
ସେଇପଟେ ଯୁଦ୍ଧ ଏଇପଟେ ମାଡ଼
ପେଟ ପାଇଁ ଏବେ ମର
ହେ ପ୍ରଭୁ ଉଦ୍ଧାର କର...
ଅନେଇ ବସିଛି କଳା ବଜାରୀ ଟି
କରିବାକୁ ହେରଫେର ।।

■ ଦେବାଶିଷ

ରାଜ୍ୟସଭା ବିଗ୍ ଫାଇଟ

# ଦିଲ୍ଲୀପଙ୍କୁ ଲୋଡ଼ା ଆଉ ୨ ପ୍ରଥମ ପସନ୍ଦ ଭୋଟ

ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ) : ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ହେବ ବିଗ ଫାଇଟ। ତିନୋଟି ଆସନ ପାଇଁ ଭୟ ନାହିଁ। କେବଳ ଚତୁର୍ଥ ଆସନ ଉପରେ ସମସ୍ତଙ୍କ ନଜର। ଦିନ ଯେତିକି ଗଡୁଛି, ରାଜନୈତିକ ସମୀକ୍ଷକଙ୍କଠାରୁ ଆରମ୍ଭ କରି ତିନି ଦଳର ମାମଲତକାରଙ୍କ ହିସାବ ନିକାଶ ବି ସେତିକି ଜଟିଳ ହେବାରେ ଲାଗିଛି। ଏଥିସହ ପରସ୍ପରବିରୋଧୀ ଆକ୍ଷେପ ପ୍ରତିଆକ୍ଷେପ ବି ଜୋରଦାର ହେବା ଆରମ୍ଭ ହୋଇଯାଇଛି।

ସିଧାସଳଖ ସଂଖ୍ୟା ଗଣିତ କହୁଛି ଦିଲ୍ଲୀପଙ୍କ ବିଜୟ ସହଜ ନୁହେଁ। ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପାଖରେ ୩୩ଟି ପ୍ରଥମ ପସନ୍ଦ ଭୋଟ୍ ରହିଛି। ସେପଟେ ଦିଲ୍ଲୀପ ରାୟଙ୍କ ପାଖରେ ବର୍ତ୍ତମାନ ସ୍ଥିତିରେ ୨୨ଟି ପ୍ରଥମ ପସନ୍ଦର ଭୋଟ୍ ରହିଛି। ରାଜ୍ୟସଭା ଯିବା ପାଇଁ ଦିଲ୍ଲୀପଙ୍କୁ ଦରକାର ହେଉଛି ଆଉ ୮ଟି ପ୍ରଥମ ପସନ୍ଦର ଭୋଟ। ଏହାରି ମଧ୍ୟରୁ ବିଜେଡିରୁ ସସପେଣ୍ଡ ହୋଇଥିବା ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ଭୋଟ ଦିଲ୍ଲୀପଙ୍କୁ ମିଳିପାରେ। ଅରବିନ୍ଦ ଦିଲୀପ ବାବୁଙ୍କ ବନ୍ଧୁ ବିଜୟ ମହାପାତ୍ରଙ୍କ ପୁଅ ହୋଇଥିବା ବେଳେ ସନାତନ ମହାକୁଡ଼ କିନ୍ତୁ ଏଯାଏଁ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। ସେହିପରି ବିଜେଡିରୁ ବହିଷ୍କାର ହୋଇଥିବା ପ୍ରଭାତ ବିଶ୍ୱାଳଙ୍କ ପୁଅ ବିଜେଡିରେ ଥିଲେ ବି ବାପାଙ୍କ ବଦ୍‌ଲା ନେବା ପାଇଁ ସେ ପାର୍ଟି ଲାଇନରୁ ବାହାରିଯାଇ ଦିଲୀପଙ୍କୁ ସମର୍ଥନ କରିବେ ବୋଲି ଆଶଙ୍କା କରାଯାଉଛି। ବାକି ରହିଲା କଂଗ୍ରେସର ଭୋଟ ଉପରେ। କଂଗ୍ରେସ ବିଧାୟିକ ସୋଫିଆ ଫିର୍ଦ୍ଦୋସ, ବିଧାୟକ ରମେଶ ଜେନା ଓ ତାରା ବାହିନୀପତି କାହାକୁ ଭୋଟ ଦେବେ, ତା' ଉପରେ ସମସ୍ତଙ୍କ ନଜର।



ସୋଫିଆଙ୍କ ବାପା ମହମ୍ମଦ ମୋକିମଙ୍କୁ ଭକ୍ତ ଦଳରୁ ବାହାର କରିଥିବା ବେଳେ ସୋଫିଆଙ୍କ ଷ୍ଟାଣ୍ଡ କ'ଣ ରହିବ, ତାହା ଏବେ ବି ସ୍ପଷ୍ଟ ନୁହେଁ। ଏମିତି ବି ଏପ୍ରିଲ ୮ରେ ତାଙ୍କ ବାପା ନୂଆ ଦଳ ଗଠନ କରୁଛନ୍ତି। ସେହିପରି ରମେଶ ଜେନାଙ୍କ ବିରୋଧରେ ବିଜେଡି ସରକାର ଅମଳରେ ୨୮ରୁ ➢ପୃଷ୍ଠା-୬

# ଅନନ୍ତ ବାବୁଙ୍କ କାନ୍ଦ



ଅମରେଶ ବିଶ୍ୱାଳ



ଦେଶର ରାଜଧାନୀରେ ହେବାକୁ ଥିବା, କୋଉ ଗୋଟେ ବଡ଼ ଜାକଜମକିଆ ସରକାରୀ ସଭାକୁ ଯିବାକୁ, ଓଡ଼ିଆ ନେଖକଙ୍କର ଗୋଟେ ସୌଦାତାଲିକା ବାହାରିଲା। ଅନନ୍ତ ବାବୁଙ୍କର ସେଥିରେ ନାଁ ନଥିଲା।

ତେଣୁ ସେ ବୁହେ କାନ୍ଦିଲେ।

ପତ୍ନୀ କହିଲେ- ତମେ କି ଚୋପା ନେଖକ କିହୋ.. ଦିନରାତି ନେଖୁଚ.. ରାତିସାରା ବସିକି ନେଖୁଚ ନା ଝିଅଙ୍କ ସହ ଚାଆଟ୍ କରୁଚ ? ଆଜିଠୁ ସେ ଗପ ଉପନ୍ୟାସ ଛାଡ଼, ଆଠ ଧାଡ଼ିଆ କବିତା ନେଖ, ଆଉ ରାତିରେ ଆରାମରେ ଶୁଅ।

ପତ୍ନୀଙ୍କ କଥା ଅନନ୍ତ ବାବୁଙ୍କୁ ଭାରି ବାଧିଲା। ସେ ପୁଣି ବୁହେ କାନ୍ଦିଲେ।

ଏହି ସମୟରେ ଜଣେ ସୁନ୍ଦରୀ ଜୁନିୟର୍ ଲେଖିକା ଫୋନ୍ କଲେ। ପଚାରିଲେ- ସାଆର୍ ଆପଣ ଏତେବଡ଼ ସଜନା ଗଛ ଭଳିଆ ଲେଖକ, କେତେ ଲେଖିଛନ୍ତି, ଲେଖି ଲେଖି କାଗଜ ଚିରି ପକେଇଛନ୍ତି, ଅଥଚ ତାଲିକାରେ ଆପଣଙ୍କ ନାଁ ବି ନାହିଁ !! କି ଆଶ୍ଚର୍ଯ୍ୟର କଥା। କିଛି ଗୋଟେ କରନ୍ତୁ। ଆଉ କିଏ କହିଥିଲେ ଅନନ୍ତ ବାବୁଙ୍କୁ ବାଧି ନଥାନ୍ତା। ସୁନ୍ଦରୀ ଲେଖିକାଙ୍କ କଥାଟା ତାଙ୍କ ପନିର୍ ଭଳିଆ ନରମିଆ ଲେଖକ ହୃଦୟକୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ। ଏହାପରେ, ତାଲିକାରେ ବିଭ୍ରାଟ ହେଇଚି ବୋଲି, ଜଣେ ବଡ଼ ସାହିତ୍ୟିକ ଲେଖିଲେ।

ସେଥିରେ ଆଉକିଛି ସାହିତ୍ୟିକଙ୍କ ନାଁ ଯୋଡ଼ାହେବା ଉଚିତ ବୋଲି କହି, ସେ କୋଡ଼ିଏ ଲେଖକଙ୍କ ନାଁ ଦେଲେ। କିନ୍ତୁ ସେଥିରେ ବି ଅନନ୍ତ ବାବୁଙ୍କର ନାଁ ନଥିଲା।

କଥାଟି ତାଙ୍କୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ।

ଜଣେ ସମଧର୍ମା ଲେଖକ, ଅନନ୍ତ ବାବୁଙ୍କୁ ଉସୁକେଇଲେ। କହିଲେ- ତମେ ବି ଏହା ବିରୋଧରେ ଲେଖ। ଏ ମାମଲାରେ ଏତେଟା ଥଣ୍ଡା ପଡ଼ିବା ଉଚିତ ନୁହେଁ। ନହେଲେ ସାହିତ୍ୟିକ ବଦବୀଟା ହାତରୁ ଖସିଯିବ। ବିରୋଧ କରିକି ଲେଖୁନ ବୋଲି ତମକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ବୁଝିଲ ?

ସକାଳୁ ଆସି ସଂଜ ହେଲା, ଅନନ୍ତ ବାବୁ ଫେସବୁକ୍ ଖୋଲିକି ବସିଛନ୍ତି କିଛି ଗୋଟେ ଲେଖିକି ଓଲଟେଇ ଦେବେ ବୋଲି, କିନ୍ତୁ ଦୁଇଟି ଅକ୍ଷର ମଧ୍ୟ ଲେଖିପାରିଲେ ନାହିଁ। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପରି ତାଙ୍କ ଅବସ୍ଥା। ସମସ୍ତେ ତାଙ୍କୁ ନିଜର ଲାଗିଲେ। ତେଣୁ ସେ ଲେଖିପାରିଲେ ନାହିଁ। ଏହି କଥାକୁ ନେଇ ଅନନ୍ତ ବାବୁ ପୁଣି ବୁହେ କାନ୍ଦିଲେ।

*(ଏହି ଲେଖାଟି ସଂପୂର୍ଣ୍ଣରୂପେ କଳ୍ପନା ପ୍ରସୂତ। ବାସ୍ତବ ଦୁନିଆର ଘଟଣା ଓ ଚରିତ୍ର ସହ ଏହାର କୌଣସି ସଂପର୍କ ନାହିଁ। ଯଦି କୌଣସି ଘଟଣା ଓ ଚରିତ୍ର ସହ ଏହା ମେଳ ଖାଉଥାଏ, ତେବେ ତାହା କେବଳ ଏକ ସଂଯୋଗ ମାତ୍ର।)*

# ଢେଉ

କ୍ଷୀରୋଦ ପରିଡ଼ା



ଉଲ୍ଲାସ କି ଉନ୍ମାଦରେ ଡଙ୍ଗାଟିଏ ଲହଡ଼ି ଉପରେ ନାଚୁଛି ବା ଲହଡ଼ି ତାକୁ ନଚାଉଛି। ଏଇ ଦୁଇଟି ଭିତରୁ କେହି ନିୟନ୍ତ୍ରଣ ନ ହରାଇଲେ ଏଇ ଦୃଶ୍ୟ ଦୀର୍ଘକାଳ ଯାଏ ଆକର୍ଷଣୀୟ ହୋଇ ରହିପାରେ। ଏହା ସମ୍ଭବ ହୋଇପାରେ ସମୁଦ୍ରର ବ୍ୟାପକତା ଓ ଡଙ୍ଗାର ସଂକୀର୍ଣ୍ଣତାର ଅପୂର୍ବ ସମନ୍ୱୟତାରେ। ଡଙ୍ଗା କି ଜାଣେ ଜୀବନର ଉଠାପକା ଖେଳ ? ଅସଂଖ୍ୟ ଲହଡ଼ି ମେଳରେ ସମୁଦ୍ର କି ବୁଝେ କାହାରି ସ୍ଥିତି ଓ ସ୍ଥିତିହୀନତାର କଥା ?

ପ୍ରତି ମୁହୂର୍ତ୍ତରେ ଲହଡ଼ିର ଦେହ ଓ ରୂପ ଏପରି ବଦଳି ଯାଉଛି ଯେ ତାହା ଚିହ୍ନଟ କରିବା ଅସମ୍ଭବ। କିନ୍ତୁ ବିସ୍ତାର ଲହଡ଼ିମାଳା ତ ନାଚି ନାଚି ଚାଲିଛି ଏକ ସାମୂହିକ ଉପସ୍ଥିତିରେ ନିଜ ନିଜର ଅସ୍ତିତ୍ୱକୁ ସମର୍ପଣ କରି। ଲହଡ଼ି ଓ ଡଙ୍ଗାର ଖେଳ ଚାଲୁଛି। ସମୟ ବି ନିଜ ମତେ ଚାଲିଚାଲି ଯାଉଛି। ଘଟଣା ଗୁଡ଼ିକ ସ୍ୱାଭାବିକ ଭାବେ ଘଟି ଯାଉଛି। କେହି କାହାରି ପାଇଁ କେଉଁଠି ଅଟକି ଯାଉନାହିଁ। ଆମକୁ ଆଉ କିଛି ଅଧିକ କହିବାକୁ ନାହିଁ ସେହି ଡଙ୍ଗାର ନାଉରିଆ! ପଶ୍ଚିମରୁ ପୂର୍ବକୁ କେହି ଜଣେ ଫେରି ଯାଉଛି ପୁଣି ଏକ ନୂଆଦିନରେ ନୂଆ କଥା କହିବା ପାଇଁ। ପୂର୍ବ ଆକାଶରେ ସୂର୍ଯ୍ୟ ଉଇଁ ସାରିଲେଣି ତାଙ୍କର ଆଉ ଏକ ନୂଆ ଦିନର, ନୂଆ ଯାତ୍ରାର କଥା କହିବା ପାଇଁ... ଗୋଟେ ଦୃଶ୍ୟହୀନ ଓ ଶବ୍ଦହୀନ ଜଗତକୁ ରକେଟଟିଏର ଅବଗଣନା ଆରମ୍ଭ ହୋଇଯାଇଛି ତା ନିର୍ଦ୍ଧାରିତ ଉତକ୍ଷେପଣ କେନ୍ଦ୍ରରୁ... ଆରେ ହେ ! ସେ ବିଚରା ନାଉରିଆ ଜଣକ... ?



# ଅନ୍ଧତ୍ୱ

ଅମିୟ ବେଜ୍



ବୋଉ କହୁଥିଲା, ବାପାଙ୍କ ଆଖିକୁ ଆଉ ଦିଶୁନି। ପରେ ସଂଶୋଧନ କରିଲା ଓ କହିଲା କମ୍ ଦିଶୁଛି। ମୁଁ ହଠାତ ସେ ରୋଗଟା'ର ନାମ ମନେ ପକାଇନପାରି ବୋଉକୁ ସାନ୍ତ୍ୱନା ଦେଇ କହିଲି, ବୟସ ହୋଇଗଲେ, ଏଇ କମ୍ ଦିଶିବା, କମ୍ ଶୁଭିବାଟା ଗୋଟେ ସାମାନ୍ୟ କଥା ବୋଉ। ଏସବୁରେ ଏତେ ବ୍ୟସ୍ତ ହ'ନା ଯମା। ବୋଉର ମନ ବୁଝିଲାନି। ମୋତେ ଗପ ଶୁଣାଇଲା। ଅବହେଳା ଯୋଗୁଁ ମଦନ କକାଙ୍କ କେମିତି ଆଖି ଦି'ଟା ଏକଦମ୍ ନଷ୍ଟ ହୋଇଗଲା। ଲୋକଟା ବୟସ ଥାଉଥାଉ କଷ୍ଟ ପାଇପାଇ ଚାଲିଗଲା। ବୋଉ ତାଗିଦା କଲା ମୋତେ। ଜଲଦି ଆସି ବାପାଙ୍କୁ ନେଇ ଅପରେସନ କରାଅ...। ବାପାଙ୍କୁ ପରିଷ୍କାର ଦେଖାଯିବ, ଏକଥା ଭାବି ମୁଁ ପ୍ରଥମେ ଘାବରେଇଗଲି। ପ୍ରତ୍ୟାଶାକୁ କହିବା ମାତ୍ରେ ସିଏ ଜିଭ କାମୁଡି ପକାଇଲା। ମୁଁ ସୁଜୟକୁ ଫୋନ୍ କଲି। ସୁଜୟ ସାନ ମୁଁ ବଡ଼। ଜୟ। ସିଏ ବୋଧେ ବାହାର କାମରେ ଥିଲା। ବିରକ୍ତ ହେଲା। କହିଲା-ବେକାର କଥା ସବୁ। ଏଗୁଡା ଖାଲି ବୋଉର ନାଟ। ମୁଁ ଭାବିଲି, ଝିଲ୍ଲୀକୁ ଜଣାଏ। ଅବଶ୍ୟ ସିଏ ବୋଉଠୁ ଜାଣିସାରିବଣି। ତା'ର ବୋଉସହ ନିତିଦିନିଆ ଟେଲିକାଷ୍ଟ।

ଝିଲ୍ଲୀ ଆଗ ହସିଲା। କହିଲା-ବାପାଙ୍କୁ କାହିଁକି କମ୍ ଦିଶିବମ ଭାଇ ? ତଥାପି ତୁ ଥରେ ଯା'। ବୋଉର ମନଟା ବୁଝ। ମୁଁ ମୋ' କାମ ଆଳକରି ବେଶ୍ କିଛିଦିନ ପାରି ପାଇଗଲି। ବୋଉ ଥିଲା ନଛୋଡ଼ବନ୍ଧା। ଫୋନ୍ ଉପରେ ଫୋନ୍। ଦିନେ ନିଷ୍ପତ୍ତି ନେଲି ଗାଁ କୁ ଯିବି। ପ୍ରତ୍ୟାଶା ପ୍ରଥମେ କଳି କଲା ଓ ଶେଷରେ ମୋତେ ସର୍ତ୍ତମୂଳକ ଅନୁମତି ଦେଇଦେଲା।

ଗାଁଛକରେ ଓହ୍ଲାଇଲା ବେଳେ ଦେଖିଲି ବାପା। ମୋଟରସାଇକେଲ୍ ଧରି ଛିଡାହୋଇଛନ୍ତି। ବୋଉଟା ଯେ ଏତେ ଚାଲାଖ ହେଲାଣି ମୁଁ ଜାଣିପାରିନି

କେମିତି ? ପଚାରିଲି -

- ସଂଜଟାରେ ତୁମେ ଗାଡି ନେଇ...!

- ଆଗ ତୁ ବସ ଜଲଦି। ଅନ୍ଧାର ହେଲାଣି ପା ...

ବାପା ଆଜିଯାଏଁ ଚଲାନ୍ତି। ମୁଁ ପଛରେ ବସେ। ମୁଁ ଚଲାଇବା କଥା କହିଲେ ଚିଡ଼ନ୍ତି ।

ଘରେ ପହଞ୍ଚି ଆଗ ବୋଉକୁ ପଚାରିଲି -

- ଦିଶୁନି ପା' ତାଙ୍କୁ ? ସିଏ ବିକଳ ହେଇ ଚାହିଁଲା ମୋତେ। ଯେମିତି କି ପୁଅଟେ' ହେଇକି ନିଜ ମା' କଥାକୁ କେମିତି ଅବିଶ୍ୱାସ କରିପାରୁଛି ମୁଁ ?

ବୋଉ କିଛି କହିବା ପୂର୍ବରୁ ବାପାଙ୍କ ବସାରୁ କଣଗୋଟେ ଶବ୍ଦ ହେଲା। ଖୁବ୍ ଜୋରରେ। ଧାଇଁଲା ବୋଉ। ପଛେପଛେ ମୁଁ।

ଫୁଲଦାନୀଟା ପଡି ଚୁନା ହୋଇଯାଇଛି ତଳେ। ବାପା ଅପରାଧୀଙ୍କ ପରି କହିଲେ - ହାତ ବାଜିଗଲା ...

ମୁଁ ଏବେ ସଅଳ ପଚାରିନେଲି -

- ସତରେ କଣ ବାପା ତୁମକୁ ଭଲକି ଦିଶୁନି ଆଉ ? କେବେଠୁଁ ଏମିତି? ବାପା ଉତ୍ତର ଦେଉଥିଲେ - ଏଇତ ମାତ୍ର ଅଂଧ ହୋଇଯାଇଛି ରେ ପୁଅ ....

ଘଟଗାଁ, କେନ୍ଦୁଝର



# ମିଡିଲ୍ ଏଜ୍ ସାଇକୋଲୋଜି



ଚିନ୍ମୟୀ ବାରିକ

ମଧ୍ୟ ବୟସ୍କା ନାରୀମାନଙ୍କ ଭିତରେ ମାନସିକତା କିଛି ଅଲଗା ପ୍ରକାରର ହୋଇଥାଏ। ସେମାନେ ସବୁ କିଛି ଦାୟିତ୍ୱ କର୍ତ୍ତବ୍ୟକୁ ସୂଚାରୁ ରୂପରେ ସମ୍ପନ୍ନ କରୁଥିଲେ ଓ ଗହଳି ଭିତରେ ରହୁଥିଲେ ମଧ୍ୟ ନିଜ ଭିତରେ ଗୋଟିଏ ଖାଲିପଣ ଅନୁଭବ କରି ଥାଆନ୍ତି। ଭାବନ୍ତି ଜୀବନରେ ଅନେକ ସମୟ ଅନ୍ୟମାନଙ୍କ ସହ ସାଲିସ୍ ରେ ଚାଲିଗଲା।ହୁଏତ ଟିକେ ସ୍ୱାର୍ଥପର ହୋଇଥିଲେ ଭଲ ହୋଇ ଥାଆନ୍ତା।ନିଜ ଉପରେ ଟିକେ ଧ୍ୟାନ ଦେଇଥିଲେ ଆଜି ଯେଉଁଠି ଅଛନ୍ତି ତାହାଠାରୁ ନିଶ୍ଚୟ ଗୋଟିଏ ଉନ୍ନତ କ୍ଷେତ୍ରରେ ରହି ପାରି ଥାଆନ୍ତେ। ସେମାନେ ସମସ୍ତଙ୍କୁ ସ୍ନେହ ପ୍ରେମରେ ବାନ୍ଧି ରଖିଲେ ମଧ୍ୟ ସାଧାରଣତଃ କାହାକୁ ହଠାତ୍ ବିଶ୍ୱାସ କରି ପାରନ୍ତି ନାହିଁ। ସବୁ ଜାଗାରେ ସବୁ ପରିସ୍ଥିତିରେ ନିଜକୁ ଚଳାଇବାରେ ଅଭ୍ୟସ୍ତ ହୋଇ ପଡିଲେ ମଧ୍ୟ ଆତ୍ମଭିମାନ ଜିନିଷଟି ତାଙ୍କ ପାଖରେ ଦେଖାଯାଏ। ଯାହା ଅନ୍ୟମାନଙ୍କ ପାଇଁ ବେଳେ ବେଳେ ଅହଂକାର ବୋଲି ପ୍ରଦର୍ଶୀତ ହୁଏ। ପ୍ରେମଠାରୁ ବନ୍ଧୁତ୍ୱକୁ ଅଧିକ ଗୁରୁତ୍ୱ ଦିଅନ୍ତି।ସତ କହିଲେ ସମ୍ମାନ ପାଇବାର କ୍ଷୁଧା ବି ତାଙ୍କ ପାଖରେ ବଳବତ୍ତର ହୁଏ। ଯେଉଁଠାରେ ବର୍ଷ ବର୍ଷ ଧରି ନିଜକୁ ସାଲିସ୍ କରାଇ ଥାଆନ୍ତି ସେହିଠାରେ ସେମାନେ ଅଚାନକ ଦୃଢ ଭାବରେ ନିଜର ଇଛାକୁ ପ୍ରତିପାଦନ କରନ୍ତି। ସବୁ କଥା ରେ ଅଯଥା ପ୍ରଶ୍ନ କରିବା ଗୋଟେ ଅଭ୍ୟାସରେ ପାଲୋଟି ଯାଏ ।ବେଳେ ବେଳେ ସଂସାର ଓ ସମାଜ ପ୍ରତି ବି ଅନାସକ୍ତ ହୋଇ ପଡନ୍ତି।ଶରୀରରେ ହରମୋନ୍ ର ଅସନ୍ତୁଳତା ଯୋଗୁଁ ଚିଡ୍ ଚିଡ୍ ସ୍ୱଭାବ ମଧ୍ୟ ଘାରି ବସେ।ଶାରିରୀକ ପରିବର୍ତ୍ତନ ଯୋଗୁଁ ମାନସିକ ଅସ୍ଥିରତା ଆସେ।ବୟସ ଲୁଚାଇବାର ମଧ୍ୟ ଯଥା ସାଧ୍ୟ ଚେଷ୍ଟା କରନ୍ତି।ନୂଆ କିଛି ହେବାର କିମ୍ବା କରିବାର ଇଛା ଥିଲେ ମଧ୍ୟ ନିଜକୁ ଅସମର୍ଥ ଭାବି ପଛାଇ ଯାଆନ୍ତି।ଆତ୍ମ ବିଶ୍ୱାସ କମ୍ ହୋଇ ପଡେ।ଜୀବନରେ କିଛି କରି ପାରିଲିନି ବୋଲି ନିଜକୁ ଦୋଷୀ କରିବସନ୍ତି।ଅତୀତରେ କଣ କଣ ହରାଇଛନ୍ତି ବୋଲି ବାରବାର ଘାରି ହୁଅନ୍ତି।ବେଳେ ବେଳେ ଅତୀତର ସୁକ୍ଷ୍ମ ସ୍ମୃତିରେ ବୁଡି ଯାଆନ୍ତି।ଅଦ୍ଭୁତ ଅଦ୍ଭୁତ କଳ୍ପନା ବି ମନରେ ଆସେ।କେହି କେହି ନିଜକୁ ପାଗଳ ବୋଲି ମଧ୍ୟ ଭାବି ବସନ୍ତି। ଯାହା ତାଙ୍କ ପାଇଁ ଖରାପ ପ୍ରଭାବ ପକାଏ।କିଛି ନାରୀ ପ୍ରଖର ଆସ୍ତିକରୁ ନାସ୍ତିକ ବି ହୋଇ ଯାଆନ୍ତି।ଗୋଟିଏ ମୁକ୍ତ ପରିବେଶ ଲୋଡା କରନ୍ତି। ସେମାନେ ବାରବାର କୁହନ୍ତି ଡିପ୍ରେସନ୍‌ରେ ଅଛନ୍ତି ବୋଲି।



# ଜୀବନର ଅର୍ଥ ଆତ୍ମସ୍ୱୀକୃତି

ସମୟରେ ଛାୟାଚିତ୍ର



ଡକ୍ଟର ଲକ୍ଷ୍ମଣ ସାହୁ



ଦୋସ୍ତୋଇଭସ୍କିଙ୍କ ମତରେ ଆଜି ଆମେ ଜୀବନର ଅର୍ଥ ଭୁଲିଯାଉଛୁ। ଯଦି ଆମେ ପୁସ୍ତକର ସମର୍ଥନ ହରାଇବା, ତେବେ ଆମେ ଦିଗହୀନ ହୋଇଯିବୁ। କାହା ସହିତ ସମ୍ପର୍କ ସ୍ଥାପନ କରିବା, କାହାକୁ ଭଲ ପାଇବା କିମ୍ବା କାହାକୁ ସମ୍ମାନ କରିବା ତାହା ଆମେ ହରେଇ ବସିବୁ।

କିଛି ସ୍ମୃତି ଅଛି ଯାହା ମୋତେ ତୀକ୍ଷ୍ଣ କଣ୍ଟା ପରି ବିନ୍ଧାଏ। ସମୟର ଛାୟାଚିତ୍ର ବଦଳିବ ଯାଏ। କିନ୍ତୁ ମନରେ ଖୋଦିତ ଏପରି ଅଭିଜ୍ଞତା ଗୁଡ଼ିକ ଲିଭିଯାଏ ନାହିଁ। ସେଗୁଡ଼ିକ ଆମକୁ ଥରାଇ ଥାଏ, ତଥାପି ସେଗୁଡ଼ିକ ନିଜକୁ ବୁଝିବାର ସୁଯୋଗ ମଧ୍ୟ ପ୍ରଦାନ କରେ। ମୋର ଏପରି ଅନେକ ତିକ୍ତ ସ୍ମୃତି ଅଛି। ଯଦିଓ ମୁଁ ପ୍ରଥମେ ପ୍ରଥମେ ଲେଖିବା ସମୟରେ ଲଜ୍ଜିତ ଅନୁଭବ କରୁଥିଲି। ତଥାପି ମୁଁ ଅନୁଭବ କରୁଥିଲି ଯେ ଆତ୍ମ-ସ୍ୱୀକୃତି ହେଉଛି ଆତ୍ମ-ଶୁଦ୍ଧିର ପ୍ରଥମ ପଦକ୍ଷେପ। ଯଦିଓ ଏହା କମ୍ ସାହିତ୍ୟ ଓ ଅଧିକ ଆତ୍ମ-ଦଣ୍ଡ, ଏଥିରେ ଆତ୍ମ-ସାକ୍ଷାତର ବୀଜ ରହିଛି।

ଆମ ଜୀବନର ବିଫଳତାକୁ ସ୍ୱୀକାର କରିବା ସହଜ ନୁହେଁ। ମୁଁ ଗୋଟିଏ କୋଣରେ ଡରି ରହି, ଅନୁକୂଳ ପରିବେଶର ଅଭାବ ଦର୍ଶାଇ, ନିଜକୁ ବାସ୍ତବ ଜୀବନରୁ ବିଚ୍ଛିନ୍ନ କରି ଭିତରେ ଥିବା ଘୃଣାକୁ ପୋଷଣ କରି ମୋ ଜୀବନକୁ ନଷ୍ଟ କରିଦେଇଛି। ହୁଏତ ଏହା ସ୍ୱୀକାର କରିବା ଅନେକଙ୍କ ପାଇଁ ଯନ୍ତ୍ରଣାଦାୟକ, କିନ୍ତୁ ଆବଶ୍ୟକ ମଧ୍ୟ। ଆମେ ସମସ୍ତେ କିଛି ପରିମାଣରେ ଜୀବନରୁ ବିଚ୍ଛିନ୍ନ ହୋଇଯାଇଛେ।ଏପରିକି ଭିତରେ ଭିତରେ କମ୍ ପଙ୍ଗୁ ହୋଇଯାଉଛେ। ଏହି ସ୍ୱୀକାରୋକ୍ତି ପରିବର୍ତ୍ତନ ଆଡ଼କୁ ପ୍ରଥମ ପଦକ୍ଷେପ ହୋଇପାରେ। ଆମେ ବାସ୍ତବ ଜୀବନରୁ ଏତେ ଦୂରରେ ଆସିଛେ ଯେ ଆମେ ଏହାକୁ ଦେଖି ବିରକ୍ତ ଅନୁଭବ କରିବା ଆରମ୍ଭ କରୁଛେ। ଆମେ ଏହାକୁ ଏକ କଷ୍ଟକର କାମ, ଏକ ବୋଝ ବୋଲି ବିବେଚନା କରୁ ଓ ପୁସ୍ତକ ଜଗତରେ ଆଶ୍ରୟ ଖୋଜୁ ସତ କିନ୍ତୁ ଫଳ ପାଇବା କଷ୍ଟକର ହୁଏ।

ତଥାପି କେତେବେଳେ ଆମେ ଅସ୍ଥିର ହୋଇଯାଉ, ଅନ୍ୟ କିଛି ପାଇଁ ଆଗ୍ରହୀ ହୋଇଯାଉ। ଯଦିଓ ଆମେ ନିଜେ ଜାଣି ନାହୁଁ ଯେ ସେହି "ଅନ୍ୟ କିଛି" କ'ଣ। ଯଦି ଆମର ପ୍ରତ୍ୟେକ ଇଚ୍ଛା କିମ୍ବା ଅଧିକ ପାଇଁ ଇଚ୍ଛା ପୂରଣ ହୁଏ, ତେବେ ଆମେ ଆହୁରି ଅଧିକ ଦ୍ୱନ୍ଦ୍ୱରେ ପଡ଼ିଯାଇପାରୁ। କଳ୍ପନା କରନ୍ତୁ, ଯଦି ଆମକୁ ଲଗାମ ମୁକ୍ତ କରି ଦିଆଯାଏ, ଯଦି ଆମଠାରୁ ନିୟନ୍ତ୍ରଣ ହଟାଇ ଦିଆଯାଏ, ତେବେ କ'ଣ ଆମେ ପ୍ରକୃତରେ ଏହାକୁ ପରିଚାଳନା କରିପାରିବା ? ହୁଏତ କଦାପି ସମ୍ଭବ ନୁହେଁ। ଏହା ଏକ କଠୋର ଓ ନିଷ୍ଠୁର ସତ୍ୟ। ଆମେ ପ୍ରାୟତଃ ଆମର କାପୁରୁଷତାକୁ ବିଚକ୍ଷଣତା ଭାବରେ ଲୁଚାଇ ଦେଉଛୁ ଓ ଆତ୍ମ-ପ୍ରତାରଣାରେ ସାନ୍ତ୍ୱନା ପାଇଥାଉ। ମୁଁ ଯେଉଁ ଅତ୍ୟଧିକତା ଗ୍ରହଣ କରିଛି ତାହା କେବଳ ଏକ ପ୍ରବୃତ୍ତିର ଚରମ ରୂପ। ଯାହାକୁ ଅନେକ ଲୋକ ନିଜ ଭିତରେ ରଖନ୍ତି , କିନ୍ତୁ ସ୍ୱୀକାର କରିବାକୁ ମନା କରନ୍ତି। ହୁଏତ ଏହି କାରଣରୁ ମୁଁ ଏବେ ବି ଜୀବନ ପାଇଁ ଏକ ପ୍ରବଳ ଆଗ୍ରହ ପୋଷଣ କରୁଛି।

ବର୍ତ୍ତମାନର ପରିସ୍ଥିତି ଏପରି ଯେ ଆମେ ଜୀବନର ପ୍ରକୃତ ଅର୍ଥ ଭୁଲିଯାଉଛୁ। ଯଦି ଆମେ ପୁସ୍ତକର ସମର୍ଥନ ହରାଇବା, ତେବେ ଆମେ ଦିଗହୀନ ହୋଇଯିବା। ଆମେ କାହା ସହିତ ସମ୍ପର୍କ ସ୍ଥାପନ କରିବା, କାହାକୁ ଭଲ ପାଇବା, କାହାକୁ ସମ୍ମାନ କରିବା ଜାଣିପାରିବା ନାହିଁ। ଆମେ ପ୍ରକୃତ ମଣିଷ ମାଂସ ଓ ରକ୍ତ ଦେହଧାରୀ ମଣିଷ ହୋଇ କାହିଁକି ସଂକୋଚ କରୁ। ଆମେ କେବଳ ବ୍ୟକ୍ତିଗତ ଅମୂଲ୍ୟ ଆଦର୍ଶ ପଛରେ ଲୁଚିବାକୁ ଚେଷ୍ଟା କରୁ। ଆମେ ଚିନ୍ତାରେ ଜନ୍ମ ନେବାକୁ ଚେଷ୍ଟା କରୁ। କାରଣ ବାସ୍ତବତାର ଓଜନ ଆମପାଇଁ ଅସହ୍ୟ ମନେହୁଏ।

କିନ୍ତୁ ଆମକୁ ଅଟକି ଯିବା ଓ ପ୍ରତିଫଳିତ ହେବା ଉଚିତ୍। ଯଦି ଆମେ ନିଜ ଭିତରେ ଥିବା ଏହି ନକାରାତ୍ମକ ପ୍ରବୃତ୍ତିଗୁଡ଼ିକୁ ଚିହ୍ନି ପାରିବା, ତେବେ ହୁଏତ ଆମେ ସେଗୁଡ଼ିକୁ ଅତିକ୍ରମ କରିବାର ଏକ ଉପାୟ ପାଇପାରିବା। ତାହା ହେଉଛି ଆତ୍ମ-ସ୍ୱୀକୃତି। ଯେତେ କଠୋର ହେଉ ନା କାହିଁକି, ଜଣେ ବ୍ୟକ୍ତିକୁ ପୁନର୍ଜନ୍ମ ଆଡ଼କୁ ନେଇଯାଇପାରେ। ଏବେ କହିବାକୁ ଚାହୁଁଛି ଯେ ଆମେ ଜୀବନରୁ ମୁହଁ ଫେରାଇବା ନୁହେଁ, ବରଂ ଏହାର ସମ୍ମୁଖୀନ ହୋଇପାରିଲେ ନିଜକୁ ପାଇପାରିବା।

ତେଣୁ ନିଜକୁ ନିଜେ ତ୍ରୁଟିଗୁଡ଼ିକ ଗ୍ରହଣ କରିନେବା ଉଚିତ୍। ଏହାର ସରଳ ସୂତ୍ର ଜୀବନର ତିକ୍ତ ସ୍ମୃତି ଓ ବିଫଳତାକୁ ଗ୍ରହଣ କରିବା କାପୁରୁଷତା ନୁହେଁ, ବରଂ ସାହସର ଏକ ଲକ୍ଷଣ। ବାସ୍ତବ ଜୀବନର ଚ୍ୟାଲେଞ୍ଜକୁ ଭୟରେ ପୁସ୍ତକ କିମ୍ବା ଆଦର୍ଶରେ ଲୁଚି ରହିବା ପରିବର୍ତ୍ତେ ବାସ୍ତବତାର ସାମ୍ନା କରିବା ହିଁ ଆମକୁ ଜୀବନ୍ତ କରିଥାଏ। କେବଳ ସେହି ବ୍ୟକ୍ତି ଯିଏ ନିଜର ତ୍ରୁଟିକୁ ଗ୍ରହଣ କରେ ଓ ଆତ୍ମ-ସାକ୍ଷାତ ହାସଲ କରେ, ସେହି ବ୍ୟକ୍ତି ନିଜକୁ ପରିବର୍ତ୍ତନ କରିବାର ଶକ୍ତି ରଖେ।

ଏଠାରେ କହିବା ବାହୁଲ୍ୟ ଜୀବନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରେ ଓ ପ୍ରତ୍ୟେକଙ୍କୁ ତାଙ୍କର କାର୍ଯ୍ୟ, ଧୈର୍ଯ୍ୟ ଓ ମନୋଭାବ ମାଧ୍ୟମରେ ଏହାର ଉତ୍ତର ଦେବାକୁ ପଡିବ। ଯାହାର ବଞ୍ଚିବାର "କାହିଁକି" ଅଛି, ସେ ପ୍ରାୟ ଯେକୌଣସି "କିପରି" ସହ୍ୟ କରିପାରିବ। ଏହି ଜୀବନର ଅର୍ଥ କ'ଣ ?

ଜୀବନର ବ୍ୟସ୍ତବହୁଳତା ମଧ୍ୟରେ ଆମେ ପ୍ରାୟତଃ ନିଜକୁ ପଚାରୁ, "ଏ ସବୁର ଅର୍ଥ କ'ଣ ?" ଯେତେବେଳେ ପରିସ୍ଥିତି ଆମ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ଓ ଦୁଃଖର ଗଭୀରତା ଆମକୁ ଘେରିଯାଏ, ଉତ୍ତର ଖୋଜିବା ଆହୁରି କଷ୍ଟକର ହୋଇଯାଏ। କିନ୍ତୁ ମାନବ ଚେତନାର ସବୁଠାରୁ ବଡ଼ ଶକ୍ତି ହେଉଛି ଶୂନ୍ୟସ୍ଥାନରେ ମଧ୍ୟ ସଙ୍ଗୀତ ଖୋଜିବାର କ୍ଷମତା।

କଳ୍ପନା କରନ୍ତୁ ଜଣେ ବ୍ୟକ୍ତିଙ୍କଠାରୁ ତାଙ୍କ ଘର, ପରିବାର, ପରିଚୟ ଓ ପୋଷାକ ଛଡ଼ାଇ ନିଆଯାଇଛି। ସେ ଯେ ଜଣେ ଯୋଦ୍ଧା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜି ଏକାଗ୍ରତା ଶିବିରର ନର୍କମୟ ବାସ୍ତବତା ମଧ୍ୟରେ ବଞ୍ଚିଥିଲେ। ଯେଉଁଠାରେ ତାଙ୍କର ମୃତ୍ୟୁ ପ୍ରତ୍ୟେକଟି ମୁହୂର୍ତ୍ତରେ ଦ୍ୱାର ଠକ୍ ଠକ୍ କରୁଥିଲା। ଶୂନ୍ୟ ଅନ୍ଧକାର କୋଠରୀ ଭିତରେ ସେ ଅନୁଭବ କଲେ ବାହ୍ୟ ଜଗତ ସବୁକିଛି ଛଡ଼ାଇ ନେଇଗଲେ ମଧ୍ୟ, ତାଙ୍କର ଏକ ଶକ୍ତି ରହିଛି। ଯାହାକୁ କେବେ କୌଣସି ଏକଛତ୍ରବାଦୀ ଛଡ଼ାଇ ନେଇପାରିବ ନାହିଁ। ତାଙ୍କର ପରିସ୍ଥିତି ପ୍ରତି ନିଜର ପ୍ରତିକ୍ରିୟା ବାଛିବାର ସ୍ୱାଧୀନତା ରହିଛି। ଏହି ନିରବତା ବନ୍ଦୀ ଯୋଦ୍ଧା ସେ ଶିବିର ଭିତରେ ଏକ ବିପ୍ଳବୀ ସତ୍ୟ ଆବିଷ୍କାର କଲେ। ସେ ଦେଖିଲେ ଯେ ଯେଉଁମାନେ ଶାରୀରିକ ଭାବରେ ଶକ୍ତିଶାଳୀ ଥିଲେ ସେମାନେ ପ୍ରାୟତଃ ଶୀଘ୍ର ଭାଙ୍ଗି ପଡ଼ିଲେ। କିନ୍ତୁ ଯେଉଁମାନେ ମାନସିକ ଭାବରେ ଏକ ଉଦ୍ଦେଶ୍ୟ ସହିତ ଜଡିତ ଥିଲେ ସେମାନେ ବଞ୍ଚିଗଲେ।

ପ୍ରକୃତରେ ଯେତେବେଳେ ଜୀବନ କଷ୍ଟରେ ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ସେମାନେ ବ୍ୟକ୍ତି ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି ଯେ ସେମାନଙ୍କ ଜୀବନ ଅର୍ଥହୀନ , ତେବେ ସେମାନେ ଜୀବନ ଠାରୁ ହାରି ଗଲେ। କିନ୍ତୁ ଯଦି ସେମାନେ ସେମାନଙ୍କ ଦୁଃଖର ଅର୍ଥ ପାଆନ୍ତି, ତେବେ ସେହି ଦୁଃଖ ସେମାନଙ୍କର ଶକ୍ତି ହୋଇଯାଏ। ସେହି ଦୁଃଖ ହିଁ ସେମାନଙ୍କର ସ୍ଥିରତା ଓ ଆତ୍ମବିଶ୍ୱାସର ଉତ୍ସ ପାଲଟିଯାଏ।

ଅର୍ଥାତ୍ ସେଦିନର ସେହି ନଜର ବନ୍ଦୀଯୋଦ୍ଧା ଅନୁଭବ କଲେ ଓ ବୁଝିପାରିଲେ ଯେ ତାଙ୍କ ଅସ୍ତିତ୍ୱ ଗୁରୁତ୍ୱପୂର୍ଣ୍ଣ ଓ ତାଙ୍କ ଜୀବନର ଏକ ମହତ୍ ଉଦ୍ଦେଶ୍ୟ ଅଛି, ସେତେବେଳେ ତାଙ୍କ ଜୀବନ ସ୍ୱୟଂଚାଳିତ ଭାବରେ ପରିବର୍ତ୍ତନ ହୋଇଯାଇଥିଲା। ତା'ପରେ ସେ ନିଜ ଦୁଃଖକୁ ବୋଝ ଭାବରେ ନୁହେଁ, ବରଂ ଏକ ଦାୟିତ୍ୱ ଭାବରେ ଦେଖିଥିବେ। ଏହି ଦୃଷ୍ଟିକୋଣ ତାଙ୍କୁ ପରିସ୍ଥିତିର ଶିକାର ହେବାକୁ ପଡ଼ିନଥିଲା। ବରଂ ତାଙ୍କୁ ବିଜେତାରେ ପରିଣତ କରିଦେଇଥିଲା ।

ଲୋକମାନେ ପ୍ରାୟତଃ ପଚାରନ୍ତି, "ଜୀବନର ଅର୍ଥ କ'ଣ ?" ମୁଁ ଭାବୁଛି ଏହା ଏକ ଭୁଲ ପ୍ରଶ୍ନ। ବରଂ ଆମେ ପଚାରିବା ଉଚିତ୍, "ଜୀବନ ଆମଠାରୁ କ'ଣ ଆଶା କରେ ?" ଜୀବନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରେ, ଓ ପ୍ରତ୍ୟେକେ ସେମାନଙ୍କର କାର୍ଯ୍ୟ, ଧୈର୍ଯ୍ୟ ଓ ମନୋଭାବ ମାଧ୍ୟମରେ ଏହାର ଉତ୍ତର ଦେବାକୁ ପଡିବ। ଯେଉଁମାନଙ୍କର ବଞ୍ଚିବା ପାଇଁ "କାହିଁକି" ଅଛି ସେମାନେ ପ୍ରାୟ ଯେକୌଣସି "କିପରି" ସହ୍ୟ କରିପାରିବେ। ଯେପର୍ଯ୍ୟନ୍ତ ଆମର ଏକ ଲକ୍ଷ୍ୟ, ଏକ କାର୍ଯ୍ୟ, କିମ୍ବା ଆମେ ଯାହାଙ୍କ ପାଇଁ ବଞ୍ଚୁଛୁ, ଆମର ଇଚ୍ଛାଶକ୍ତି ଅଟଳ ରହିଥାଏ। ଅର୍ଥ ପାଇଁ ଏହି ସନ୍ଧାନ ଏକ ବସ୍ତୁ ଧାରଣା ନୁହେଁ, ବରଂ ଆମେ ପ୍ରତିଦିନ ନେଉଥିବା ଛୋଟ ଛୋଟ ନିଷ୍ପତ୍ତିରେ ଲୁଚି ରହିଛି।

ବଞ୍ଚିବାର କାରଣ ଖୋଜିବା। ଜୀବନ ସମସ୍ତଙ୍କୁ ପ୍ରଶ୍ନ ପଚାରେ, ଓ ଜଣଙ୍କର କାର୍ଯ୍ୟ ଉତ୍ତର ପ୍ରଦାନ କରେ। ଯାହାର ବଞ୍ଚିବାର କାରଣ ଅଛି ସେମାନେ ଯେକୌଣସି ଦୁଃଖ ସହ୍ୟ କରିପାରିବେ। ତେଣୁ ଆପଣଙ୍କ ଜୀବନକୁ ଉଦ୍ଦେଶ୍ୟ, ଦାୟିତ୍ୱ ଓ ଅର୍ଥ ସହିତ ଯୋଡ଼ନ୍ତୁ। କାରଣ ଜୀବନର ପ୍ରକୃତ ଅର୍ଥ ସୁଖ ଖୋଜିବାରେ ନୁହେଁ, ବରଂ ପ୍ରତିକୂଳତାରେ ଅର୍ଥ ଖୋଜିବାର ଦାୟିତ୍ୱରେ ରହିଛି।

ଏକଦା ଜଣେ ଯିହୂଦୀ ସନ୍ନ୍ୟାସୀ ବାଲି ଉପରେ ଚାଲୁଥିଲେ। ସେ ବହୁତ ଦୂର ଯିବା ପରେ ହଠାତ୍ ତାଙ୍କର ଦୃଷ୍ଟି ପଛକୁ ଚାଲିଗଲା। ପଛକୁ ଚାହିଁ ସେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ସେ ବାଲି ଉପରେ ଏକା ଚାଲୁଥିଲେ, ତଥାପି ତାଙ୍କ ପଛରେ ଚାରି ପାଦ ଚିହ୍ନ ପଡିଥିଲା କେମିତି। ଆଶ୍ଚର୍ଯ୍ୟ ହୋଇ ଯିହୂଦୀ ସନ୍ନ୍ୟାସୀ ଚାରିପାଖକୁ ଚାହିଁଲେ ଓ ଭାବିବାକୁ ଲାଗିଲେ। ଯେତେବେଳେ ସେ କାହାକୁ ଦେଖିଲେ ନାହିଁ, ସେ ନିଜକୁ ପଚାରିଲେ, "ଯେତେବେଳେ ମୁଁ ଏକ କଷ୍ଟକର ସମୟ ଦେଇ ଗତି କରୁଥିଲି, ସେତେବେଳେ ମୁଁ ବହୁତ କଷ୍ଟରେ ଥିଲି, ମୁଁ ଏତେ କଷ୍ଟ କାହିଁକି ପାଇଲି ?" ମୁଁ ଯେତେବେଳେ ପିଲା ଥିଲି, କେହି ମୋ ସହିତ କଥା ହେବାକୁ ମଧ୍ୟ ପସନ୍ଦ କରୁନଥିଲେ। ତଥାପି ମୁଁ ପ୍ରାୟତଃ ଏହି ବାଲି ଉପରେ ଚାଲିଥିଲି ମୁଁ କେବେ ମୋ ପଛରେ ଚାରି ପାଦ ଦେଖିନଥିଲି। ସେତେବେଳେ କେବଳ ମୋର ପାଦଚିହ୍ନ ଛାପ ହୋଇଥିଲା। ଏହାର ଅର୍ଥ କ'ଣ , ଏହା ଯେ ଭଗବାନ ମଧ୍ୟ ମୋତେ କଷ୍ଟ ସମୟରେ ପରିତ୍ୟାଗ କରନ୍ତି ? ଆଜି ମୁଁ ଖୁସି ଓ ସନ୍ତୁଷ୍ଟ, ତେଣୁ ସେ ମୋ ସହିତ ଚାଲୁଛନ୍ତି। ଏହି ଚିନ୍ତାଧାରା ତାଙ୍କ ମନରେ ଆସିବା ମାତ୍ରେ ଯିହୁଦୀ ଫକୀର ଆକାଶରୁ ଏକ ସ୍ୱର ଶୁଣିଲେ, "ନା, ପୁଅ ତାହା ନୁହେଁ। ତୁମେ ଭୁଲ ଭାବୁଛ।" ସ୍ୱର୍ଗୀୟ ସ୍ୱରର ଜବାବ ଦେଇ ଯିହୁଦୀ ଫକୀର କହିଲେ, "ତେବେ ସତ୍ୟ କ'ଣ ? ତୁମେ ମୋତେ କୁହ।"

ଫକୀରଙ୍କ କାନରେ ଏକ ଶୂନ୍ୟ ସ୍ୱର ପହଞ୍ଚିଲା, "ଯେତେବେଳେ ତୁମେ ଖୁସି ହେବ, ହୁଏତ, ମୁଁ ତୁମ ସହିତ ଚାଲେ। ଏପରି ପରିସ୍ଥିତିରେ, ଦୁଇଟି ପାଦଚିହ୍ନ, ତୁମର ଓ ଅନ୍ୟ ଦୁଇଟି ମୋର। ଯେତେବେଳେ ସମସ୍ତେ ତୁମକୁ ଅସୁବିଧାରେ ଛାଡି ଚାଲିଗଲେ, ମୁଁ ତୁମକୁ ଛାଡି ନଥିଲି। ମୁଁ ତୁମକୁ ମୋ କୋଳରେ ଧରି ଚାଲିଥିଲି। ମୁଁ କେବେ ତୁମ ଠାରୁ ମୁହଁ ଫେରାଇ ନାହିଁ, କଷ୍ଟରେ ମଧ୍ୟ ନୁହେଁ। ଏହା ଶୁଣି ପୁଣି ତାଙ୍କ କାନରେ ସ୍ୱର ପହଞ୍ଚିଲା, ହଁ, କିନ୍ତୁ ଏତିକି ମନେରଖ ଯେ କଷ୍ଟ ଓ ଯନ୍ତ୍ରଣାରେ କେବେ ବନ୍ଦୀ ଯୋଦ୍ଧାଙ୍କ ଭଳି ସାହସ ହରାନ୍ତୁ ନାହିଁ, କେହି ମୋ ସହିତ ନାହାନ୍ତି ବୋଲି କଦାପି ଥରେ କୁହ ନାହିଁ। କାରଣ ମୁଁ ପ୍ରତି ମୁହୂର୍ତ୍ତରେ ତୁମ ସହିତ ଅଛି।

ଅତଏବ ଯେତେବେଳେ ଆପଣ ନିଜର ସ୍ୱାର୍ଥକୁ ଅତିକ୍ରମ କରି ନିଜକୁ ଏକ ମହାନ ଉଦ୍ଦେଶ୍ୟ ପାଇଁ ଉତ୍ସର୍ଗ କରନ୍ତି, ସେତେବେଳେ ଆପଣଙ୍କ ଚରିତ୍ର ପ୍ରସ୍ଫୁଟିତ ହୁଏ। ଆତ୍ମ-ସ୍ୱୀକୃତି, ଅନ୍ତର୍ଦୃଷ୍ଟି ଓ ନମ୍ରତା ସନ୍ତୁଳନ ସୃଷ୍ଟି କରେ, ସେତେବେଳେ କରୁଣା, ନ୍ୟାୟ ଓ କୌତୁହଳ ଆପଣଙ୍କ ଚରିତ୍ରକୁ ଆକାର ଦିଏ...!!!



ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

## 'ଭାରତୀ-ନାରୀ ସେ ନାରାୟଣୀ' ସମ୍ମିଳନୀରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ମାତୃଶକ୍ତିର ସଶକ୍ତିକରଣ ସମୟର ଆହ୍ୱାନ

### ୨୦୩୫ ସୁଦ୍ଧା ଗୋଲାମୀ ମାନସିକତା ପରିତ୍ୟାଗ କରିବା



ନୂଆଦିଲ୍ଲୀ,୮।୩(ସଂଚାର ବ୍ୟୁରୋ): ବିଚାରଗତ ଭ୍ରାନ୍ତି ଦୂର କରି ମାତୃଶକ୍ତିର ସଶକ୍ତିକରଣ ବର୍ତ୍ତମାନ ସମୟର ଆହ୍ୱାନ ବୋଲି ଆଜି ଏଠାରେ 'ଭାରତୀ-ନାରୀ ସେ ନାରାୟଣୀ'ର ଉଦ୍‌ଯାପନୀ ଅଧିବେଶନ 'କୃତି'ରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

'ଅନ୍ତର୍ଜାତୀୟ ମହିଳା ଦିବସ'ରେ ରାଷ୍ଟ୍ରୀୟ ବିଦ୍ୱତ ପରିଷଦ ଓ ରାଷ୍ଟ୍ର ସେବିକା ସମିତି ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ମହିଳା ବିଚାରକ ସମ୍ମିଳନୀରେ ଶ୍ରୀ ପ୍ରଧାନ ମାତୃଶକ୍ତିର ଗୌରବ ଗାନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ନାରୀ ତୁ ନାରାୟଣୀ' ଆମ ସଂସ୍କୃତି ଓ ସଭ୍ୟତାର ମୂଳ ଅବଧାରଣା। ଏହି ସମ୍ମିଳନୀ ସେହି ପବିତ୍ର ବିଚାରଧାରାର ଏକ ପ୍ରତିଫଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ୨୦୩୫ ସୁଦ୍ଧା ଭାରତକୁ ମାକାଉଲେଙ୍କ ଗୋଲାମୀ ମାନସିକତାରୁ ମୁକ୍ତ କରିବାକୁ ହେବ। ଏହି ଔପନିବେଶିକ ମାନସିକତା ଯୋଗୁଁ ସମାଜରେ ଯେଉଁ ବିଚାରଗତ ବିଭ୍ରାଟ ସୃଷ୍ଟି ହୋଇଛି, ତା'ର ସବୁଠାରୁ ଅଧିକ କ୍ଷତି ମାତୃଶକ୍ତି ସହିଛନ୍ତି। ଆମର ମୂଳ ପରମ୍ପରାକୁ ବଦଳାଇବା ପାଇଁ ହୋଇଥିବା ପ୍ରୟାସକୁ ଏବେ ସଂସ୍କାରରେ ପରିଣତ କରିବାର ସମୟ ଆସିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମହିଳା ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ହୋଇଥିବା ମନ୍ଥନ ପ୍ରଶଂସନୀୟ। ବେଟୀ ଓ ମାତୃଶକ୍ତିର ସଶକ୍ତିକରଣ ସଂକଳ୍ପକୁ ସିଦ୍ଧ କରିବା ପାଇଁ ଆମକୁ ଏକ ସମାବେଶୀ ଦୃଷ୍ଟିଭଙ୍ଗୀ ଓ ସାମଗ୍ରିକ ଦୃଷ୍ଟିକୋଣ ସହ ଆଗକୁ ବଢ଼ିବାକୁ ହେବ। ଶ୍ରୀ ପ୍ରଧାନ ଏହି ଦୁଇ ଦିନିଆ ସମ୍ମିଳନୀରୁ ନିର୍ଗତ ହୋଇଥିବା ଅମୃତ ବିଚାରକୁ ଦେଶବାସୀଙ୍କ ସମ୍ମୁଖରେ ପ୍ରଖରତାର ସହ ଉପସ୍ଥାପନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଟି. ପ୍ରଧାନ, ପ୍ରତିଷ୍ଠିତ ହିନ୍ଦୁ ସନ୍ନ୍ୟାସିନୀ ତଥା ସମାଜସେବୀ ପଦ୍ମଭୂଷଣ ସାଧ୍ୱୀ ରିତାମ୍ଭରା, ବହୁ ବିଶିଷ୍ଟ ମହିଳା ବିଚାରକ ଓ ଶିକ୍ଷାବିତ ଯୋଗଦେଇଥିଲେ।

## ନଗଦ ପାଇଁ ନାମ ନେଲେ...

### ଭୁବନେଶ୍ୱରରେ ଇନକମ୍ ଟ୍ୟାକ୍ସ ରେଡ୍




ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଅଡୁଆ ହେଲା ନଗଦ ଟଙ୍କାରେ କାରବାର। ଫନ୍ଦିଫିକର ପାଇଁ ହରଡ଼ଘଣାରେ ରେଷ୍ଟୁରାଣ୍ଟ ମାଲିକ। ଦିନତମାମ ଆୟକର ଚଢ଼ାଉ। ରେସ୍ତୋରାଁ ମାଲିକ ଅଭୟ କୁମାର ନାୟକଙ୍କ ଘର, ବ୍ୟାବସାୟିକ ପ୍ରତିଷ୍ଠାନ ଉପରେ ଆୟକର ବିଭାଗର ଚଢ଼ାଉ। ଅଭୟଙ୍କ ରଘୁନାଥପୁର ଘର, ପଟିଆରେ ଥିବା ମହୀଶୂର ଏକ୍ସପ୍ରେସ, ତନ୍ଦୁରିୱାଲା, ଚନ୍ଦ୍ରଶେଖରପୁରରେ ଥିବା ଏମ୍ବସି ସ୍କାଏ ଲାଉଞ୍ଜ, ପୁରୀରେ ଥିବା ରେସ୍ତୋରାଁ ଓ କଟକରେ ଥିବା ସ୍ପାଇସ ଭିଲେଜରେ ହୋଇଛି ମାରାଥନ ରେଡ୍। କୋଟି କୋଟି ଟଙ୍କା ଆୟ କର ଫାଙ୍କିବା ଅଭିଯୋଗରେ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିବା ଜଣାପଡ଼ିଛି। ପେଟପୂଜା ଆପ ଜରିଆରେ କୋଟି କୋଟି ଟଙ୍କା ଆୟ କର ଫାଙ୍କିବା ନେଇ ପ୍ରମାଣ ପାଇଛି ଆୟ କର ବିଭାଗ। ମିଳିଥିବା ସୂଚନା ମୁତାବକ 'ପେଟପୂଜା' ନାମକ ଆପ୍ଲିକେସନ ବ୍ୟବହାର କରୁଥିଲେ ଏହି ଫୁଡ୍ ଚେନ୍ ମାଲିକ ଜଣଙ୍କ। ଗରାଖ ଅନ୍‌ଲାଇନରେ ପେମେଣ୍ଟ କରୁଥିବା ବେଳେ ସର୍ଭର ଡାଉନ୍ ଥିବା ଦର୍ଶାଇ ପେମେଣ୍ଟ କ୍ୟାନ୍‌ସଲ କରିଦେଉଥିଲେ ସଂସ୍ଥା ମାଲିକ। ପରେ ନଗଦ ଟଙ୍କା ରିସିଭ କରୁଥିଲେ। ଫଳରେ ରାଜସ୍ୱ ହାନୀ ହେଉଥିଲା। ଏଭଳି କିଛି ଅଭିଯୋଗ ପାଇବା ପରେ ଭୁବନେଶ୍ୱର, କଟକ ଓ ପୁରୀରେ ଆୟ କର ବିଭାଗ ପକ୍ଷରୁ ମାରାଥନ ରେଡ୍ କରାଯାଇଛି।



## ସଂକଳ୍ପ ଦୃଢ଼ ଥିଲେ ବାଧକ ହେବନି ଦୃଷ୍ଟିଶକ୍ତି

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ସଂକଳ୍ପ ନିର୍ଦ୍ଦିଷ୍ଟ ଥିଲେ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିବନ୍ଧକ ହେବ ନାହିଁ ବୋଲି ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ଦୃଷ୍ଟିବାଧିତ ମହିଳା ସଙ୍ଘ, ବିନୋବା ସେବା ପ୍ରତିଷ୍ଠାନ ଓ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ମିଳିତ ଉଦ୍ୟମରେ ସ୍ନେହାଞ୍ଜଳି ମହାନ୍ତିଙ୍କ ପୌରାହିତ୍ୟରେ ଦୃଷ୍ଟିବାଧିତଙ୍କ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡକ୍ଟର ସେବା ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ଭିନ୍ନକ୍ଷମ କମିଶନର କସ୍ତୁରୀ ମହାପାତ୍ର, ପୂର୍ବତନ ଶିଶୁ କଲ୍ୟାଣ ସଦସ୍ୟା କଳ୍ପନା ଦାସ, ଶିକ୍ଷାବିତ ସୂର୍ଯ୍ୟକାନ୍ତ ପରିଡ଼ା, ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଯୋଗ ଦେଇଥିଲେ। ସଂଗଠନର ସମସ୍ତ ଦୈନିକ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱରରେ ନିଜସ୍ୱ କାର୍ଯ୍ୟାଳୟ ସକାଶେ ଏକ ସରକାରୀ କ୍ୱାର୍ଟର ନିତାନ୍ତ ଆବଶ୍ୟକ। ତେଣୁ ବିଧାୟକ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସଦସ୍ୟମାନେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଜଣାଶୁଣା ମହିଳା ସାମାଜିକ କର୍ମୀ ସୁଦୀପା ସରକାରଙ୍କ ସହଯୋଗରେ ଦୃଷ୍ଟିହୀନ ମହିଳାଙ୍କୁ ୧୦୦ ଖଣ୍ଡ ଶାଢ଼ି ବଣ୍ଟାଯାଇଥିଲା। ସଂଗଠନର ଉପସଭାପତି ସୁଶ୍ରୀ ସାହୁ, ସମ୍ପାଦିକା ମମତା ମିଶ୍ର, ସାବିତ୍ରୀ ସାମନ୍ତରାୟ, କୋଷାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗିରଫ ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ



କଟକ,୮।୩(ସଂଚାର ବ୍ୟୁରୋ): ଗିରଫ ହେଲେ କୋଟିପତି ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ପରେ ଆଜି ତାଙ୍କୁ କଟକ ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ତଦନ୍ତ ସମୟରେ ପ୍ରମୋଦ ରାୟଙ୍କ ପାଖରୁ କୋଟି କୋଟି ଟଙ୍କାର ସମ୍ପତ୍ତି ମିଳିଥିଲା। ଏସମ୍ପର୍କରେ ତାଙ୍କୁ ପଚାରିବାରୁ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଯାହାପରେ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ସୂଚନା ଅନୁସାରେ, ଏହି ଚଢ଼ାଉ ସମୟରେ ତାଙ୍କର ଭୁବନେଶ୍ୱରରେ ପ୍ରାୟ ୮ ହଜାର ବର୍ଗଫୁଟର ଏକ ଚାରି ମହଲା ଘର ଏବଂ ଚୌଦ୍ୱାରରେ ୫୨୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ଠାବ କରାଯାଇଛି। ଏହା ସହିତ ଭୁବନେଶ୍ୱର ଓ ଚୌଦ୍ୱାରରେ ଦୁଇଟି ଦାମୀ ପ୍ଲଟ୍, ନଗଦ ୪.୪୮ ଲକ୍ଷ ଟଙ୍କା ଏବଂ ପ୍ରାୟ ୩୯.୨୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ମଧ୍ୟ ଜବତ ହୋଇଛି। ଗିରଫ ଯନ୍ତ୍ରୀ ନିଜ ଆୟ ଠାରୁ ୧୨୯ ପ୍ରତିଶତ ସମ୍ପତ୍ତି ଆୟବହିର୍ଭୂତ ଭାବେ ଠୁଳ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଭିଜିଲାନ୍ସ ଏସପି। ପ୍ରମୋଦ ରାୟ ୧୯୮୮ ମସିହାରେ ମାତ୍ର ୧୫୦୦ ଟଙ୍କା ଦରମାରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିବା ବେଳେ କିଭଳି ଭାବେ ସେ ଏତେ ପରିମାଣର ସମ୍ପତ୍ତି ଠୁଳ କଲେ, ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।

### ଶଙ୍ଖ ଭବନରେ ଆନ୍ତର୍ଜାତିକ ମହିଳା ଦିବସ

## ବିଜୁବାବୁ ଥିଲେ ମହିଳା ସଶକ୍ତିକରଣର ପଥ ପ୍ରଦର୍ଶକ



- ମା'ମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦା ପାଇଁ ଲଢ଼େଇ ଜାରି ରହିବ
- ବିଜେପି ସରକାରରେ ନେତୃତ୍ୱ ସଙ୍କଟ ହୋଇଛି:ନବୀନ

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଶଙ୍ଖ ଭବନରେ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳ ପକ୍ଷରୁ ଏହି ଅବସରରେ ଆୟୋଜିତ ସମାବେଶକୁ ଉଦଘାଟନ କରି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ବିଜେପି ସରକାରରେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଛି। ନାରୀମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଶୁଣିବାକୁ କେହି ନାହାଁନ୍ତି ବୋଲି ନବୀନ କ୍ଷୋଭ ପ୍ରକାଶ କରିବା ସହ କେତେଦିନ ଏମିତି ଚାଲିବ ବୋଲି ପ୍ରଶ୍ନ କରିଥିଲେ।

ସେ କହିଥିଲେ ଯେ ବିଜେଡି ମା'ମାନଙ୍କ ସମ୍ପୂର୍ଣ୍ଣ ସଶକ୍ତିକରଣରେ ବିଶ୍ୱାସ କରେ। ଅନ୍ୟ ଦଳମାନଙ୍କ ପରି ଲୋକଦେଖାଣିଆ କାମ କରେ ନାହିଁ। ମା'ମାନଙ୍କ ମର୍ଯ୍ୟାଦା, ନିରାପତ୍ତା ଓ ସଶକ୍ତିକରଣ ପାଇଁ ବିଜେଡି ପ୍ରତିବଦ୍ଧତାର ସହ କାମ କରୁଛି। ବିଜେଡି ସରକାର ସମୟରେ ମା'ମାନଙ୍କ କଲ୍ୟାଣ ପାଇଁ ଅନେକ ଐତିହାସିକ ପଦକ୍ଷେପ ନିଆଯାଇଥିଲା। ମା'ମାନଙ୍କୁ ବିକାଶର ମୁଖ୍ୟ ଧାରାକୁ ଆଣାଯାଇଥିଲା। ମା'ମାନେ ହେଉଛନ୍ତି ବିଜେଡିର ନୀତି ଓ ଆଦର୍ଶର ବାର୍ତ୍ତାବହ ବୋଲି ନବୀନ କହିଥିଲେ।

ସମାଜର ବୃହତ୍ତର ବିକାଶରେ ମହିଳାମାନଙ୍କ ଗୁରୁତ୍ୱକୁ ବିଜୁବାବୁ ଭଲ ଭାବରେ ବୁଝିଥିଲେ ଏବଂ ସେ ଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ବାସ୍ତବରେ ବିଜୁବାବୁ ହିଁ ଥିଲେ ସାରା ଦେଶରେ ମହିଳା ସଶକ୍ତିକରଣର ପଥ ପ୍ରଦର୍ଶକ। ମା'ମାନଙ୍କ ପ୍ରକୃତ ସଶକ୍ତିକରଣ ସହ ସେମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିଜେଡିର ଲଢ଼େଇ ଜାରି ରହିବ ବୋଲି ନବୀନ କହିଥିଲେ। ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନାରୀନେତ୍ରୀମାନେ ମଧ୍ୟ ଯୋଗଦେଇଥିଲେ।

## ବଟି ମାଗି, ଯୁବ କଂଗ୍ରେସ ନେତା ଗିରଫ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): 'ମୋ ଏରିଆରେ କାମ କରିବୁ ଯଦି ମାଲ୍ ଦବୁ। ନହେଲେ ଦାନା ନବୁ।' ଏ କୌଣସି ଯାତ୍ରାର ସଂଳାପ ନୁହେଁ, ବରଂ ସରକାରୀ କାମରେ ବାଧା ଦେବା ସହ ବଟି ମାଗିବା ଅଭିଯୋଗରେ ଏଭଳି ଡାଇଲଗ ବାଜି କରି ଗିରଫ ହୋଇଛନ୍ତି ଭୁବନେଶ୍ୱର ଯୁବ କଂଗ୍ରେସ ସଭାପତି ଏମଡି. ଗୁଲଫାମ। ଅଭିଯୋଗକାରୀ ହେମନ୍ତ ବେହେରାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମାଠାରେ ମେସର୍ସ ୱାଲା ସାଇ ଆର୍ଥ ମୁଭର୍ସ ନାମକ ଠିକାଦାର ସଂସ୍ଥା ରାଜ୍ୟ ସରକାରଙ୍କ ସୁଭଦ୍ରା ପ୍ରୋଜେକ୍ଟ ପାଇଁ ଆରଏମସି ସାମଗ୍ରୀ ଯୋଗାଇଆସୁଥିଲେ। କିନ୍ତୁ ଗାଡ଼ି ଅଟକାଇ ଗୁଲଫାମ ଓ ତାଙ୍କ ସହଯୋଗୀ ଗତ ମାସେ ହେଲା ବଟି ମାଗି ଆସୁଥିଲେ। ବଟି ନ ଦେଲେ ଗାଡ଼ି ଭାଙ୍ଗିବାର ଧମକ ମଧ୍ୟ ଦେଉଥିଲେ। ଭୟରେ ପୂର୍ବରୁ ୩୦ ହଜାର ଟଙ୍କା ଚାନ୍ଦା ମଧ୍ୟ ନେଇଥିଲେ। କିନ୍ତୁ ଏଥିରେ ସନ୍ତୁଷ୍ଟ ନଥିଲେ ଗୁଲଫାମ। ଗତ ୫ ତାରିଖରେ ୧୦ ଲକ୍ଷ ଟଙ୍କା ବଟି ଦାବି କରି କଂକ୍ରିଟ ଭର୍ତ୍ତି ଗାଡ଼ିକୁ ଜବରଦସ୍ତି ଅଟକାଇଥିଲେ। ଗାଡ଼ି ଚାବି ଛଡ଼ାଇ ନେବାକୁ ବି ପଛାଇନଥିଲେ। ୧୦ ଲକ୍ଷ ଟଙ୍କା ବଟି ନଦେଲେ ଗାଡ଼ି କାଚ ଭାଙ୍ଗି ଦେବାର ଧମକ ମଧ୍ୟ ସେମାନେ ଦେଇଥିଲେ। ଧମକ ଦେବା ସମୟର ଏକ ଅଡିଓ ରେକର୍ଡିଂ ମଧ୍ୟ ଭାଇରାଲ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ଗୁଲଫାମଙ୍କୁ ଗିରଫ କରାଯାଇଛି। ପୂର୍ବରୁ ମଧ୍ୟ ତାଙ୍କ ନାଁରେ ଏକାଧିକ ଅଭିଯୋଗ ଥିବା କଥା ଜାଣିବାକୁ ପାଇଛି ଖଣ୍ଡଗିରି ଥାନା ପୁଲିସ।

## ପଥପ୍ରାନ୍ତ ନାଟକରେ ଜୀବନ୍ତ ହେଉଛି ନୂତନ ଆଇନ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ନ୍ୟାୟ ସଂହିତା ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନ କରାଯାଉଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଅପରାଧିକ ଆଇନର ନୂତନ ବ୍ୟବସ୍ଥା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ ତଦନ୍ତ ପ୍ରକ୍ରିୟା ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ଜୀବନ୍ତ ଓ ରୋଚକ ଭାବେ ଉପସ୍ଥାପନ କରାଯାଉଛି। କଳାକାରମାନଙ୍କ ଦ୍ୱାରା 'ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଉଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧସ୍ଥଳ, ୧୧୨ ଜରୁରୀକାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ନାଟକ ମାଧ୍ୟମରେ ଜୀବନ୍ତ କରାଯାଉଛି। ଅପରାଧ ଘଟଣାରୁ ଆରମ୍ଭ କରି ପୁଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରଦର୍ଶନୀକୁ ଆସୁଥିବା ଦର୍ଶକଙ୍କ ମଧ୍ୟରେ ବେଶ ଆକର୍ଷଣ ସୃଷ୍ଟି କରିଛି। ଓଡ଼ିଶା ପୁଲିସ ପକ୍ଷରୁ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଅପରାଧିକ ଆଇନ ଓ ନ୍ୟାୟ ବ୍ୟବସ୍ଥା ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ମହଲରେ ଆଦୃତ ହେଉଥିବା ପରିଲକ୍ଷିତ ହେଉଛି।

## ରାଜ୍ୟବ୍ୟାପୀ ମହିଳା ସଶକ୍ତିକରଣ ମହାସମାରୋହ




ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଶକ୍ତି, ସାମର୍ଥ୍ୟ ଏବଂ ଏକତାର ଏକ ଅନନ୍ୟ ପ୍ରଦର୍ଶନ ପୂର୍ବକ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଳିଙ୍ଗ ଷ୍ଟାଡିୟମରେ ଶତାଧିକ ମହିଳା ଭୁବନେଶ୍ୱରର ରାଜପଥରେ ଏକାଠି ହୋଇଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ଏହି ତିନି ଦିନିଆ ରାଜ୍ୟସ୍ତରୀୟ ଉତ୍ସବର ଏହି ମାରାଥନ ଥିଲା ଏକ ଅନନ୍ୟ ଅଂଶ। କାର୍ଯ୍ୟକ୍ରମକୁ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ଶୁଭାରମ୍ଭ କରିଥିଲେ। ମହିଳା କ୍ରୀଡ଼ାବିତ ଏବଂ ଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ମହିଳାମାନଙ୍କ ଶାରୀରିକ ସକ୍ଷମତା ହିଁ ସାମାଜିକ ପରିବର୍ତ୍ତନର ପ୍ରକୃତ କାଟାଲିଷ୍ଟ ବା ମାଧ୍ୟମ। ଆଜି ଏହି ଯୁବତୀମାନଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସ ଏବଂ ସଂକଳ୍ପ ଆମ ସାମୂହିକ ଭବିଷ୍ୟତର ଏକ ପ୍ରତିଛବି। ଯେତେବେଳେ ଜଣେ ମହିଳା ନିଜର ସ୍ୱାସ୍ଥ୍ୟ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦିଅନ୍ତି, ସେ ଏକ ମଜବୁତ ଏବଂ ସମାନତା ଭିତ୍ତିକ ସମାଜ ପାଇଁ ମୂଳଦୁଆ ପକାନ୍ତି ବୋଲି ସେ କହିଛନ୍ତି।

ଏହି ମାରାଥନ୍ ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡ଼ା ଜଗତର ଉଦୀୟମାନ ତାରକାମାନଙ୍କ ପ୍ରତିଭା ଦେଖିବାକୁ ମିଳିଥିଲା। ତିଗିରିଆ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଦୀପ୍ତିରାଣୀ ସାହୁ ଅସାଧାରଣ ଧୈର୍ଯ୍ୟ ଏବଂ ଗତିର ପ୍ରଦର୍ଶନ କରି ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍‌ର ସୁନିତା ସାନ୍ତା ନିଜର ଦୃଢ଼ ମନୋବଳ ଏବଂ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ପାଇଛନ୍ତି। ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ'ର ମାମିନା ମୁର୍ମୁ ନିଜର ଚମତ୍କାର ପ୍ରଦର୍ଶନ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ଏବଂ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ତଥା କ୍ରୀଡ଼ା ଓ ଯୁବସେବା ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ମହିଳା ଦିବସରେ ବିଏମ୍‌ସିର ଗଣଦୌଡ଼

## ମହିଳାଙ୍କ ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ: ବାଚସ୍ପତି



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ସ୍ୱଚ୍ଛତାର ବାର୍ତ୍ତା ନେଇ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କିତ ଶିକ୍ଷା, ସୂଚନା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଆୟୋଜିତ 'ସମ୍ପୂର୍ଣ୍ଣା'ର ପ୍ରାତଃ ଅଧିବେଶନରେ ମହିଳାଙ୍କ ସକାଶେ ଉଦ୍ଦିଷ୍ଟ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ମାଷ୍ଟର କ୍ୟାଣ୍ଟିନ ଛକରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ ବିଏମ୍‌ସି ମୁଖ୍ୟାଳୟଠାରେ ସରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ଏହାଛଡ଼ା ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର୍ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଅଧ୍ୟକ୍ଷା, କର୍ପୋରେଟର ମଞ୍ଚାସୀନ ଥିଲେ। ଏହି ଗଣଦୌଡ଼ରେ ୬୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ମହିଳାମାନଙ୍କର ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ। ସମସ୍ତେ ସୁରକ୍ଷିତ ରହି ବିକାଶର ମଙ୍ଗ ଧରନ୍ତୁ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ବ୍ୟକ୍ତ କରିଥିଲେ।

### ପୁଅର ମୁଣ୍ଡନ ପୂଜା ପାଇଁ ଯାଉଥିଲେ

## ଓଲଟିଲା ଭ୍ୟାନ୍: ୧୨ ଆହତ



ଦିଗପହଣ୍ଡି,୮।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ପିଲିକାଢ଼ିଅ ଗ୍ରାମ ନିକଟ କେରାଣ୍ଡି ମାଳ ପାହାଡ଼ ବାଙ୍କେଶ୍ୱରୀ ଘାଟି ରାସ୍ତାରେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଆର୦୭ଟି ୪୧୫୭) ନିୟନ୍ତ୍ରଣ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଏଥିରେ ୧୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ହରିଣା ଗ୍ରାମର ସୁବାସି ମହାକୁଡ଼ (୬୦), ଲକ୍ଷ୍ମୀ ମହାକୁଡ଼ (୫୦), ଶୁଭସ୍ମିତା ମହାକୁଡ଼ (୧୭), ସୁଦେଷ୍ଣା ଗୌଡ଼ (୪୫) ଓ ଧର୍ମପୁର ଗ୍ରାମର କୁନି ଗୌଡ଼ (୫୦)। ସମସ୍ତ ଆହତଙ୍କୁ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୫ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ପରିଚୟ ମିଳିପାରିନାହିଁ।

## ପେଟାନାଳ ପୁନରୁଦ୍ଧାର ଦାବିରେ ଅଭିନବ ପ୍ରତିବାଦ



କଟକ,୮।୩(ସଂଚାର ବ୍ୟୁରୋ): ପେଟା ନାଳ ଭିତରେ ପଶି ବିଧାୟିକାଙ୍କୁ ଧୂପକାଠି ବୁଲାଇ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। କଟକ ପେଟାନାଳର ପୁନରୁଦ୍ଧାର ପାଇଁ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ଅଭିଯୋଗ କରି ଆଜି ସୁବାଷ ସଙ୍ଗଠନ ପକ୍ଷରୁ ଏଭଳି ପ୍ରତିବାଦ କରାଯାଇଛି। ସଂଗଠନର ସଦସ୍ୟମାନେ ପେଟାନାଳର ଆଣ୍ଠୁଏ ପଙ୍କ ଭିତରେ ପଶି ପ୍ରତିବାଦ କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ ସାରା କଟକ ସହରର ନର୍ଦ୍ଦମା ଜଳ ଏହି ପେଟାନାଳ ଦେଇ ନିଷ୍କାସିତ ହୋଇଥାଏ। ନାଳରେ ଡ୍ରେନ ପାଣି ଯାଇ ନ ପାରିବା ଯୋଗୁଁ କଟକରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଗତ ନିର୍ବାଚନରେ ବାରବାଟୀ-କଟକରେ ମହମ୍ମଦ ମୋକିମ ବିଧାୟକ ଥିବା ବେଳେ ଏହି ପ୍ରତିବାଦ କରି ବିଫଳ ହୋଇଥିଲେ। ଏବେ ତାଙ୍କ ଝିଅ ସୋଫିଆ ଫିରଦୋସ ବିଧାୟିକା ଥିଲେ ବି ପେଟାନାଳ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଏଥିରେ ଫେଲ ମାରିଛନ୍ତି। ତେଣୁ ପେଟାନାଳ ସମସ୍ୟାର ସମାଧାନରେ ବିଫଳ ହୋଇଥିବା ଉଭୟ ବାପା ଏବଂ ଝିଅଙ୍କୁ ଦାୟୀ କରି ଏଭଳି ପ୍ରତିବାଦ କରାଯାଇଛି ବୋଲି ସଂଗଠନର ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି।



### ଦ୍ରୁତ ଗତି ଆଣିଲା ବିପତ୍ତି

## ଗଛରେ ପିଟିହେଲା ବାଇକ୍, ଆରୋହୀ ଗୁରୁତର

ବଲାଙ୍ଗୀର,୮।୩(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଦର ବ୍ଲକ ଡୁଡୁକାଶିରା ରୋଡ଼ରେ ଏକ ବୁଲାଣିଆ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇ ସ୍ଥାନୀୟ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଯୁବକ ଜଣଙ୍କ ବେଶ୍ ଦ୍ରୁତ ଗତିରେ ବାଇକ୍ ଚଳାଇ ଯାଉଥିବା ସମୟରେ ଅଚାନକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ତାଙ୍କ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲା। ଏଥିରେ ଆରୋହୀ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିଲେ। ଯୁବକ ଜଣକ ଗେଡ଼ାବାଞ୍ଜି ଗ୍ରାମର ସଞ୍ଜୀବ ଧରୁଆ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ସଞ୍ଜୀବ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଖବର ପାଇ ବଲାଙ୍ଗୀର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରବାସୀ ଓଡ଼ିଆ ସମାଜର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ




ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ଥର ଆୟୋଜିତ ହୋଇଛି ଓଡ଼ିଶା ଉତ୍ସବ। କୋଲକାତାସ୍ଥିତ ନ୍ୟାସନାଲ ଲାଇବ୍ରେରୀ ଅଡ଼ିଟୋରିୟମ୍ ଠାରେ ଆଜି 'ଓଡ଼ିଶା ଉତ୍ସବ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ନିଜର ଅଭିଭାଷଣରେ ସଂସ୍କୃତି ମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ସମୃଦ୍ଧ କଳା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଆମ ପ୍ରବାସୀ ଓଡ଼ିଆମାନେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ପ୍ରବାସୀ ଓଡ଼ିଆ ମାତୃଶକ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଆ ଘରର ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏହାକୁ ବିଶ୍ୱବିଦିତ କରିବା ଦିଗରେ ଆମ ମାତୃଶକ୍ତିର ଭୂମିକା ଅଗ୍ରଗଣ୍ୟ। ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଓଡ଼ିଶାର ସାଂସ୍କୃତିକ ରାଜଦୂତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନେ ଓଡ଼ିଶା ବାହାରେ ରହୁଛନ୍ତି ସତ, କିନ୍ତୁ ଓଡ଼ିଆମାନଙ୍କ ଭିତରୁ ଓଡ଼ିଶାକୁ କେହି କାଢ଼ି ପାରିବେ ନାହିଁ। ତେଣୁ ବିକଶିତ ଓଡ଼ିଶା-୨୦୩୬ ନିର୍ମାଣରେ ପ୍ରବାସୀ ଓଡ଼ିଆମାନଙ୍କ ଯୋଗଦାନ ଏକାନ୍ତକାମ୍ୟ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୯ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର

Monday 9 February 2026, Bhubaneswar


# ଜଙ୍କ ଫୁଡ୍: ମୃତ୍ୟୁକୁ ଆମନ୍ତ୍ରଣ

ଆଜିକାଲି ଜୀବନଧାରାର ତୀବ୍ରଗତିରେ ଜଣେ ବ୍ୟକ୍ତିର ସମୟ ଏତେ କମ୍ ହୋଇଯାଇଛି ଯେ, ଘରୋଇ ଭୋଜନ ପ୍ରସ୍ତୁତ କରିବାରେ ସେମାନଙ୍କର ଆଗ୍ରହ ହ୍ରାସ ପାଇଛି। ଏହାର ପରିଣାମରେ ଫାଷ୍ଟ ଫୁଡ୍ କିମ୍ବା ଜଙ୍କ୍ ଫୁଡ୍ - ଯାହା ବର୍ତ୍ତମାନ ସହରାଞ୍ଚଳରେ ପର୍ଯ୍ୟାପ୍ତ



ପରିମାଣରେ ଉପଲବ୍ଧ ଏକ ଏକ ଲୋକପ୍ରିୟ ବିକଳ୍ପ ଖାଦ୍ୟ ହୋଇଯାଇଛି। ପିଜ୍ଜା, ବର୍ଗର, ଫ୍ରେଞ୍ଚ୍ ଫ୍ରାଇଜ୍, କୋଲ୍ଡ ଡ୍ରିଙ୍କ୍ସ - ଏହାସବୁ ସ୍ୱାଦିଷ୍ଟ୍ୟରେ ଆକର୍ଷଣୀୟ ହୋଇଥାଏ, କିନ୍ତୁ ଏଗୁଡ଼ିକର ପରିପୂର୍ଣ୍ଣ ବାସ୍ତବତା ହେଉଛି ଏକ ନିର୍ମମ ସ୍ୱାସ୍ଥ୍ୟ ବିପଦ। ଏହା କେବଳ ଏକ ଭୋଜନ ନୁହେଁ, ବରଂ ଏକ ମରଣଫାନ୍ଦା ଯାହା ଆମ ଦେହକୁ ଭିତରୁ ନଷ୍ଟ କରିଦିଏ।

ଜଙ୍କ୍ ଫୁଡ୍‌ରେ ଅଧିକ ମାତ୍ରାରେ ଟ୍ରାନ୍ସ ଫ୍ୟାଟ୍, ଚିନି, କାର୍ବନ, ସୋଡିୟମ୍ ଓ କୃତ୍ରିମ ରଙ୍ଗ ରହିଥାଏ। ଏଗୁଡ଼ିକ କେବଳ କାଲୋରି ବୃଦ୍ଧି କରିଥାଏ। ସମାନ୍ତରାଳ ଭାବେ ମଣିଷ ଶରୀରରେ ପୋଷକ ତତ୍ତ୍ୱର ଅଭାବ ସୃଷ୍ଟି କରିଥାଏ। ଆମେରିକୀୟ କାର୍ଡିଓ ଭାସ୍କୁଲାର ସଂଘର ଏକ ଅଧ୍ୟୟନରେ ପ୍ରମାଣିତ ହୋଇଛି ଯେ, ନିୟମିତ ଜଙ୍କ୍ ଫୁଡ୍‌ର ବ୍ୟବହାର ହୃଦ ରୋଗ ସମ୍ଭାବନାକୁ ୪୦ ପ୍ରତିଶତ ବୃଦ୍ଧି କରିଥାଏ। ଏହା କୋଲେଷ୍ଟ୍ରୋଲ୍‌ର ମାତ୍ରା ବଢ଼ାଇ, ରକ୍ତନାଳୀରେ ପ୍ରତିରୋଧ ସୃଷ୍ଟି କରି ହୃଦ୍‌ସ୍ପନ୍ଦନ ଓ ହାର୍ଟ ଆଟାକର କାରଣ ହୁଏ। ଭାରତରେ ପ୍ରତ୍ୟେକ ବର୍ଷେ ଲକ୍ଷାଧିକ ଲୋକ ଏହି ରୋଗର ଶିକାର ହେଉଛନ୍ତି, ଯାହାର ମୂଳ କାରଣ ହେଉଛି ଏହି ଲୋଭାତୁର ଭୋଜନ।

ଅଧିକ ଚିନି ଓ ଫ୍ୟାଟ୍‌ରୁ ଜନିତ ଅନ୍ୟ ଏକ ବିପଦ ହେଉଛି ମଧୁମେହ (ଡାୟାବେଟିସ୍)। ଜଙ୍କ୍ ଫୁଡ୍‌ରେ ରହିଥିବା ରିଫାଇନ୍ଡ୍ ଚିନି ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ହଠାତ୍ ବୃଦ୍ଧି କରିଥାଏ, ଯାହା ଇନ୍ସୁଲିନ୍‌ର ଉତ୍ପାଦନକୁ ବିକୃତ କରି ଟାଇପ୍-୨ ଡାୟାବେଟିସ୍‌ର କାରଣ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଅନୁଯାୟୀ, ବିଶ୍ୱରେ ୪୨୨ ମିଲିୟନ୍ ଲୋକ ମଧୁମେହରେ ରୋଗୀ, ଯାହାର ୮୦ ପ୍ରତିଶତ କାରଣ ଅନୁପଯୁକ୍ତ ଭୋଜନ। ଭାରତରେ ଏହାର ହାର ଅଧିକ, ବିଶେଷତଃ ଯୁବପିଢ଼ୀଙ୍କ ମଧ୍ୟରେ। ଏହା କେବଳ ରକ୍ତରେ ଚିନିର ସ୍ଥାୟୀ ଅସ୍ଥିରତା ନୁହେଁ, କିନ୍ତୁ କିଡନୀ କ୍ଷୟ, ଦୃଷ୍ଟିହୀନତା ଓ ସନ୍ତାନ ସମସ୍ୟାର ଆକାର ନେଇଥାଏ।

ଅଧିକ ସୋଡିୟମ୍ ଓ ଟ୍ରାନ୍ସ ଫ୍ୟାଟ୍‌ରୁ ଜନିତ ଅନ୍ୟ ଏକ ବିପଦ ହେଉଛି ସ୍ଥୂଳତା (ଓବେସିଟି)। ଏକ ସାଧାରଣ ବର୍ଗର ମେନୁରେ ୧୦୦୦ରୁ ଅଧିକ କାଲୋରି ରହିଥାଏ, ଯାହା ଦୈନିକ ଆବଶ୍ୟକତାରୁ ଅଧିକ। ଏହା ଶରୀରରେ ଚର୍ବି ଜମା କରି ଉଚ୍ଚ ରକ୍ତଚାପ, ଲିଭର୍ ରୋଗ ଓ କ୍ୟାନ୍ସର୍‌ର ଆଶଙ୍କା ବଢ଼ାଇଥାଏ। ଏକ ଅଧ୍ୟୟନରେ ଦେଖାଯାଇଛି ଯେ, ନିୟମିତ ଜଙ୍କ୍ ଫୁଡ୍‌ଭୋକୀଙ୍କରେ ସ୍ଥୂଳତାର ହାର ୩୦ ପ୍ରତିଶତ ଅଧିକ। ଏହା କେବଳ ଶାରୀରିକ ନୁହେଁ, ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରି ଡିପ୍ରେସନ୍ ଓ ଚିନ୍ତାର କାରଣ ହୁଏ। ବାଳକମାନଙ୍କରେ ଏହାର ପ୍ରଭାବ ଅଧିକ ଭୟଙ୍କର- ସେମାନଙ୍କର ବୃଦ୍ଧି ରୋଧ ଓ ଭବିଷ୍ୟତରେ ମେଟାବୋଲିକ୍ ରୋଗର ଆଧାର ସ୍ଥାପନ କରିଥାଏ।

ଏହି ବିପଦଗୁଡ଼ିକର ମୁକାବିଲାରେ ସରକାର, ଉଦ୍ୟୋଗପତି ଓ ସମାଜର ସମ୍ମିଳିତ ଚେଷ୍ଟା ଆବଶ୍ୟକ। ଭାରତରେ ଜଙ୍କ୍ ଫୁଡ୍‌ରେ ଅଧିକ ଚିନି ଓ ଫ୍ୟାଟ୍‌ରୁ ନିୟନ୍ତ୍ରଣ ପାଇଁ ନିୟମ କଡ଼ା କରାଯାଇଛି, କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଶିକ୍ଷା ବ୍ୟବସ୍ଥାରେ ପୋଷଣ ବିଷୟରେ ସଚେତନତା ବଢ଼ାଇବା, ସ୍କୁଲରେ ଜଙ୍କ ଫୁଡ୍‌ର ବିକ୍ରୟ ରୋକିବା ଓ ଘରୋଇ ଭୋଜନକୁ ପ୍ରୋତ୍ସାହନ ଦେବା ଦରକାର। ଆମେ ନିଜମାନଙ୍କୁ ପ୍ରଶ୍ନ କରିବାକୁ ହେବ - ଏକ କ୍ଷଣିକ ସ୍ୱାଦ ପାଇଁ କ'ଣ ଆମ ସ୍ୱାସ୍ଥ୍ୟକୁ ହତ୍ୟା କରିବା ଉଚିତ କି?

ଜଙ୍କ ଫୁଡ୍ ଏକ ଆଧୁନିକ ବିପଦ ଯାହା ଆମ ପ୍ରଜାତିକୁ ଧ୍ୱଂସ କରୁଛି। ଏହାକୁ ପରିତ୍ୟାଗ କରି ସନ୍ତୁଳିତ ଭୋଜନ ଦ୍ୱାରା ଆମେ ଏକ ସୁସ୍ଥ ଭବିଷ୍ୟତ ନିର୍ମାଣ କରିପାରିବା। ବ୍ୟସ୍ତବହୁଳ ଜୀବନରେ ମା କିମ୍ବା ପତ୍ନୀମାନେ ସାମୟିକ କଷ୍ଟ ଦୂର କରିବାକୁ କିଣା ଖାଦ୍ୟ ଉପରେ ନିର୍ଭର କରୁଛନ୍ତି। ଏପରିକି ପିଲାମାନଙ୍କୁ ମଧ୍ୟ ଏଥିରେ ଅଭ୍ୟସ୍ତ କରାଉଛନ୍ତି। ଯାହା ପିଲାଙ୍କ ଭବିଷ୍ୟତକୁ ମହାବିପଦ ଆଡକୁ ଠେଲିଦେଉଛି। ପିଲାଙ୍କୁ ଶାରିରୀକ ବ୍ୟାୟମ, ସାଇକ୍ଲିଂ, ସ୍ୱିମିଂ ଆଦି ପ୍ରଶିକ୍ଷଣ ଦେବା ପରିବର୍ତ୍ତେ ହାତରେ ମୋବାଇଲ ଓ ପିଜ୍ଜା ଧରାଯାଉଛି। ଏହା ଦ୍ୱାରା ଅଭିଭାବକମାନେ ନିଜ ଭବିଷ୍ୟତ ପିଢ଼ୀ ପାଇଁ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି କହିଲେ ଭୁଲ ହେବନି।

# ମା' ଗୁଣେ ଝିଅ


ଡାକ୍ତର ଶୁଭଶ୍ରୀ ମିଶ୍ର




କୁହାଯାଏ-ଝିଅମାନେ ବାପାଙ୍କର ବେଶି ପ୍ରିୟ ଆଉ ପୁଅମାନେ ମା'ଙ୍କର ବେଶି ପ୍ରିୟ। ଏହା ତ ନିଶ୍ଚିତ ଭାବରେ ଠିକ୍ କଥା। କିନ୍ତୁ ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖିବା ଉଚିତ ଯେ, ଝିଅମାନେ ମା'ଙ୍କ ଠାରୁ ଅନେକ କଥା ଶିକ୍ଷା କରିଥାନ୍ତି। ଏହା ସେମାନଙ୍କର ଜନ୍ମଗତ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଶିଖାଇବା ପୂର୍ବରୁ ଝିଅମାନେ ମା'ମାନଙ୍କର ଅନେକ କଥାକୁ ନିଜ ଭିତରେ ଗ୍ରହଣ କରିନେଇଥାନ୍ତି। ବିଶେଷକରି, ନାରୀସୁଲଭ ଗୁଣଗୁଡ଼ିକୁ ସେମାନେ ସମସ୍ତଙ୍କ ଅଜାଣତରେ ତଥା ବିନା ଶିକ୍ଷାରେ ଗ୍ରହଣ କରିନେଇଥାନ୍ତି। ସେହିଭଳି ସନ୍ତାନର ଲାଳନପାଳନ ଗୁଣଟିକୁ ସେମାନେ କେବେ ବି ମା'ଙ୍କ ପାଖରେ ସୀମିତ ହୋଇ ରହିବାକୁ ଦିଅନ୍ତି ନାହିଁ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଝିଅଟିଏ ଯେତେବେ ବୟସ ପ୍ରାପ୍ତ ହୋଇଯାଏ ସେତେବେଳେ ସେ ତା ମନକୁମନ ମା'ଙ୍କ ଠାରୁ ସବୁକଥା ଶିଖିବାକୁ ଆରମ୍ଭ କରେ। ସେହିଭଳି ଅନେକ କିଛି ଗୁଣ ତା ନିଜ ଭିତରେ ଥାଏ। ଯାହା ବୟସର କ୍ରମାନ୍ୱୟରେ ସେସବୁ ତା ନିକଟରେ ଆତ୍ମପ୍ରକାଶ କରେ। ଏହି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ହେଉଛି ମାନବୀୟ ବ୍ୟବହାର (ବିଶେଷକରି ନାରୀଙ୍କ କ୍ଷେତ୍ରରେ)ର ଏକ ସିକ୍ରେଟ୍।

ଅଧ୍ୟୟନର ଫଳାଫଳ : ନାରୀମାନଙ୍କୁ ସାଧାରଣତଃ ରହସ୍ୟମୟୀ ବୋଲି କୁହାଯାଇଥାଏ। କିନ୍ତୁ ବାସ୍ତବରେ ଠିକ୍ କି ଭୁଲ ତାହା ଗବେଷଣା ସାପେକ୍ଷ। ତେବେ ସେମାନଙ୍କ ଗୁଣାବଳୀରେ ଅନେକ ରହସ୍ୟ ଖୁନ୍ଦିରୁନ୍ଦି ହୋଇ ରହିଛି ବୋଲି ବହୁ ପ୍ରମାଣିତ। ଏହି ତଥ୍ୟକୁ ଆଧାର କରି ଆମେରିକାର ଓହାୟୋ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା। ଷ୍ଟେଟ୍ ୟୁନିଭରସିଟିର ଏକ୍ସପର୍ଟମାନେ ଏହି ଗବେଷଣାକୁ ଫଳପ୍ରଦ କରିବା ପାଇଁ ଦୁଇ ଜେନେରେସନର ମହିଳାଙ୍କୁ ସାମିଲ କରିଥିଲେ। ଏହାବ୍ୟତୀତ, ସେହି ମହିଳାମାନଙ୍କର ବିଭିନ୍ନ ବୟସର ପିଲା, ବିଶେଷକରି ଝିଅମାନଙ୍କୁ ସାମିଲ୍ କରିଥିଲେ। ଏକାଧିକ ବର୍ଷଧରି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ, ଝିଅମାନେ ସିଧାସଳଖ ମା'ଙ୍କର ଗୁଣାବଳୀକୁ ଗ୍ରହଣ କରି ନେଉଛନ୍ତି, ଯାହା ପୁଅମାନଙ୍କ କ୍ଷେତ୍ରରେ ହେଉନାହିଁ। ସେହିଭଳି ଗବେଷକମାନେ ମା'ମାନଙ୍କୁ ଅନେକ କାମ କରାଇଥିଲେ ଆଉ ଝିଅମାନଙ୍କ କ୍ଷେତ୍ରରେ ତାହାର କିଭଳି ପ୍ରଭାବ ପଡୁଛି ସେକଥା ଦେଖିବାର ପ୍ରୟାସ କରିଥିଲେ। ଶେଷରେ ସେମାନଙ୍କର ଧାରଣା ସତ୍ୟ ପ୍ରତିପାଦିତ ହୋଇଥିଲା।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିପାଇଁ ଜିନ୍ସ ହିଁ ଦାୟୀ କରାଯାଇପାରିବ। କାରଣ ଜିନ୍ର ପ୍ରଭାବ ସମଲିଙ୍ଗୀଙ୍କ ଉପରେ ସର୍ବାଧିକ ପଡ଼ିଥାଏ। ବାୟୋଲୋଜିକାଲ ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାଙ୍କ ନିକଟରେ ସମଗୁଣର ଦୁଇଟି ଜିନ୍ ଥାଏ ଯାହାକୁ ପ୍ରାଣୀବିଜ୍ଞାନୀମାନେ ଇଂରାଜୀର 'ଏକ୍ସ' ଅକ୍ଷର ବୋଲି ନାମିତ କରିଥାନ୍ତି। ଅର୍ଥାତ୍ ଏକ୍ସ ଏକ୍ସ। ସେହି ଅନୁଯାୟୀ ଦୁଇ ମହିଳାଙ୍କ ମଧ୍ୟରେ ଅନେକ ମାନସିକ ସାମଞ୍ଜସ୍ୟ ମିଳି ପାରିଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମା' ଠାରୁ ଜିନ୍ ବାଟଦେଇ ଝିଅ ନିକଟକୁ ଅନେକ ଗୁଣ ଆସିବା ସ୍ୱାଭାବିକ। ଏହାକୁ ଆମେ ସାଧାରଣତଃ 'ସହଜାତ ଗୁଣ' ବୋଲି କହିଥାଉ। ଏହି ସହଜାତ ଗୁଣଗୁଡ଼ିକ ବୟସର କ୍ରମାନୁସାରେ ଆପଣାଛାଏଁ ଜଣକ ନିକଟରେ ଆତ୍ମ ପ୍ରକାଶ ହୋଇଥାଏ। ସେଥିପାଇଁ ଗ୍ରାମାଞ୍ଚଳରେ ବେଳେବେଳେ କୁହାଯାଏ - ମା' ଗୁଣେ ଝିଅ, ବାପ ଗୁଣେ ପୁଅ। ଅବଶ୍ୟ ଅନେକ କ୍ଷେତ୍ରରେ ଏହାର ବିରୋଧାଭାସ ଦେଖାଯାଏ। ଅର୍ଥାତ୍ ଝିଅଟିଏ ନିକଟରେ ମା'ର ସବୁ ଗୁଣ ପ୍ରକଟିତ ହୋଇନପାରେ। କିନ୍ତୁ ଭଲ ଭାବରେ ଧ୍ୟାନ ଦେଲେ ଅନେକ କ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ମା'ଙ୍କଠୁ ଝିଅ ଶିଖିବାର ଗୁଣଟି ପିଢ଼ି କ୍ରମରେ ପୁନରାବୃତ୍ତି ହୋଇଥାଏ। ଏହା ପୁନରାବୃତ୍ତି ହୋଇଥାଏ - ଅର୍ଥାତ୍ ମା'ଠୁ ଝିଅ ପାଖକୁ ଯେଉଁଗୁଣ ଆସିଥାଏ ସେହି ଗୁଣଟିକୁ ମା' ତାଙ୍କର ମା'ଠାରୁ ହିଁ ଶିଖିଥାନ୍ତି। ଠିକ୍ ସେହିଭଳି ଝିଅଟିଏ ତା ମା ଠାରୁ ଯେଉଁଗୁଣ ଶିଖିଥାଏ ବା ହାସଲ କରିଥାଏ ସେହିଗୁଣକୁ ତାର ଝିଅ ତା'ଠାରୁ ଗ୍ରହଣ କରି ନେଇଥାଏ। ଏହା ଏକ ଜୈବିକ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ଜିନ୍ର ଏହି ପ୍ରକ୍ରିୟା କେବେ ବି ବାଧାପ୍ରାପ୍ତ ହୋଇନଥାଏ। ଏକାଧିକ ଝିଅ ଥିଲେ ହୁଏତ ସମସ୍ତଙ୍କ ନିକଟକୁ ମା'ର ଗୁଣଟି ସଞ୍ଚରିତ ହୋଇଯାଏ। ମା' ଏବଂ ଝିଅଙ୍କ ମଧ୍ୟରେ ଏଭଳି ଜିନ୍ଗତ ବୁଝାମଣା ରହିଥିବା ବେଳେ ବାପ ଏବଂ ପୁଅଙ୍କ ମଧ୍ୟରେ ବି କିଛି ପରିମାଣରେ ଜିନଗତ ବୁଝାମଣା ରହିଥିବା ଅନୁମାନ କରାଯାଏ। ତେବେ ଏହାକୁ ନେଇ ଅଧ୍ୟୟନ କିମ୍ବା ଗବେଷଣା ହୋଇନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେ, ବାପାର ଅନେକ ଗୁଣ ପୁଅ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। ତେବେ ପୁଅଟିଏ ପ୍ରାପ୍ତ ବୟସ୍କ ହେବା ପରେ ହିଁ ପୁଅଟି ନିକଟରେ ବାପାଙ୍କର କିଛି ଗୁଣ ଠାବ କରାଯାଇପାରେ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ଦୂରଭାଷ:୯୮୬୧୪୬୩୪୦୬




# ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ଓ ସମ୍ଭାବନା




ମନଜିତ୍ ଦାସ


ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହା ହେଉଛି ଏଭଳି ଏକ ଟେକ୍ନୋଲୋଜି ଯାହା ମେସିନ ଓ କମ୍ପ୍ୟୁଟର ସହଯୋଗରେ ମଣିଷ ଭଳି ଭାବିବା, ବୁଝିବା, ନିର୍ମାଣ କରିବାର କ୍ଷମତା ରହିଛି। ଏହାକୁ ସଂକ୍ଷେପ ଓ ସରଳରେ ଏଆଇ କୁହାଯାଉଛି। ଏଆଇ ମେଶିନକୁ ସ୍ମାର୍ଟ ଭାବେ ନିର୍ମାଣ କରିବା ଅର୍ଥ ମଣିଷ ଭଳି କାମ କରିବାରେ ସକ୍ଷମ ହେବା। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ମାଧ୍ୟମ ହୋଇଛି। କାଳା, ସାହିତ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପରିବହନ ଆଦି ବିଭିନ୍ନ କ୍ଷେତ୍ରର ଏଆଇର ପ୍ରୟୋଗ କରାଯାଉଛି। ଚିତ୍ର ଆଙ୍କିବା ଠାରୁ ଆରମ୍ଭ କରି ଅନୁବାଦ, ଗଳ୍ପ, କବିତା, ଲିଖନ, ଆଲୋଚନା, ଗବେଷଣା ଆଦି ବିଭିନ୍ନ କାର୍ଯ୍ୟରେ ଏଆଇର ପ୍ରଭାବ ଦେଖିବାକୁ ମିଳୁଛି। ସାହିତ୍ୟ କ୍ଷେତ୍ରରେ ଏଆଇର ଭୂମିକା ଆଗାମୀ ଦିନରେ ସୃଜନଶୀଳ ମଣିଷ ପାଇଁ ଆହ୍ୱାନ ସୃଷ୍ଟି କରିବ ନିଶ୍ଚୟ। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ୮୬୭ଟି ବିଭିନ୍ନ ପେସା ସହିତ ଜଡ଼ିତ ୧୯୦୦୦ ପ୍ରକାରର କାର୍ଯ୍ୟ ଏଆଇ ଦ୍ୱାରା ପ୍ରଭାବିତ ହେବ। ଆର୍ଥିକ ସେବା, ପୁଞ୍ଜି ବଜାର, ବୀମା, ପେନସନ, ପରିଚାଳନା, ଶିଳ୍ପ ଆଦି କ୍ଷେତ୍ରରେ ଏଆଇର ବ୍ୟବହାର ସବୁଠାରୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ଏହାର ବହୁଳ ବ୍ୟବହାର ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ଚାକିରି ମଧ୍ୟ ଚାଲିଯିବ ଶିକ୍ଷା ଓ କ୍ୟାରିୟର ପରାମର୍ଶଦାତାଙ୍କ ୮୪ ପ୍ରତିଶତ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ ବୋଲି ବିଶ୍ୱ ଆର୍ଥିକ ମଞ୍ଚ ବା ଡବ୍ଲୁଇଏଫ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଏଆଇ ପ୍ରଭାବରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ୨୩ ପ୍ରତିଶତ ଚାକିରିର ଢାଞ୍ଚା ବଦଳି ଯିବ। କୃତ୍ରିମ ବୁଦ୍ଧିମତ୍ତା ମଣିଷ ପାଇଁ ଯେତେ ସୁବିଧାଜନକ, ସେତିକି ବିପଦପୂର୍ଣ୍ଣ ହୋଇପାରେ ବୋଲି ଅନେକ ବିଶେଷଜ୍ଞ ମତ ଦେଉଛନ୍ତି।





କୃତ୍ରିମ ବୁଦ୍ଧମତା ବା ଆର୍ଟିଫିସିଆଲ ଇଣ୍ଟେସଲେଜିନ୍ସ ଅର୍ଥ ହେଉଛି ମେଶିନ ଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିର ଅନୁକରଣ। ଏହା ଏପରି ପ୍ରଣାଳୀ ତିଆରି କରେ, ଯାହା ମଣିଷ ପରି ଭାବିପାରେ, ଶିଖିପାରେ, ତଥ୍ୟ ବିଶ୍ଳେଷଣ କରିପାରେ ଓ ନିଷ୍ପତ୍ତି ନେଇପାରେ। ଏଆଇ ବହୁଳ ତଥା ବିବିଧ ତଥ୍ୟ ଓ ଉଚ୍ଚ କମ୍ପ୍ୟୁଟିଙ୍ଗ ଶକ୍ତି ଉପରେ ଭିତ୍ତିକରି କାମ କରେ। ଏଥିପାଇଁ ମନୁଷ୍ୟର ଦୀର୍ଘଦିନର କାର୍ଯ୍ୟପ୍ରଣାଳୀ ଓ ଏହାର ପରିଣାମ ସମ୍ବନ୍ଧୀୟ ତଥ୍ୟକୁ ନେଇ ଅତି ଦକ୍ଷତା ସମ୍ପୂର୍ଣ୍ଣ କମ୍ପ୍ୟୁଟରକୁ ପ୍ରଶିକ୍ଷଣ କରିବାକୁ ପଡ଼େ। କୃତ୍ରିମ ବୁଦ୍ଧିମତା ହେଉଛି ଏକ ପ୍ରଯୁକ୍ତି, ଯାହା ମେଶିନ ଗୁଡ଼ିକକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ। ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି, ଅନୁଭବରୁ ଶିଖି, ନିଷ୍ପତ୍ତି ନେଇପାରେ।

ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦର୍ଶାଇ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଏଆଇ ପ୍ରଭାବୀ ସମ୍ମିଳନୀ। ବିଶ୍ୱସ୍ତରରେ ଏଆଇ ବା କୃତ୍ରିମ ବୁଦ୍ଧିମତାର ବ୍ୟବହାର ବଢ଼ୁଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତ ଏଆଇ ଷ୍ଟାକର ସମସ୍ତ ପାଞ୍ଚଟି ସ୍ତର ମଧ୍ୟରେ ୨୦୦ ବିଲିଅନ ଆମେରିକୀୟ ଡଲାରରୁ ଅଧିକ ନିବେଶ ଯୋଜନା ରଖିଛି। ସରକାରଙ୍କ ବିଶାଳ ପ୍ରସ୍ତୁତି ରହିଛି, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା ଏବଂ ଭାରତକୁ ବିଶ୍ୱରେ ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠା କରିବାରୁ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ। ଭାରତୀୟ ଯୁବପିଢ଼ୀଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ।'

ଭାରତରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢ଼ୁଛି। ଦେଶରେ ସାପ୍ତାହିକ ଦଶକୋଟି ସକ୍ରିୟ ଉପଯୋଗକାରୀ ରହିଥିବା ଜଣାଯାଇଛି। ତେବେ ଭାରତର ବୈଜ୍ଞାନିକ ଗବେଷଣା ଓ ସହଯୋଗ ପାଇଁ ଓପନ ଏଆଇର ନିଶୁଳ୍କ ଉପକରଣ ପ୍ରିଜମର ଉପଯୋଗ କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ତେବେ ଏଆଇ ସଂସ୍କୃତି ସହିତ ଜଡ଼ିତ ହେବାପରେ ଯୁବ ଓ ବିଦ୍ୟାର୍ଥୀବର୍ଗ କୌଶଳୀ ପଦ୍ଧତି ଗ୍ରହଣ କରି ନିଜ ଜ୍ଞାନର ବିକାଶ କରିବେ। ଏଆଇ ସାଥୀ ହୋଇପାରେ କିନ୍ତୁ ବିକଳ୍ପ ନୁହେଁ। ତେଣୁ ଚୁଡ଼ାନ୍ତ ନିଷ୍ପତ୍ତି ନେବା ସହ ଏଆଇର ବ୍ୟାପକ ବ୍ୟବହାର ଅନେକ କଳ୍ପନାଜଳ୍ପନା ମଧ୍ୟ ସୃଷ୍ଟି କରିଛି। ଏଆଇ ଜୀବନ ଶୈଳୀ ସହ ଶିଳ୍ପ ଜଗତରେ ମଧ୍ୟ ବିପ୍ଲବ ଆଣିଛି।

ଆଧୁନିକ ମଣିଷ ନିଜର ସୁଖ, ସୁବିଧା, ସୌହାର୍ଦ୍ଦ୍ୟ ତଥା ଜୀବନକୁ ସରଳ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଛି। ମଣିଷ ଦିନକୁ ଦିନ ପ୍ରକୃତି ଠାରୁ ଦୂରେଇ କଂକ୍ରିଟ ଜଙ୍ଗଲରେ ରହିବାକୁ ଶ୍ରେୟ ମଣୁଛି। କିନ୍ତୁ ଦିନକୁ ଦିନ ସମାଜରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଚାହିଦା ବଢ଼ିବା ଦ୍ୱାରା ଲୋକେ ସ୍ୱାର୍ଥକୈନ୍ଦ୍ରିକ ହେଉଛନ୍ତି। ନିଜର ବୁଦ୍ଧି ଖଟାଇବା ବଦଳରେ ଆମେ ମେଶିନ ଉପରେ ଅଧିକ ନିର୍ଭରଶୀଳ ହୋଇଯାଉଛୁ। ତେଣୁ କୃତ୍ରିମ ବୁଦ୍ଧିମତ୍ତା ଯାହାକି ଏକ ମେଶିନ ଦକ୍ଷତା ମଣିଷର ବୁଦ୍ଧିମତ୍ତାକୁ ବ୍ୟବହାର କରି ମେସିନ ଶିକ୍ଷା, ସମସ୍ୟା ସମାଧାନ, ନିଷ୍ପତ୍ତି ତଥ୍ୟ ବିଶ୍ଳେଷଣ, କାର ଚଳାଇବା, ଚେସ ଖେଳିବା ଭଳି କାର୍ଯ୍ୟ କରିବାକୁ ସକ୍ଷମ ହେଉଛି। ଏହାକୁ ଆମେ କହୁଛୁ କୃତ୍ରିମବୁଦ୍ଧିମତ୍ତା। ଏଆଇ ମାଧ୍ୟମରେ ଭଏସ ଆସିଷ୍ଟାଣ୍ଟ, ସୁପାରିଶ ଭଳି କାର୍ଯ୍ୟ କରାଯାଇ ପାରୁଛି। ବର୍ତ୍ତମାନ ସମୟରେ ମଣିଷର ଦୈନନ୍ଦିନ ଜୀବନରେ ଏହାର ଭୂମିକା ବଢ଼ିବାରେ ଲାଗିଛି। ଆଇଆଇଟି ଭୁବନେଶ୍ୱର ଓ ଏନଆଇଟି ରାଉରକେଲା ସଂସ୍ଥାମାନେ ଏଆଇ ଗବେଷଣା କ୍ଷେତ୍ରରେ ଆଗରେ ଅଛନ୍ତି। ଏହାର ପ୍ରଭାବରେ ଶିକ୍ଷା, କୃଷି, ବିପର୍ଯ୍ୟୟ ପରିଚାଳନା, ଖଣି ଓ ବୈଦ୍ୟୁତିକ ଶିଳ୍ପରେ ନୂତନ ନିଯୁକ୍ତି ସୃଷ୍ଟି ହେବ। ଏହା ମାଧ୍ୟମରେ ଆମେ ବିଶ୍ୱର ବଡ଼ ବଡ଼ ଟେକ୍ ଯାଏଣ୍ଟ ମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିପାରିବା ଓ ସ୍ଥାନୀୟ ପ୍ରତିଭାଙ୍କୁ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିପାରିବା। ଓଡ଼ିଶାରେ ଖଣି ଇସ୍ପାତ ଏବଂ ମାନୁଫାକ୍ଚରିଂ କ୍ଷେତ୍ରରେ ଏଆଇର ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ। ଏଆଇ ଦ୍ୱାରା ସ୍ମାର୍ଟ ମାଇନିଂ ଏବଂ ପ୍ରେଡିକ୍ଟିଭ ମେଣ୍ଟେନାନ୍ସ ସମ୍ଭବ ହେବ, ଯାହା ଉତ୍ପାଦନ ବୃଦ୍ଧି କରିବା ସହ ଦୁର୍ଘଟଣା ହ୍ରାସ କରିବ। ପାରମ୍ପରିକ ଶାରିରିକ ପରିଶ୍ରମ ବଦଳରେ ଏବେ ଡାଟା ଚାଳିତ ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ, ଯାହା କାର୍ଯ୍ୟଦକ୍ଷତାକୁ ନୂତନ ସ୍ତରକୁ ନେଇଯିବ। ଏଆଇ କେବଳ ସଫ୍ଟୱେର ନୁହେଁ, ଏହା ଅତ୍ୟାଧୁନିକ ଚିପ ଏବଂ ହାର୍ଡୱେର ଉପରେ ନିର୍ଭରଶୀଳ।

ଓଡ଼ିଶାରେ ଆମକୁ ଭିଏଲଏସଆଇ ଡିଜାଇନ ଏବଂ ଫାବଲେସ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ଉପରେ ଜୋର ଦେବାକୁ ହେବ। ଏଆଇ ମଣିଷର ବିକଳ୍ପ ନୁହେଁ, ବରଂ ସହଯୋଗୀ। କିଛି ପାରମ୍ପରିକ କାମ ହୁଏତ ସ୍ୱୟଂ ଚାଳିତ ହୋଇଯିବ, କିନ୍ତୁ ଏଆଇ ଡେଭଲପର, ଡାଟା ଆନାଲିଷ୍ଟ ଏବଂ ଏଆଇ ଏଥିକ୍ସ ବିଶେଷଜ୍ଞ ଭଳି ହଜାର ହଜାର ନୂଆ କର୍ମସଂସ୍ଥାନ ସୃଷ୍ଟି ହେବ। ଆମକୁ କେବଳ ନିଜର ଦକ୍ଷତା ବୃଦ୍ଧି ବା ଅପ୍ ସ୍କିଲିଂ କରିବାକୁ ପଡ଼ିବ। ମେସିନ ପାଖରେ ବୁଦ୍ଧି ଥାଇପାରେ, କିନ୍ତୁ ବିବେକ ଓ ସୃଜନଶୀଳତା କେବଳ ମଣିଷ ପାଖରେ ଅଛି। ମୂଳ ଜ୍ଞାନ ମଜଭୁତ ଓ ନୂତନ ଶିଖିବା ମନୋଭାବ ଥିଲେ କୌଣସି ପ୍ରଯୁକ୍ତି କାହାର ଚାକିରୀ ନେଇପାରିବ ନାହିଁ, କାମର ପ୍ରକୃତି ମାତ୍ର ପରିବର୍ତ୍ତନ ହୁଏ। ପ୍ରଥମେ ଆମ ପାଠ୍ୟକ୍ରମରେ ପରିବର୍ତ୍ତନ ଆବଶ୍ୟକ। ସ୍କୁଲ ଓ କଲେ ସ୍ତରରୁ ଏଆଇ ଏବଂ କୋଡିଂ ଶିକ୍ଷା ଦିଆଯିବା ଉଚିତ। ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରମାନେ କେବଳ ଥିଓରି ନୁହେଁ, ବରଂ ପ୍ରାକ୍ଟିକାଲ ଜ୍ଞାନ ପାଇପାରିବେ। ସରକାରଙ୍କ ଏଆଇ ପଲିସି ଅଧିକ ନିବେଶକ ଅନୁକୂଳ ହେବା ସହ ଏକ ସମର୍ପିତ ଏଆଇ ଗବେଷଣା କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା ହେବା ନିତାନ୍ତ ଜରୁରୀ। ଯଦି ଦୀର୍ଘମିଆଦୀ ଯୋଜନା, ଦକ୍ଷ ମାନବ ସମ୍ପଦ ଓ ଶିଳ୍ପ ସହଯୋଗ ରହେ, ତେବେ ଓଡ଼ିଶା ଭାରତର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର କେନ୍ଦ୍ର ହୋଇପାରିବ। କହିବାକୁଗଲେ ସାମ୍ପ୍ରତିକ ସମୟରେ ଏଆଇକୁ ମଣିଷ ଯେଉଁ ଦିଗରେ ନେବ, ଭବିଷ୍ୟତ ସେହିପରି ଗଢ଼ା ହୋଇପାରିବ ନିଶ୍ଚୟ। ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପ୍ରବନ୍ଧନ ଓ ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ମାତ୍ର ଏହାର ଅପବ୍ୟବହାର ଓ ନିୟନ୍ତ୍ରଣହୀନତା ଦ୍ୱାରା ବିପୁଳ ସଙ୍କଟର ଆଶଙ୍କା ରହିଛି। ସୁତରାଂ ଏହାର ଉପଯୁକ୍ତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ଆମେ ଏହାକୁ ନିଜର ଜଣେ ଶ୍ରେଷ୍ଠ ବନ୍ଧୁ ରୂପରେ ବ୍ୟବହାର କରି ମାନବ ସଭ୍ୟତାର କଲ୍ୟାଣ ସାଧନ କରିପାରିବା।


ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ
ଗୁରୁଗ୍ରାମ, ହରିୟାନା


# ସର୍ବଜ୍ଞାନେ ଧୂରୀଣ ରାମଲକ୍ଷ୍ମଣ




ଉତ୍କଳାନନ୍ଦ ଅଜୟ କୁମାର ବେହେରା


ବର୍ତ୍ତମାନର ଆଧୁନିକ ଯୁଗ ଯେ ଏକ ଭିତ୍ତି ଉପରେ ପ୍ରତିଷ୍ଠିତ ଏହା ଭୁଲ ନୁହେଁ। ଆଜି ଉଡାଜାହାଜ ମାଲମାଲ, ଯୁଦ୍ଧ ବିମାନ ଅନେକ ଧାରଣର ଦେଖିବାକୁ ମିଳୁଛି ହେଲିକାପ୍ଟର ଅନେକ ଧନୀଙ୍କ ଯାତ୍ରା ଯାନ ହେଲାଣି ବହୁ ପୋଲ ସେତୁ ଲୋକଙ୍କୁ ଦୁର୍ଗମ ନଦୀ ବା ପାହାଡ଼ ଏପାଖ ସେପାଖ କରିବାରେ ସହାୟକ। ଯୁଦ୍ଧରେ ପଦାତିକ ସେନାଙ୍କୁ ଆକାଶରୁ ଆକ୍ରମଣ କରାଯାଉଛି, ଜଳମାର୍ଗରେ ସୁଡ଼ଙ୍ଗ ପଥରେ ଯାନ ଚଳିଲାଣି ଏହିସବୁ ପ୍ରାଚୀନ ପନ୍ଥାର ସଂସ୍କାର କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ କେତେ ପ୍ରକାରର ଯୁଦ୍ଧ ହୋଇପାରେ ଆଉ ଶତ୍ରୁର ଯୁଦ୍ଧ ଅସ୍ତ୍ରକୁ କେମିତିକା ପଣ୍ଡ କରାଯାଇପାରେ ଏହା ବି ଅତୀତରେ ଥିଲା। ଦାଶରଥି ରାମ ଓ ତାଙ୍କ ଅନ୍ୟ ତିନି ଅନୁଜ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଏହି ଚାରିଜଣଙ୍କୁ ରାଜମହଲରୁ ଦୂରେଇ ରଖି ଦାଶରଥ ଜଙ୍ଗଲରେ ବଶିଷ୍ଟଙ୍କ ଜଙ୍ଗଲ ଆଶ୍ରମରେ ରାଜ୍ୟ ପରିଚାଳନା ପାଇଁ ଅତି ଦରକାର ଆସିବା ପାଠ ପାଇଁ ରାଜମହଲର ରାଜସିକ ଅନ୍ନ ବ୍ୟଞ୍ଜନ, ରାଜସିକ ପୋଷାକ ଦାସ ଦାସୀ ସବୁ ପରିତ୍ୟାଗ କରି ନିଜର ଦୈନନ୍ଦିନ କାର୍ଯ୍ୟ ନିଜେ କରିବା ଜାଣିବି ରାଜ ଓ ତାଙ୍କ ରାଣୀମାନେ ପୁଅଙ୍କୁ ଅଗମୀ ଜୀବନର ସିଦ୍ଧହସ୍ତ ପାଇଁ ମମତାକୁ ଚାପି ପଠାଇଥିଲେ।

ବିଦ୍ୟା ଅଧ୍ୟୟନରେ ପ୍ରଥମେ ଯେ ପରିପଦ୍ଧତି ଅନୁସୃତ ହେଉଥିଲା ସେଥିରେଏକ ସାଥେ ଶାରୀରିକ ଅଭିବୃଦ୍ଧି ପାଇଁ ବ୍ରହ୍ମଚର୍ଯ୍ୟର ବ୍ରତ ଶୁଦ୍ଧ ସାତ୍ତ୍ୱିକ ଭୋଜନ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ, ନିତ୍ୟକର୍ମ ଝଟପଟରେ ଶେଷକରି ସମୂହ ପ୍ରାର୍ଥନା ପ୍ରାତଃ ବ୍ୟାୟାମରେ ନିମଗ୍ନ ତାପରେ ଜଳଖିଆ ଲଘୁ ଆହାର ପରେ ଗୁରୁଙ୍କ ସାନ୍ନିଧ୍ୟରେ ରହି ପ୍ରାକୃତିକ ପରିବେଶ ବୃକ୍ଷ ତଳେ ପାଠ ପଢ଼ା, ନିଜେ ନିଜର କାମ କରିବା, ବଗିଚା କାମ କରି ପନିପରିବା ଚାଷକରି ଭୋଜନ ପାଇଁ ଶାକ ଶବଜି ସଂଗ୍ରହ କରିବା ରୋଷାଇ ପାଇଁ ଜଙ୍ଗଲରୁ ନିତ୍ୟ କାଠ ସଂଗ୍ରହ କରି ଆଣିବା, ଗୋ ସେବା କରିବା ଗୋଗ୍ରାସ ସଂଗ୍ରହ କରିବା ଏହି ସେବାଗୁଡ଼ିକରେ ତାଲିମ ଓ ମୂଲ୍ୟବାନ ଶିକ୍ଷା ଗଭୀର ଭାବରେ ଜଡ଼ିତ ରହୁଥିଲା। ପଶୁସେବା ବୃକ୍ଷ ସେବାରେ ପ୍ରକୃତିକୁ କେମିତିକା ମାନବ ଜୀବନରେ ହିତରେ ଲଗାଯାଇପାରିବ ଏହା ଜଡ଼ିତ ଏହା ସହ ଗୋଷ୍ଠୀଗତ ଜୀବନ ଭାଇଚାରା ରକ୍ଷା, ସାମ୍ୟବାଦ ଜୀବନ ସହ ଗୁରୁ ସର୍ବସ୍ୱ ସମୟ କାଟିବା ଏହା କଦାପି ରାଜମହଲରେ ରହି କରାଯାଇ ନପାରେ। ରାଜ ଉପବନ କରିପାରନ୍ତି, କିନ୍ତୁ ବନ ଉପବନ ମଧ୍ୟରେ ଅନେକ ତଫାତ ବନ ଭଗବାନଙ୍କ କୃତି ଯହିଁରେ ତହିଁରେ ଜଳସେଚନ ଋତୁଚକ୍ରରେ ଦେବରାଜ ଇନ୍ଦ୍ର କରୁଛନ୍ତି ମାତ୍ର ଉପବନ ମାନବ ଚେଷ୍ଟାରେ ରାଜ ଧନରେ ହୋଇଛି। ଉପବନରେ ତପସ୍ୟା କେହି କରି ସିଦ୍ଧ ହୋଇଛି ଏମିତି ନାହିଁ। ବନ ତପସ୍ୟାର କ୍ଷେତ୍ର, ଏପରିକି ନିର୍ବାସନ ଦଣ୍ଡ ଉପବନରେ ନୁହେଁ ବନ ଗମନରେ ହେଉଥିଲା, ପୂର୍ବେ ମୁକ୍ତ କାରାଗାର ହିଁ ବନ ଜଙ୍ଗଲ ଥିଲା। ଜଙ୍ଗଲ ଅଧିବାସୀ ଜଙ୍ଗଲଜୀବ ପଶୁ ପକ୍ଷୀ ଜଙ୍ଗଲର ଫଳମୂଳ ପତ୍ର ଚେର ମୂଳ ସହକୁ ଜଙ୍ଗଲ ବାସରେ ଜାଣିହେବ, ଜଙ୍ଗଲରେ ବହୁଥିବା ନଦୀ ଝରଣା ଜଳର ଗୁଣ ଶାସ୍ତ୍ରୀୟ ମର୍ଯ୍ୟାଦା ସମ୍ପନ୍ନ ଏଥିରେ ଧାତବ ଲବଣ ସୂର୍ଯ୍ୟ କିରଣରେ ଥିବା ଅନେକ ଦିବ୍ୟ ତେଜ ଜ୍ୟୋତି, ବିଭିନ୍ନ ବନୌଷଧି ବୃକ୍ଷର ଚେର ସଂସ୍ପର୍ଶରେ ଆସିବାରୁ ଜଳ ମହାଔଷଧି ସଦୃଶ ଅତି ମୂଲ୍ୟବାନ।

ଏସବୁରେ ରାମ ରାମାନୁଜ ମାନେ ଅଭ୍ୟସ୍ଥ ହେବା ସହ ଋଷିମାନେ ଚାରି ଭାଇଙ୍କୁ ରାଜ୍ୟ ପରିଚାଳନା ପାଇଁ ମ୍ୟାନେଜମେଣ୍ଟ ଗୁରୁ ରୂପେ ରାମଙ୍କୁ ରାଜକାର୍ଯ୍ୟ ପ୍ରଜାପାଳନ ରାଜ୍ୟକୁ ବାହ୍ୟ ଶତ୍ରୁ ଓ ରାଜ୍ୟ ମଧ୍ୟରେ ଶତ୍ରୁଙ୍କୁ କିପରି ସନ୍ଧି ବିଗ୍ରହରେ ଆୟତ୍ତ କରାଯାଇପାରିବ, ଶତ୍ରୁତା ଅବସାନ ପାଇଁ ଅନ୍ୟ ରାଜବଳ ସହାୟତା ନେବା ଏପରିକି ଅନେକ ଶିକ୍ଷା ଦେବାସହ, ଦୂରରୁ ବଳବାନ ଶତ୍ରୁକୁ ଭୟାତୁର କରି ରଖିବାପାଇଁ ଧନୁର୍ବେଦର ଧନୁ ସଞ୍ଚାଳନ ପ୍ରକ୍ରିୟା ଶିକ୍ଷା ଦିଆଯାଇଥିଲା। ଏହି ଧନୁ ବିଦ୍ୟାରେ ବର୍ତ୍ତମାନ ଉତକ୍ଷେପିତ ଅସ୍ତ୍ର ସମୂହର ମୂଳ ତତ୍ତ୍ୱ ଜଡ଼ିତ। ଅସ୍ତ୍ରକୁ ଅଗ୍ନୀ ସହ ଯୋଡ଼ି ଉତକ୍ଷେପଣ ଦ୍ୱାରା ଶତ୍ରୁ ବଳ ଦମନ କରିବା ସବୁ କୌଶଳ ରାମ ଶିକ୍ଷା କରିବା ସହ ଲକ୍ଷ୍ମଣ ଶିକ୍ଷା ପାଇଥିଲେ କାରଣ ରାଜ୍ୟ ଚଳାଇବାକୁ ରାଜା ଯେମିତି ଦରକାର ରାଜ୍ୟକୁ ଶତ୍ରୁର ଆକ୍ରମଣରୁ ରକ୍ଷା ସେନାନାୟକଙ୍କ କାମ, ଗୁରୁ ଲକ୍ଷ୍ମଣଙ୍କୁ ସେନାପତି ପାଇଁ ପ୍ରସ୍ତୁତ କରାଇଥିଲେ। ଭରତଙ୍କୁ ରାଜ ମୁଖ୍ୟ ସଚିବ ଭାବରେ କେତେ ବେଳେ କିପରି ରାଜାଙ୍କୁ ଶାସନରେ କେଉଁ ନୀତି ପ୍ରୟୋଗରେ ରାଜ୍ୟର ପ୍ରଜା, ଅନ୍ୟ ରାଜନ୍ୟ ବର୍ଗ, ରାଜ ପରିଷଦ, ଏମିତିକି ରାଜ ଅନ୍ତପୁରସ୍ଥ ପରିଜନ ମାନେ ରାଜ ଆନୁଗତ୍ୟ ହୋଇ ରହିପାରିବେ ଏହାର ଜଡ଼ ଦଣ୍ଡ, ଭେଦ, ଦାନ ଓ ସାମ୍ୟ ନୀତିରେ ଧୂରୀଣ କରାଇଥିଲେ। ଆହୁରି ଏକ ଜଟିଳ ସ୍ତର ରାଜ୍ୟ ପରିଚାଳନାରେ ଅଛି ଯାହାକୁ ଗୃହ ମନ୍ତ୍ରଣାଳୟ ଯହିଁରେ ରାଜ୍ୟର ଭିତରେ ଓ ରାଜମହଲ ମଧ୍ୟରେ ଏକ ଖଣ୍ଡ ବିପ୍ଳବ, ଗୁପ୍ତ ଶତ୍ରୁତା, ଚୋରୀ ରାଜହାନି, ପରସ୍ୱ ଅପହରଣ ରାଜକାନୁନ, ଧର୍ମନୀତିର ବିରୁଦ୍ଧରେ ଲୋକଙ୍କୁ ପ୍ରଭାବିତ କରି ଅଶାନ୍ତି, କଳାବଜାରୀ ମୁନାଫାଖୋରର ଜଡ଼ ସୃଷ୍ଟିକର୍ତ୍ତାଙ୍କୁ ଦୃଢ଼ ହସ୍ତରେ ଦମନ କରି ରାଜ୍ୟ ଓ ରାଜାଙ୍କୁ ଶାନ୍ତିରେ ଶାସନ କରିବାକୁ ସାହାଯ୍ୟ ହେବା ବିଦ୍ୟା ଶିକ୍ଷା ଶତ୍ରୁଘ୍ନଙ୍କୁ ଶିକ୍ଷା ଦେଇଥିଲେ। ପ୍ରଥମରେ ସମସ୍ତେ ସମାନ ପାଠ ପଢ଼ିଲାପରେ ଅତିରିକ୍ତ ପାଠରେ ଚାରି ଭାଇଙ୍କୁ ଏପରି ଅଲଗା ଅଲଗା ଶିକ୍ଷା ଦିଆଯାଇଥିଲା। କୌଣସି ବିଷୟରେ ମୌଳିକ ଶିକ୍ଷିତ ଯେତେବେଳେ ତାଙ୍କ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୁଅନ୍ତି ସେଠାରେ ଅଧ୍ୟୟନର ମୂଳ ବିଦ୍ୟାକୁ ପ୍ରୟୋଗ ଦୃଷ୍ଟେ କାମରେ ସଫଳ ହୁଅନ୍ତି, ପୁନଃ ଆଗତ ସମସ୍ୟା ଦୃଷ୍ଟେ ନୂଆ ନୂଆ ଉପାୟରେ ଅନ୍ୟ ସ୍ତର ସଂଯୋଗକାରୀ ହୁଅନ୍ତି। ସେହିପରି ଅଷ୍ଟସିଦ୍ଧିକୁ ପ୍ରତ୍ୟେକ ବିଦ୍ୟାର ଗୁରୁମାନେ ତାଙ୍କ ଶିଷ୍ୟ ବା ଛାତ୍ର ମାନଙ୍କୁ ଶିକ୍ଷା ଦେଇଥାନ୍ତି। ଏପରି ନବନିଧି ଆହରଣ ସବୁ ବିଦ୍ୟାରେ ଲୁଚି ରହିଛି, ଯେଉଁ ବିଦ୍ୟାର୍ଥୀଙ୍କ ବିଦ୍ୟା ସଠିକ ଓ ଉତ୍ତମ ଭାବରେ ହାସଲ ହୋଇଥାଏ ସେ ହିଁ ସରଳରେ ନିଧି ଓ ସିଦ୍ଧିକୁ ସ୍ୱ ଇଚ୍ଛାରେ ଆହରଣ କରିପାରନ୍ତି ଯଦି ଗୁରୁଙ୍କୁ ଠକି କେହି ନକଲ ଆଶ୍ରିତରେ ଡିଗ୍ରୀ, ଡିପ୍ଲୋମା, ଡକ୍ଟରେଟ ହାସଲ କରିଥିବେ ତେବେ ସରସ୍ୱତୀ ତାଙ୍କ ପାଇଁ ଦିନେ ଦୁଷ୍ଟା ଆଉ ତାଙ୍କ ସାଥି ଲକ୍ଷ୍ମୀ ରୁଷ୍ଟା ହୋଇପାରନ୍ତି, ଏକଥା କଲ୍ୟାଣକାରୀ ଗୁରୁମାନେ ଇଙ୍ଗିତ ଦେଇଥାନ୍ତି।

ସେକାଳରେ ଆକାଶ ଯାନରେ ଆସି ଲୁଣ୍ଠନ କାର୍ଯ୍ୟ ପୁଣି ଭାବି ରାଜପତ୍ନୀ ପକ୍ଷାନ୍ତରେ ଜଣେ ପବିତ୍ରତା ନାରୀଙ୍କୁ ତାଙ୍କର ସ୍ୱାମୀ ସ ଦେବରଙ୍କୁକୁଟନୀତିରେ ଦୂରେଇ ଚୋରୀ କରିବା ଏକ ବିଶେଷ ଅପରାଧ କାନ ଶୁଣାରେ ଏକଦମ ନୂଆ, ଏହାକୁ ଅନୁସନ୍ଧାନ କିପରି ଅପହୃତାଙ୍କ ସନ୍ଧାନ କରି ଠିକ ସ୍ଥଳରେ ପହଞ୍ଚି ତାଙ୍କୁ ମୁକୁଳା ଯାଇପାରିବ ଏ ଭାବନା ତାଙ୍କର ଆସିଥିଲା। କୁଟୀର ପାଖରୁ ଅନେକ ସ୍ଥଳଯାଏ ପାଦ ଚିହ୍ନ ଖୋଜି ସେ ଏକା କି କାହାସହିତ ଏହା ଖୋଜ ପ୍ରଥମେ କରାଯାଇଥିବ, ଯଦି ସ୍ୱଇଚ୍ଛାରେ ଏକ ଯାଇଥିବେ ତେବେ ଯେପରି ପଦଚିହ୍ନ ରହିବା କଥା ତାହା ସ୍ୱଇଚ୍ଛାରେ ନଯାଇ କାହାରି ଚାପରେ ଟାଣରେ ଗଲେ ସେପରି ପାଦ ଚିହ୍ନ ରହିନପାରେ ଯଦି ନରମ ମାଟି ଥିବା ଏପରି ପାଦ ଚିହ୍ନରୁ ଅନୁମାନ କରାଯାଇପାରିବା କିନ୍ତୁ ତାହା ଜଙ୍ଗଲ ମାଟି, ମାଟି ସାମତଳ ନୁହେଁ ପୁଣି ଛୋଟ ଗୁଳ୍ମ କଣ୍ଟକିତ ସ୍ଥାନ ଘରପାଖରେ ଶୁଷ୍କ ବୃକ୍ଷ ପତ୍ର ଘଞ୍ଚ କରି ଲକ୍ଷ୍ମଣ ପ୍ରତିଦିନ ବିଛାଇ ରଖୁଥିବେ କୋମଳ ପାଦରେ ରାଜକନ୍ୟାଙ୍କ ନରମ ପାଦରେ ଆଘାତ ନଲାଗିବା ଆଉ ଜ୍ୟେଷ୍ଠ ଭାଇଙ୍କ କୋମଳ ପାଦ ପାଦୁକା ମୁକ୍ତ ସେବି ଅରଣ୍ୟ କଣ୍ଟକିତ ଭୂମିରେ ପଦଚାଳନ କଷ୍ଟମୁକ୍ତ ପାଇଁ ପତ୍ର କୁଡ଼ିଆର ଅଗଣାର କିଛି ଦୂର ଚଳପକ୍ଷ ପତ୍ର ବିଛାଉଥିଲେ ଅତଏବ ଗୃହପାଖରେ କାହାରି ପାଦ ଚିହ୍ନ ଚିହ୍ନଟ ହୋଇପାଇନଥିଲା ଅନେକ ଦୂର ଯାଏ, ଖୋଜି ପାଦ ଚିହ୍ନ ପାଇ ନଥିଲେ। ତେବେ ଏକ ଚୌପାଇପତ୍ର ବିଛାକୁ ଆସିବା ଆଉ ଦ୍ରୁତ ପାଦ ଆଘାତରେ ପଳାୟନର ଚିନ୍ତା ପରେ ଅଘଟଣ ଦୁଇଭାଇଙ୍କୁ ବ୍ୟଥିତ କରାଇଥିଲା କଣ ସମ୍ଭାବନା ରହିଛି ଚୌପାଇ ହରିଣୀ ସହ ସୀତାଙ୍କ ପତ୍ରକୁଡ଼ିଆରୁ ଉଭାନ ରହସ୍ୟ। ସୀତାଙ୍କୁ ସନ୍ଦେହ କରାଯାଇନପାରେ ତେବେ ନିଶ୍ଚେ ସେ କୌଣସି ଦୁର୍ଦ୍ଦାନ୍ତ ଦ୍ୱାରା ଅପହୃତା ହୋଇଛନ୍ତି ଏହା ନିଶ୍ଚୟ। ଚଲାପଥରେ ସେ କେବେ ଯେ ଏତେ ଶୀଘ୍ର ଯାଇ ନପାରନ୍ତି, ତେବେ ଜଙ୍ଗଲରେ ଅବା ଛପି ରହିଯାଇ ଥାଇପାରନ୍ତି ଏ ପାଇଁ ଜଙ୍ଗଲ ଅନୁସନ୍ଧାନ କରି କରି ପାନିଆଁ ଚଲା କମ୍ବିଂ ଅପେରସନ ତଦନ୍ତ କିଛି ସମୟ ଜାଲିଲା ତାହା ବିଫଳ, ସବୁ ହତାଶ ଡାକଧ୍ୱନିର ପ୍ରତି ଧ୍ୱନି ଆସୁଛି ସିନା ଉତ୍ତର ମିଳୁନାହିଁ ବିଳମ୍ବ ଯେତେ ବିପରୀତ ଚିନ୍ତା ସେତେ, ବଢ଼ି ବଢ଼ି ଚାଲୁଛି।


ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ମୋବାଇଲ୍:୯୪୩୭୦୦୩୧୨୫୩

# ଦୁବାଇରେ ପୁଣି ଇରାନର ଆକ୍ରମଣ



## ଡ୍ରୋନ୍ ଆଟାକରେ ଭାଙ୍ଗିଲା ମରିନା ଟାୱାର, ଜଣେ ମୃତ

ଦୁବାଇ, ୮।୩ଃ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ ପାଇଁ କ୍ଷମା ପ୍ରାର୍ଥନା କରିବାର କିଛି ସମୟ ହେଇନି ଇରାନ ପୁଣିଥରେ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଛି। ଦୁବାଇ ଉପରେ ଆଉ ଥରେ ଆକ୍ରମଣ କରିଛି ଇରାନ୍ ଯେଉଁଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଦୁବାଇ ସରକାର ଏହି ଘଟଣାକୁ ନିଶ୍ଚିତ କରି କହିଛନ୍ତି ଯେ ଏୟାର ଡିଫେନ୍ସ ସିଷ୍ଟମ୍ ଆସୁଥିବା ପ୍ରକ୍ଷେପଣକୁ ସଫଳତାର ସହ ଅବରୋଧ କରାଯାଇଛି କିନ୍ତୁ ଭଗ୍ନାବଶେଷ ପଡ଼ି ମାରିନାରେ ଏକ ଟାୱାରର ବାହାର ଅଂଶକୁ କ୍ଷତି ପହଞ୍ଚିଛି। ସଂଯୁକ୍ତ ଆରବ ଏମିରେଟ୍ସର ଅଧିକାରୀମାନେ କହିଛନ୍ତି ଯେ ଦୁବାଇରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣର ଭଗ୍ନାବଶେଷରେ ଜଣେ ବ୍ୟକ୍ତି ଆଘାତ ହୋଇଛନ୍ତି। ଦୁବାଇ ମିଡିଆ ଅଫିସ୍ ଅନୁଯାୟୀ ମୃତକ ଜଣେ ଏସୀୟ ନାଗରିକ ଥିଲେ ଏବଂ ପ୍ରମୁଖ ଉପସାଗରୀୟ ସହରର ଅଲ୍ ବର୍ଶା ଅଞ୍ଚଳରେ ଗାଡ଼ି ଚଲାଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।

ସଂଯୁକ୍ତ ଆରବ ଏମିରେଟ୍ସର ଦୁବାଇ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଇରାନୀ ପ୍ରକ୍ଷେପଣ ବାଧାପ୍ରାପ୍ତ ହେବା ଫଳରେ ଦୁବାଇ ମାରିନାର ଏକ ଟାୱାରର ସମ୍ମୁଖ ଭାଗକୁ ସାମାନ୍ୟ କ୍ଷତି ପହଞ୍ଚାଇଛି ଯାହା ଫଳରେ ଭଗ୍ନାବଶେଷ ସେହି ଅଞ୍ଚଳରେ ପଡ଼ିଛି ଯେଉଁଠାରେ ଅନେକ ବିଳାସପୂର୍ଣ୍ଣ କୋଠା ରହିଥିଲା। ଏହା ମଧ୍ୟ ରିପୋର୍ଟ ହୋଇଛି ଯେ ବିମାନ ଆକ୍ରମଣର ଭଗ୍ନାବଶେଷ ମାରିନା ଟାୱାର ନିକଟରେ ଗୋଟିଏ ଗାଡ଼ି ଉପରେ ପଡ଼ିଥିଲା ଯେଉଁଥିରେ ଜଣେ ଡ୍ରାଇଭରଙ୍କର ମୃତ୍ୟୁ ହୋଇଛି। ତେବେ ୟୁଏଇରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ମୃତ୍ୟୁ ସଂଖ୍ୟା ଚାରିକୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ସମସ୍ତ ମୃତକ ବିଦେଶୀ ନାଗରିକ।

ପୂର୍ବରୁ ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପୋଷ୍ଟ କରି କହିଛି ଯେ ବାୟୁ ପ୍ରତିରକ୍ଷା ବର୍ତ୍ତମାନ ଇରାନରୁ ସୃଷ୍ଟି ହେଉଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ବିପଦର ଜବାବ ଦେଉଛି । ଇରାନ ଉପସାଗରୀୟ ଆରବ ଦେଶଗୁଡ଼ିକ ଆଡ଼କୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ ଜାରି ରଖିଥିବା ସତ୍ତ୍ୱେ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଶନିବାର କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ସୂଚାଇ ଦିଏ ଯେ ତେହେରାନର ରାଜନୈତିକ ନେତୃତ୍ୱର ଇରାନର ସଶସ୍ତ୍ର ବାହିନୀ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ।

ଇରାନ ସୁରକ୍ଷା ମୁଖ୍ୟଙ୍କ ଚେତାବନୀ

# ଟ୍ରମ୍ପଙ୍କୁ ଖାମେନିଙ୍କ ହତ୍ୟାର ମୂଲ୍ୟ ଦେବାକୁ ପଡ଼ିବ



ତେହେରାନ, ୮।୩ଃ ଇରାନ ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖାମେନିଙ୍କ ହତ୍ୟାର ନିଶ୍ଚୟ ପ୍ରତିଶୋଧ ନିଆଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାର ମୂଲ୍ୟ ଦେବେ ବୋଲି ଚେତାବନୀ ଦେଇଛନ୍ତି ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନି। ଲାରିଜାନୀଙ୍କର ଏଭଳି ମନ୍ତବ୍ୟ ଉପରେ ଟ୍ରମ୍ପଙ୍କର ତୁରନ୍ତ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ ଏଭଳି ବେପରୁଆ ହୋଇପାରିବେ ନାହିଁ ବୋଲି ଟ୍ରମ୍ପ ଲାରଜାନୀଙ୍କୁ କହିଛନ୍ତି।

ଶନିବାର ଇରାନର ସରକାରୀ ଟେଲିଭିଜନ ସହିତ ଆଲୋଚନା କଲା ବେଳେ ଅୟାତୋଲ୍ଲା ଅଲି ଖାମେନିଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ଲାରିଜାନୀ କହିଛନ୍ତି ଯେ ଇରାନ 'ଟ୍ରମ୍ପଙ୍କୁ ଏକା ଛାଡିବ ନାହିଁ'। ଏବଂ ଇରାନର ଜବାବକୁ ଟ୍ରମ୍ପ ଭୁଲ ଆକଳନ କରୁଛନ୍ତି, ଏବଂ ସଂଘର୍ଷ ଶୀଘ୍ର ଶେଷ ହେବ ନାହିଁ ବୋଲି ଲାରିଜାନୀ କହିଛନ୍ତି। 'ଭେନେଜୁଏଲାରେ ଯାହା ଘଟିଥିଲା ଟ୍ରମ୍ପଙ୍କୁ ତାହା ଖୁବ୍ ସହଜ ଲାଗିଥିଲା। ତେଣୁ ସେ ଭାବିଥିଲେ ଇରାନରେ ସମାନ କାମ କରିପାରିବେ। ହେଲେ ଏବେ ସେ ଫସି ଯାଇଛନ୍ତି। ଆମେ ତାଙ୍କୁ ଏକା ଛାଡ଼ିବୁନି। ସେ ଯାହା କରିଛନ୍ତି ତାହାର ମୂଲ୍ୟ ତାଙ୍କୁ ନିଶ୍ଚୟ ଦେବାକୁ ହେବ। ସେ ଆମ ନେତାଙ୍କୁ ହତ୍ୟା କରିଛନ୍ତି ଆମର ୧୦୦୦ରୁ ଅଧିକ ଲୋକଙ୍କୁ ହତ୍ୟା କରିଛନ୍ତି। ଏହା ଛୋଟ କଥା ନୁହେଁ'। ଲାରିଜାନୀ ଇଣ୍ଟରଭ୍ୟୁ ପରେ ଏହି କଥାକୁ ଏକ୍ସରେ ମଧ୍ୟ ପୋଷ୍ଟ କରିଛନ୍ତି। ଟ୍ରମ୍ପ ଯାହା କରିଛନ୍ତି ତାହାର ପ୍ରତିଶୋଧ ନନେବା ପର୍ଯ୍ୟନ୍ତ ଆମେ ତାଙ୍କୁ ଏକା ଛାଡିବୁ ନାହିଁ ବୋଲି ଏକ୍ସରେ ଲେଖିଛନ୍ତି ଲାରିଜାନୀ। ଖାମେନିଙ୍କ ମୃତ୍ୟୁ ପରେ ଲାରିଜାନୀ ଇରାନରେ ଏକ ପ୍ରମୁଖ ନେତା ଭାବେ ଉଭା ହୋଇଛନ୍ତି। ସେ ଆମେରିକା ଓ ଇସ୍ରାଏଲ୍ ଭିରୁଦ୍ଧରେ ସାଂଘାତିକ ବୟାନ ଦେଉଛନ୍ତି।

# ଟ୍ରମ୍ପଙ୍କୁ ଚିଠି ଲେଖିଲେ କମଲ ହାସନ

ନୂଆଦିଲ୍ଲୀ, ୮।୩ଃ ଅଭିନେତା ଏବଂ ରାଜନେତା କମଲ ହାସନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଖୋଲା ଚିଠି ଲେଖି "ନିଜ କାମରେ ଧ୍ୟାନ ଦିଅନ୍ତୁ" ବୋଲି ଅନୁରୋଧ କରିଛନ୍ତି। କମଲ ହାସନ କହିଛନ୍ତି ଯେ ଭାରତ ଏକ ସ୍ୱାଧୀନ ଦେଶ ସେ ଅର୍ଡର ନିଏ ନାହିଁ। ଶନିବାର ସନ୍ଧ୍ୟାରେ କମଲ ହାସନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଚିଠି ଲେଖିଥିଲେ। ଏଥିରେ ଲେଖାଯାଇଛି, "ପ୍ରିୟ ପ୍ରେସିଡେଣ୍ଟ ମହୋଦୟ, ଆମେ, ଭାରତର ଲୋକମାନେ, ଏକ ମୁକ୍ତ ଏବଂ ସାର୍ବଭୌମ ରାଷ୍ଟ୍ରର। ଆମେ ଦୂର ବିଦେଶୀ ଦେଶରୁ ଅର୍ଡର ରଖୁନାହୁଁ। ଦୟାକରି ଆପଣଙ୍କର ସର୍ବୋତ୍ତମ କ୍ଷମତା ଅନୁଯାୟୀ ନିଜ କାମ କରନ୍ତୁ। ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ମାନ ହେଉଛି ବିଶ୍ୱରେ ସ୍ଥାୟୀ ଶାନ୍ତିର ମୂଳଦୁଆ। ଆମେ ଆପଣଙ୍କ ଦେଶ ଏବଂ ଏହାର ଲୋକଙ୍କ ପାଇଁ ଶାନ୍ତି ଏବଂ ସମୃଦ୍ଧି କାମନା କରୁଛୁ।"



## ଏପ୍ରିଲ ୧୯ରୁ ଚାରିଧାମ ଯାତ୍ରା

ଉତ୍ତରାଖଣ୍ଡ, ୮।୩ଃ ଚଳିତ ବର୍ଷ ପାରମ୍ପରିକ ଭାବରେ ଅପ୍ରେଲ ୧୯ ତାରିଖ ଅକ୍ଷୟ ତୃତୀୟା ଅବସରରେ ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଧାମର ଦ୍ୱାର ଖୋଲିବ। ସେହିପରି ଆସନ୍ତା ମାସ ୨୨ ତାରିଖରେ କେଦାରନାଥ ଏବଂ ୨୩ ତାରିଖରେ ବଦ୍ରୀନାଥ ଦ୍ୱାର ତୀର୍ଥଯାତ୍ରୀଙ୍କ ପାଇଁ ଖୋଲାଯିବ। ଚଳିତ ବର୍ଷ ଅପ୍ରେଲ ୧୯



ତାରିଖ ଅକ୍ଷୟ ତୃତୀୟା ଅବସରରେ ଆରମ୍ଭ ହେବ ବହୁ ପ୍ରତୀକ୍ଷିତ ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା। ଏନେଇ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇସାରିଛି ଅନଲାଇନ ପଞ୍ଜୀକରଣ। ପ୍ରଥମ ଦିନରେ ୧ ଲକ୍ଷ ୨୪ ହଜାର ୦୮୯ ଜଣ ତୀର୍ଥଯାତ୍ରୀ ଚାରିଧାମ ଯାତ୍ରାରେ ସାମିଲ ହେବା ପାଇଁ ନିଜର ପଞ୍ଜୀକରଣ କରାଇ ସାରିଛନ୍ତି। ଏଥର ରେକର୍ଡ ସଂଖ୍ୟକ ତୀର୍ଥଯାତ୍ରୀ ଚାରିଧାମ ଯାତ୍ରାରେ ସାମିଲ ହୋଇପାରନ୍ତି।

ଏହି ତୀର୍ଥାଯାତ୍ରୀଙ୍କ ମଧ୍ୟରୁ ୪୧,୧୦୭ ଜଣ କେଦାରନାଥ, ୨୯,୪୮ ଜଣ ବଦ୍ରିନାଥ, ୧୬,୮୦୪ ଜଣ ଗଙ୍ଗୋତ୍ରୀ, ୧୫,୮୨୯ ଯମୁନୋତ୍ରୀ ଯାତ୍ରା ପାଇଁ ପଞ୍ଜୀକରଣ କରାଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ, ଧାର୍ମିକ ବ୍ୟାପାର ଏବଂ ସଂସ୍କୃତି ମନ୍ତ୍ରୀ ସତପାଲ ମହାରାଜ କହିଛନ୍ତି ଯେ ହିନ୍ଦୁ ଧର୍ମରେ ଚାରିଧାମ ଯାତ୍ରାର ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଆଧ୍ୟାତ୍ମିକ ଲାଭ ପାଇବା ପାଇଁ ଚାରିଧାମ ଯାତ୍ରାରେ ସାମିଲ ହୋଇଥାନ୍ତି। ନିରାପଦ ଏବଂ ସୁଗମ ଯାତ୍ରା ବ୍ୟବସ୍ଥା କାରଣରୁ ଗତ ବର୍ଷ ୫୬ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଥିଲେ। ତୀର୍ଥଯାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏକ ସୁବ୍ୟବସ୍ଥିତ ଏବଂ ସୁରକ୍ଷିତ ତୀର୍ଥଯାତ୍ରା ଆୟୋଜନ କରିବା ନେଇ ପ୍ରୟାସ କରାଯାଉଛି। ଚଳିତ ବର୍ଷ ପାରମ୍ପରିକ ଭାବରେ ଅପ୍ରେଲ ୧୯ ତାରିଖ ଅକ୍ଷୟ ତୃତୀୟା ଅବସରରେ ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଧାମର ଦ୍ୱାର ଖୋଲିବ। ସେହିପରି ଆସନ୍ତା ମାସ ୨୨ ତାରିଖରେ କେଦାରନାଥ ଏବଂ ୨୩ ତାରିଖରେ ବଦ୍ରୀନାଥ ଦ୍ୱାର ତୀର୍ଥଯାତ୍ରୀଙ୍କ ପାଇଁ ଖୋଲାଯିବ। ତୀର୍ଥଯାତ୍ରାକୁ ସୁଗମ କରିବା ପାଇଁ ସମସ୍ତ ବିଭାଗ ଜାରି ରହିଥିବା ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରୀଙ୍କ ସୁବିଧା ପାଇଁ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ଅଫଲାଇନ୍ ପଞ୍ଜୀକରଣ ପାଇଁ ଋଷିକେଶ ଠାରେ ୩୦ ଏବଂ ବିକାଶନଗର ଠାରେ ୨୦ ଏପରି ମୋଟ ୫୦ କାଉଣ୍ଟର ସ୍ଥାପନ କରାଯାଇଛି।

# ଦିଲ୍ଲୀ ହେଲା ଦେଶର ପ୍ରଥମ 'ରିଙ୍ଗ ମେଟ୍ରୋ ରାଜଧାନୀ'

ନୂଆଦିଲ୍ଲୀ, ୮।୩ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ପିଙ୍କ୍ ଲାଇନର ୧୨.୩ କିଲୋମିଟର ଲମ୍ବା ମଜଲିସ୍ ପାର୍କ-ମୌଜପୁର-ବାବରପୁର ସେକ୍ସନ୍ ଏବଂ ମାଜେଣ୍ଟା ଲାଇନର ୯.୯ କିଲୋମିଟର ଲମ୍ବା ଦୀପାଲି ଚୌକ୍-ମଜଲିସ୍ ପାର୍କ

### ପିଙ୍କ୍ ଲାଇନର ରିଙ୍ଗ ନେଟୱାର୍କ ଉଦ୍‌ଘାଟନ କଲେ ମୋଦି

ଏକ୍ସଟେନ୍ସନ୍ ଉଦଘାଟନ କରିଛନ୍ତି। ସେ ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ପର୍ଯ୍ୟାୟ ୫(କ) ଅନ୍ତର୍ଗତ ତିନୋଟି ନୂତନ କରିଡର ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପିଙ୍କ୍ ଲାଇନର ନୂତନ ସେକ୍ସନ୍ କରିଡରର ବୃତ୍ତାକାର ଆଲାଇନମେଣ୍ଟକୁ ସମାପ୍ତ କରିବ, ଯାହା ଏହାକୁ ଦେଶର ପ୍ରଥମ



କାର୍ଯ୍ୟକ୍ଷମ ରିଙ୍ଗ ମେଟ୍ରୋ ନେଟୱାର୍କ କରିବ।

ମଜଲିସ୍ ପାର୍କ-ମୌଜପୁର-ବାବରପୁର ସେକ୍ସନରେ ନଅଟି ଷ୍ଟେସନ୍ ଅଛି, ସମସ୍ତ ଉନ୍ନୀତ ଏବଂ ଏହା ଉତ୍ତର ଏବଂ ଉତ୍ତର-ପୂର୍ବ ଦିଲ୍ଲୀ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଷ୍ଟେସନଗୁଡ଼ିକ ହେଉଛି ମଜଲିସ୍ ପାର୍କ, ବୁରାରୀ, ଜଗତପୁର-ୱାଜିରାବାଦ, ସୁରଘାଟ, ସୋନିଆ ବିହାର, ଖଜୁରୀ ଖାସ୍, ଭଜନପୁରା, ଯମୁନା ବିହାର ଏବଂ ମୌଜପୁର-ବାବରପୁର। ନୂତନ ପିଙ୍କ୍ ଲାଇନ କରିଡରରେ ଆବଶ୍ୟକୀୟ ଭିତ୍ତିଭୂମି ଉପାଦାନଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତଃ ଯମୁନା ଉପରେ ଏକ ନୂତନ ସେତୁ ଏବଂ ମେଟ୍ରୋ ଲାଇନ ଏବଂ ଏକ ରାସ୍ତା ଫ୍ଲାଏଓଭର ଉଭୟକୁ ବହନ କରୁଥିବା ଏକ ଡବଲ୍-ଡେକର ଭାୟାଡକ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଜେଣ୍ଟା ଲାଇନର ଏକ ଉଚ୍ଚ ବିସ୍ତାରିତ ଦୀପାଲି ଚୌକ-ମଜଲିସ୍ ପାର୍କ କରିଡରକୁ ମଧ୍ୟ ଉଦଘାଟନ କରିବେ। ଏହା ମଧୁବନ ଚୌକ, ଉତ୍ତର ପିତାମପୁରା-ପ୍ରଶାନ୍ତ ବିହାର, ହାଇଦରପୁର ବଦଲି ମୋର ଏବଂ ଭାଲସ୍ୱା ଭଳି ଅଞ୍ଚଳକୁ ସଂଯୋଗ କରିବ। ଏହି ସ୍ଥାନରେ ମୋଟ ସାତଟି ଷ୍ଟେସନ ରହିବ। ମାଜେଣ୍ଟା ଲାଇନ କରିଡରର କିଛି ଅଂଶ ପ୍ରାୟ ୨୮.୩୬ ମିଟର ଉଚ୍ଚତାରେ ପହଞ୍ଚିଛି, ଯାହା ଏହାକୁ ଦିଲ୍ଲୀ ମେଟ୍ରୋ ନେଟୱାର୍କର ସର୍ବୋଚ୍ଚ ଉଚ୍ଚ ବିସ୍ତାରିତ ଅଂଶ ମଧ୍ୟରୁ ଗୋଟିଏ କରିଥାଏ। ଏହି ଯୋଗ ଫଳରେ ଲାଇନର ମୋଟ ଲମ୍ବ ପ୍ରାୟ ୪୯ କିଲୋମିଟର ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଆଜି, ଅନ୍ତର୍ଜାତୀୟ ମହିଳା ଦିବସ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସଫଳ ନେତୃତ୍ୱରେ ରାଜଧାନୀରେ ପ୍ରଗତି ଦିବସ। ଏହା ରାଜନୀତି, ପ୍ରଶାସନ, ବିଜ୍ଞାନ, କ୍ରୀଡା କିମ୍ବା ସମାଜ ସେବା ହେଉ, ଭାରତର ମହିଳା ଶକ୍ତି ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି।

# ଭୁଲ ମାଗନ୍ତୁ ପଶ୍ଚିମବଙ୍ଗ ସରକାର



- ଦିଦିଙ୍କ ଉପରେ ବର୍ଷିଲେ ଅମିତ ଶାହା
- 'କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟକୁ ଅବଗତ କରାଯାଇନି'

ନୂଆଦିଲ୍ଲୀ, ୮।୩ଃ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ପ୍ରୋଟୋକଲ ଉଲ୍ଲଂଘନ ଏବଂ ହଠାତ୍ ସ୍ଥାନ ପରିବର୍ତ୍ତନକୁ ନେଇ ବିବାଦ ଜୋର୍ ଧରିଛି । ସୂତ୍ର ଅନୁଯାୟୀ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ବିଷୟକୁ ଗମ୍ଭୀର ଭାବରେ ଗ୍ରହଣ କରିଛି । କେନ୍ଦ୍ର ଗୃହ ସଚିବ ପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ସନ୍ଧ୍ୟା ୫ଟା ସୁଦ୍ଧା ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ପ୍ରୋଟୋକଲର ଅଭାବ, ଉପଯୁକ୍ତ ରୁଟ୍ ସୂଚନାର ଅଭାବ ଏବଂ ବ୍ୟବସ୍ଥାରେ ଅନ୍ୟାନ୍ୟ ତ୍ରୁଟି ପାଇଁ ରିପୋର୍ଟ ମଗାଯାଇଛି। ରାଷ୍ଟ୍ରପତିଙ୍କ ଉତ୍ତର ବଙ୍ଗ ଗସ୍ତ ସମୟରେ ଏହି ବିବାଦ ଉପୁଜିଥିଲା, ଯେଉଁଠାରେ ସେ ଦାର୍ଜିଲିଂରେ ନବମ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମୂଳତଃ ବିଧାନନଗର (ଫାନସିଡେୱା ବ୍ଲକ) ପାଇଁ ସ୍ଥିର କରାଯାଇଥିଲା, ଯେଉଁଠାରେ ବହୁ ସଂଖ୍ୟକ ସାନ୍ତାଳ ଆଦିବାସୀ ସମ୍ପ୍ରଦାୟର ସଦସ୍ୟ ଯୋଗ ଦେଇପାରିବେ । ତଥାପି ସୁରକ୍ଷା, ଭିଡ଼ ଏବଂ ଅନ୍ୟାନ୍ୟ କାରଣ ଦର୍ଶାଇ ରାଜ୍ୟ ପ୍ରଶାସନ ଏହି ସ୍ଥାନକୁ ବାଗଡୋଗ୍ରା ବିମାନବନ୍ଦର ନିକଟବର୍ତ୍ତୀ ଗୋସାଇଁପୁରକୁ ସ୍ଥାନାନ୍ତରିତ କରିଥିଲା । ରାଷ୍ଟ୍ରପତି ନିଜେ ଏହି ପରିବର୍ତ୍ତନ ଉପରେ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ ନୂତନ ସ୍ଥାନଟି ବହୁତ ଲୋକଙ୍କୁ ଏକାଠି ଆଣିବା ପାଇଁ ବହୁତ ଛୋଟ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତାଙ୍କର ସାନ ଭଉଣୀ ବୋଲି ସମ୍ବୋଧନ କରି ରାଷ୍ଟ୍ରପତି ପଚାରିଥିଲେ ଯେ କ'ଣ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ଉପରେ ରାଗିଛନ୍ତି କି ? କାରଣ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବାକୁ ଆସି ନଥିଲେ । ଯେତେବେଳେ ପଦର ମର୍ଯ୍ୟାଦା ପାଇଁ ପ୍ରୋଟୋକଲ ପାଳନ କରିବା ନିହାତି ଆବଶ୍ୟକ । ଯେଉଁଥିରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଏବଂ ବିଦାୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ, ସିଏସ୍ ଏବଂ ଡିଜିପି ଉପସ୍ଥିତ ନଥିଲେ । କେବଳ ସିଲିଗୁଡ଼ିର ମେୟର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାପାଇଁ ଆସିଥିଲେ । ରାଷ୍ଟ୍ରପତିଙ୍କ ପାଇଁ ସଂରକ୍ଷିତ ଶୌଚାଳୟରେ ପାଣି ନଥିଲା। ପ୍ରାଶାସନିକ ପଥ ଅଳିଆ ଆବର୍ଜନାରେ ପୂର୍ଣ୍ଣ ଥିଲା। ସୂତ୍ରଗୁଡ଼ିକ ଏହା ମଧ୍ୟ କହୁଛି ଯେ ଏହି ପରିସ୍ଥିତି ପାଇଁ ଦାର୍ଜିଲିଂର ଡିଏମ୍, ସିଲିଗୁଡ଼ିର ସିପି ଏବଂ ସିଲିଗୁଡ଼ିର ଏଡିଏମ୍ ଦାୟୀ । କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଏହି ମାମଲାରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗର ଟିଏମସି ସରକାର ଅରାଜକତାପୂର୍ଣ୍ଣ ଆଚରଣ କରି ଏବଂ ଭାରତର ରାଷ୍ଟ୍ରପତିଙ୍କୁ ଅପମାନିତ କରି ଏକ ନୂତନ ନିମ୍ନସ୍ତରକୁ ଖସିଯାଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗଗୁଡ଼ିକୁ ଖାରଜ କରି କହିଛନ୍ତି ଯେ ରାଷ୍ଟ୍ରପତିଙ୍କୁ ସେ ସମ୍ମାନ କରନ୍ତି କିନ୍ତୁ ସେ ୫୦ ଥର ଗସ୍ତ କଲେ ମଧ୍ୟ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗ ଦେବା ସମ୍ଭବ ନୁହେଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ବର୍ତ୍ତମାନ ଏକ ପ୍ରତିବାଦ ସଭାରେ ଅଛନ୍ତି ଏବଂ ଏହି କାର୍ଯ୍ୟକ୍ରମ ବିଷୟରେ ତାଙ୍କୁ ଜଣା ନାହିଁ। ମମତା କହିଥିଲେ ଯେ ରାଜ୍ୟ ସରକାରଙ୍କୁ ଏହି କାର୍ଯ୍ୟକ୍ରମର ଆୟୋଜକ, ପାଣ୍ଠି କିମ୍ବା ସଂଗଠନ ବିଷୟରେ ସୂଚନା ଦିଆଯାଇନଥିଲା। ଯେତେବେଳେ ରାଷ୍ଟ୍ରପତି ରାଜ୍ୟ ଗସ୍ତ କରନ୍ତି କିମ୍ବା ପରିଦର୍ଶନ କରନ୍ତି ସେମାନଙ୍କୁ ସୂଚିତ କରାଯାଏ କିନ୍ତୁ ସମ୍ବନ୍ଧିତ ଅନ୍ତର୍ଜାତୀୟ ସମ୍ମିଳନୀ ବିଷୟରେ କୌଣସି ସୂଚନା ନଥିଲା।

# ମଇଦାନକୁ ଓହ୍ଲାଇଲା ରୁଷିଆ!

ମସ୍କୋ,୮।୩ଃ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇରାନକୁ ରୁଷିଆର ସହାୟତା ଆମେରିକାରେ ଉତ୍ତେଜନା ସୃଷ୍ଟି କରିଥିଲା। ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ଦୂତଙ୍କ ମାଧ୍ୟମରେ ରୁଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଏକ ବାର୍ତ୍ତା ପଠାଇ ଇରାନଠାରୁ ଦୂରେଇ ରହିବା ଏବଂ ଆମେରିକା ବିରୋଧରେ ଇରାନକୁ କୌଣସି ସହାୟତା ପ୍ରଦାନ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ଇରାନକୁ ଟାର୍ଗେଟିଂ ସୂଚନା କିମ୍ବା ଅନ୍ୟାନ୍ୟ ସହାୟତା ପଠାଇବାରୁ ନିବୃତ୍ତ ରହିବାକୁ ରୁଷିଆକୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରୁଷିଆ ଇରାନ ବିରୋଧରେ ଯୁଦ୍ଧରେ କାହାକୁ ସିଧାସଳଖ ସମର୍ଥନ କରୁନାହିଁ। ତଥାପି, ଏହା ପରୋକ୍ଷ ଭାବରେ ଇରାନକୁ ସହାୟତା କରୁଛି। ଯେତେବେଳେ ଆମେରିକା ଏ ବିଷୟରେ ଜାଣିଲା, ତାହା ସାରା ବିଶ୍ୱରେ ହଇଚଇ ସୃଷ୍ଟି କଲା। ଆମେରିକା ଜାଣିବାକୁ ପାଇଲା ଯେ ରୁଷିଆ ଇରାନକୁ ଆମେରିକୀୟ ସାମରିକ ଘାଟି ଉପରେ ପ୍ରକୃତ ସମୟର ଗୁପ୍ତକଥା ଯୋଗାଇଛି, ଯାହା ଫଳରେ ଇରାନ ଆମେରିକାର ସାମରିକ ଘାଟି ବିରୋଧରେ ସଠିକ ଆକ୍ରମଣ କରିଥିଲା, ଯାହା ଫଳରେ ବହୁତ କ୍ଷତି ହୋଇଥିଲା।

ରୁଷିଆର କାର୍ଯ୍ୟକଳାପ ବିଷୟରେ ଜାଣିବା ପରେ, ଆମେରିକା ରୁଷିଆକୁ ତେହେରାନଠାରୁ ଦୂରେଇ ରହିବା ଏବଂ ସେମାନଙ୍କୁ କୌଣସି ସୂଚନା ପ୍ରଦାନ କରିବାରୁ ନିବୃତ୍ତ ରହିବାକୁ ସ୍ପଷ୍ଟ ବାର୍ତ୍ତା ଦେଇଥିଲା। ଏହି ସମୟରେ, ଟ୍ରମ୍ପଙ୍କ ଉପସ୍ଥିତିରେ, ୱିଟକଫ ଏହା ମଧ୍ୟ କହିଛନ୍ତି ଯେ ଯଦିଓ ରୁଷିଆର ସହାୟତା ଇରାନକୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରୁନାହିଁ କିମ୍ବା ଏହା ଯୁଦ୍ଧକୁ ପ୍ରଭାବିତ କରୁନାହିଁ, ଯଦି ରୁଷ ଏହିପରି ଭାବରେ ଇରାନକୁ ସମର୍ଥନ ଜାରି ରଖେ, ତେବେ ଆମେରିକା କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇପାରେ। ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ



ରୁଷିଆ ଇରାନ ସହିତ ତାର ସମ୍ପର୍କକୁ ମଜବୁତ କରିଛି। ରୁଷିଆ ଇରାନରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ପାଏ। ତେଣୁ, ରୁଷ ଇରାନକୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ପ୍ରଦାନ କରେ, ଯାହା ଏହାର ପରମାଣୁ କାର୍ଯ୍ୟକ୍ରମ ଏବଂ ହିଜବୋଲା, ହମାସ ଏବଂ ହୁଥି ଆତଙ୍କବାଦୀ ସଂଗଠନ ସହିତ ସମ୍ପର୍କ ଯୋଗୁଁ ଆନ୍ତର୍ଜାତୀୟ ସ୍ତରରେ ବିଚ୍ଛିନ୍ନ। ତେଣୁ, ରୁଷିଆ ଇରାନ ଉପରେ ଇସ୍ରାଏଲୀ ଏବଂ ଆମେରିକୀୟ ଆକ୍ରମଣକୁ ନିନ୍ଦା କରିଛି।

# ନୀତିଶଙ୍କ ପରେ ନିଶାନ୍ତ

## ଆନୁଷ୍ଠାନିକ ଭାବେ ଜେଡିୟୁରେ ଯୋଗଦାନ



ପାଟନା, ୮।୩ଃ ଶେଷରେ ରାଜ୍ୟ ରାଜନୀତିରେ ଗତ କିଛି ଦିନ ଧରି ଯାହା ଆଲୋଚନା ହେଉଥିଲା ତାହା ବାସ୍ତବରେ ପରିଣତ ହୋଇଛି। ବାପାଙ୍କ ଜାଗାରେ ବିହାର ରାଜନୀତିର ମଙ୍ଗ ଧରିବେ ପୁଅ ନିଶାନ୍ତ କୁମାର। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିଛନ୍ତି। ରବିବାର ବିଧିବଦ୍ଧ ଭାବେ ନିଶାନ୍ତ କୁମାର ରାଜ୍ୟ ଜେଡିୟୁ କାର୍ଯ୍ୟାଳୟରେ ତାଙ୍କର ପାଦ ରଖିଥିଲେ। ଦଳର ଜାତୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ ଝା ନିଶାନ୍ତ କୁମାରଙ୍କୁ ଦଳରେ ସାମିଲ କରିଥିଲେ। କେନ୍ଦ୍ରମନ୍ତ୍ରୀ ଲଲ୍ଲନ ସିଂହ, ଦଳର ବିହାର ରାଜ୍ୟ ସଭାପତି ଉମେଶ କୁଶୱାହା, ବିହାର ସରକାରଙ୍କ ମନ୍ତ୍ରୀ ଶ୍ରବଣ କୁମାର ଏବଂ ଲେସି ସିଂହଙ୍କ ସହିତ ଅନ୍ୟ ପ୍ରମୁଖ ନେତା ଏବଂ ବହୁ ସଂଖ୍ୟାରେ ସମର୍ଥକ ଏହି ଅବସରରେ ଉପସ୍ଥିତ ଥିଲେ। ନିଶାନ୍ତ କୁମାରଙ୍କ ରାଜନୈତିକ ଯାତ୍ରାର ଆରମ୍ଭ ପାଇଁ ରାଜ୍ୟ ଜେଡିୟୁ କାର୍ଯ୍ୟାଳୟରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତାଙ୍କର ପ୍ରଥମ ରାଜନୈତିକ ଭାଷଣରେ, ନିଶାନ୍ତ କୁମାର କହିଥିଲେ, 'ଏଠାରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ। ଆପଣ ସମସ୍ତଙ୍କୁ ସ୍ୱାଗତ। ମୁଁ ଆପଣଙ୍କୁ ସଲାମ କରୁଛି ଏବଂ ମୋର କୃତଜ୍ଞତା ପ୍ରକାଶ କରୁଛି'। ନିଶାନ୍ତ କହିଛନ୍ତି, 'ମୁଁ ଜେଡିୟୁରେ ଯୋଗଦେବା ପାଇଁ ପାର୍ଟି କାର୍ଯ୍ୟାଳୟକୁ ଆସିଛି। ମୁଁ ଜଣେ ସକ୍ରିୟ ସଦସ୍ୟ ହୋଇ ଦଳର ଯତ୍ନ ନେବାକୁ ଚେଷ୍ଟା କରିବି'। ମୋ ବାପା ରାଜ୍ୟସଭାରେ ପ୍ରବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଆମେ ସମସ୍ତେ ମୋ ବାପାଙ୍କ ମାର୍ଗଦର୍ଶନରେ କାମ କରିବୁ। ଦଳ ଏବଂ ଜନସାଧାରଣ ମୋ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ପୂରଣ କରିବାକୁ ମୁଁ ଚେଷ୍ଟା କରିବି। ଜଣେ ଦଳୀୟ କର୍ମୀ ଭାବରେ ମୁଁ ଦଳୀୟ ସଂଗଠନକୁ ମଜବୁତ କରିବାକୁ ଚେଷ୍ଟା କରିବି। ସେ ତାଙ୍କ ବାପା ୨୦ ବର୍ଷ ମଧ୍ୟରେ କ'ଣ କରିଛନ୍ତି ତାହା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିବେ। ବିହାର ଏବଂ ଦେଶ ୨୦ ବର୍ଷ ଧରି ମୋ ବାପା ଯାହା କରିଛନ୍ତି ତାହା ପାଇଁ ଗର୍ବ କରେ। ମୁଁ ଆପଣ ସମସ୍ତଙ୍କୁ, ଦଳୀୟ କର୍ମୀ, ତୃଣମୂଳ ସ୍ତରର କର୍ମୀ, ବରିଷ୍ଠ ନେତା, ବିହାରର ଜନତା ଙ୍କୁ ଅନୁରୋଧ କରୁଛି ଯେ ମୋ ବାପାଙ୍କ ଉପରେ ଆପଣଙ୍କର ବିଶ୍ୱାସ ବଜାୟ ରଖନ୍ତୁ ।

## ବଦଳିଲା ଚୀନ୍ ସ୍ୱର

# ଆମେ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ଅଂଶୀଦାର



ନୂଆଦିଲ୍ଲୀ, ୮।୩ଃଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ରବିବାର କହିଛନ୍ତି ଯେ, ଭାରତ ଏବଂ ଚୀନ୍ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି। ସେମାନେ ପରସ୍ପରକୁ ଅଂଶୀଦାର ଭାବରେ ଦେଖିବା ଉଚିତ। ଉଭୟ ଦେଶ ପରସ୍ପରକୁ ବିପଦ ନୁହେଁ ବରଂ ସୁଯୋଗ ଭାବରେ ଦେଖିବା ଆବଶ୍ୟକ। ଚୀନ୍ ସଂସଦର ନ୍ୟାସନାଲ୍ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ଅଧିବେଶନ ସମୟରେ ଆୟୋଜିତ ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ୱାଙ୍ଗ ୟି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦ୍ୱାରା ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ଦୁଇ ଦେଶ ସମ୍ପର୍କକୁ ଆଗକୁ ବଢ଼ାଇବା ଉଚିତ। ବ୍ରିକ୍ସ ସମ୍ମିଳନୀ ଆୟୋଜନରେ ଦୁଇ ଦେଶ ପରସ୍ପରକୁ ସମର୍ଥନ କରିବା ଉଚିତ। ଭାରତ ଚଳିତ ବର୍ଷ ବ୍ରିକ୍ସ ଆୟୋଜନ କରିବ। ଚୀନ୍ ୨୦୨୭ରେ ଏହି ସମ୍ମିଳନୀ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି । ୱାଙ୍ଗ ୟି କହିଛନ୍ତି, ଗତ ବର୍ଷ ତିଆନଜିନରେ ମୋଦୀ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ସକାରାତ୍ମକ ଥିଲା। ୨୦୨୪ ମସିହାରେ ରୁଷର କାଜାନରେ ହୋଇଥିବା ବୈଠକ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏକ ନୂତନ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ତିଆନଜିନରେ ହୋଇଥିବା ଆଲୋଚନା ସମ୍ପର୍କକୁ ଆହୁରି ଉନ୍ନତ କରିବାରେ ସାହାଯ୍ୟ କରିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ଆଲୋଚନା, ବାଣିଜ୍ୟ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ସମ୍ପ୍ରତି ତ୍ୱରାନ୍ୱିତ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ନୂତନ ରେକର୍ଡରେ ପହଞ୍ଚିଛି, ଯାହା ଉଭୟ ଦେଶର ଜନସାଧାରଣଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି ।ଭବିଷ୍ୟତ ସମ୍ପର୍କରେ ୱାଙ୍ଗ ୟି କହିଛନ୍ତି, ପଡ଼ୋଶୀ ଦେଶ ଭାବରେ ଭାରତ ଏବଂ ଚୀନ୍‌କୁ ବନ୍ଧୁତା ବଜାୟ ରଖିବା ତଥା ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ସ୍ଥିରତା ସୁନିଶ୍ଚିତ କରିବା ଉଚିତ। ଉଭୟ ଦେଶ ବିକାଶ ଏବଂ ସହଯୋଗ ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଭାରତ ଏବଂ ଚୀନ୍ ଗ୍ଲୋବାଲ୍ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ଦେଶ । ଉଭୟେ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ଅଂଶୀଦାର କରନ୍ତି। ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ଉଭୟ ଦେଶର ବିକାଶକୁ ତ୍ୱରାନ୍ୱିତ କରିପାରିବ। ଅନ୍ୟପକ୍ଷରେ ମୁକାବିଲା ସ୍ଥିତି ଓ ବିଭାଜନ ଏସିଆର ବିକାଶ ପାଇଁ କ୍ଷତିକାରକ ହେବ ବୋଲି ସେ କହିଛନ୍ତି ।

# ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଧରାପଡ଼ିଲେ ୪ ଶିକାରୀ

## ଦୁଇ ଦେଶୀ ବନ୍ଧୁକ ଜବତ



ବାରିପଦା,୮।୩(ସଂଚାର ବ୍ୟୁରୋ)ଃ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଧରାପଡ଼ିଛନ୍ତି ୪ ଜଣ ଶିକାରୀ। ଏଥିସହ ଦୁଇଟି ଦେଶୀ ବନ୍ଧୁକ ମଧ୍ୟ ସେମାନଙ୍କଠାରୁ ଜବତ କରାଯାଇଛି। ସେମାନଙ୍କୁ ଏଠାରେ ଲାଗିଥିବା ଏଆଇ କ୍ୟାମେରା ସେମାନଙ୍କୁ ଧରାଇବାରେ ମୁଖ୍ୟ ଭୂମିକା ନେଇଛି। ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ଶିକାରୀଙ୍କ ଚଳପ୍ରଚଳ ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଓ ଇନ୍‌ଫ୍ରାରେଡ୍ ଟ୍ରାପ୍ କ୍ୟାମେରା ସ୍ଥାପନ କରାଯାଇଛି। ଏହି କ୍ୟାମେରା ମାଧ୍ୟମରେ ଶିମିଳିପାଳ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଅବୈଧ ଭାବେ ପ୍ରବେଶ କରୁଥିବା ଶିକାରୀଙ୍କୁ ଟ୍ରାକ୍ କରାଯାଉଛି। ଗତ ୫ ତାରିଖ ରାତି ପ୍ରାୟ ୯ଟା ୪୦ ମିନିଟ୍ ସମୟରେ ଡୁକୁରା ୱାଇଲ୍ଡଲାଇଫ୍ ରେଞ୍ଜ ଅଧୀନ ବହଳଦା ସେକ୍ସନ୍‌ର ଚନ୍ଦନଚତୁରୀ-୨ ବିଟ୍ ଅନ୍ତର୍ଗତ ମାଙ୍କଡ଼ାଘାଟି ଫୁଟପାଥ୍ ଅଞ୍ଚଳରେ ଲାଗିଥିବା ଏଆଇ କ୍ୟାମେରାରୁ ଦୁଇଟି ଫଟୋ ଆଲର୍ଟ ମିଳିଥିଲା। ଉକ୍ତ ଫଟୋରେ ୩ ଜଣ ଶିକାରୀ ବନ୍ଧୁକ ନେଇ ଟାଇଗର ରିଜର୍ଭର କୋର ଏରିଆ ମଧ୍ୟରେ ଗତିଶୀଳ ହେଉଥିବା ଦେଖାଯାଇଥିଲା।

ଡୁକୁରା ୱାଇଲ୍ଡଲାଇଫ୍ ରେଞ୍ଜ ଅଧିକାରୀ କ୍ଷେତ୍ରସ୍ଥ କର୍ମଚାରୀମାନଙ୍କୁ ତୁରନ୍ତ ପେଟ୍ରୋଲିଂ କରି ଶିକାରୀଙ୍କୁ ଧରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଧୀରେନ୍ଦ୍ର ମାଲିକ ଓରଫ୍ ବେଣ୍ଡାଲକୁ ତାଙ୍କ ଘର ସମ୍ମୁଖରୁ ଧରାଯାଇଥିଲା। ପଚରାଉଚରା ସମୟରେ ସେ ତାଙ୍କ ସହଯୋଗୀମାନଙ୍କ ନାମ ସୁନିଲ ଭକ୍ତା, ସାହାଦେବ ମାଲିକ ଓ ରାମଚନ୍ଦ୍ର ହାଁସଦା ବୋଲି କହିଥିଲେ। ଅଭିଯୁକ୍ତମାନେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ବିଭିନ୍ନ ଧାରା ଉଲ୍ଲଂଘନ କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ବାରିପଦା ସିଜେଏମ୍ ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହାଜତକୁ ପଠାଯାଇଛି। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି।

# ମାନବ ଜାତିକୁ ସମୃଦ୍ଧ କରେ ନାରୀର ସ୍ୱାଭିମାନ



ଯାଜପୁର,୮।୩(ସଂଚାର ବ୍ୟୁରୋ)ଃ ନାରୀଟିଏ ଅନ୍ୟାୟରେ ଯନ୍ତ୍ରଣା ପାଇ ନିଗାଡ଼ି ଦେଉଥିବା ବୁନ୍ଦାଏ ଲୁହ କେବେ ବି ନିରର୍ଥକ ହୁଏ ନାହିଁ। ନାରୀକୁ ସମ୍ମାନ ପ୍ରଦାନ ମାନବିକତାର ସଂକେତ। ନାରୀର ସ୍ୱାଭିମାନ ଓ ସମ୍ମାନ ହିଁ ମାନବ ଜାତିକୁ ଶାନ୍ତି, ସମୃଦ୍ଧି ପ୍ରଦାନ କରେ ବୋଲି ବିଶିଷ୍ଟ କବି ତଥା ଲେଖିକା ଡ. ଚନ୍ଦ୍ରକଳା ନାୟକ ମତ ଦେଇଛନ୍ତତି।

ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳଠାରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ନାୟକ କହିଥିଲେ ଯେ ମହାନ ଭାରତୀୟ ସଂସ୍କୃତି ଓ ଆମର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତି ସମଗ୍ର ମାନବ ଜାତିକୁ ଦିଗଦର୍ଶନ ଦେଇଆସିଛି। ଏହି ସଂସ୍କୃତି ନାରୀର ମର୍ଯ୍ୟାଦାକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ବ୍ୟକ୍ତି, ପରିବାର ଓ ସମାଜ ଗଠନରେ ନାରୀର ସେବା ଓ ତ୍ୟାଗ ଅତୁଳନୀୟ। ଏହି ଅନୁଷ୍ଠାନ ପକ୍ଷରୁ ଦୀର୍ଘ ଦୁଇ ମାସ ଧରି ମାଗଣା ସିଲାଇ ପ୍ରଶିକ୍ଷଣ ଶିବିର କରାଯାଇ ୭୪ ଜଣଙ୍କୁ ରୋଜଗାରକ୍ଷମ କରାଯାଇଛି। ଉକ୍ତ ପ୍ରଶିକ୍ଷିକାମାନଙ୍କୁ ଆଜି ମହିଳା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମାଞ୍ଚଳରେ ଉଦୀୟମାନ ସ୍ୱେଚ୍ଛାସେବୀ ପରି ଅନୁଷ୍ଠାନମାନେ ନାରୀ ପ୍ରଗତି କ୍ଷେତ୍ରରେ କରିଥିବା ଏଭଳି କାର୍ଯ୍ୟ ଉଲ୍ଲେଖନୀୟ ଓ ଦୃଷ୍ଟାନ୍ତଯୋଗ୍ୟ ବୋଲି ମତ ଦେଇଥିଲେ।

# ବିଶିଷ୍ଟ ଚିକିତ୍ସକ ଡା. ନାରାୟଣୀ ପଣ୍ଡାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ ଆଜି 'ଆନ୍ତର୍ଜାତିକ ମହିଳା ଦିବସ'ରେ ସମ୍ବଲପୁରର ବିଶିଷ୍ଟ ମହିଳା ଚିକିତ୍ସକ ତଥା ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡାଙ୍କ ପରଲୋକ ଘଟିଥିବା ବେଳେ ଏଥିରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ ଶୋକବାର୍ତ୍ତାରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଡାକ୍ତର ପଣ୍ଡାଙ୍କ ବିୟୋଗ ଖବରରେ ଦୁଃଖୀତ ଓ ମର୍ମାହତ। ଦୀର୍ଘ ଦଶନ୍ଧି ଧରି ନିରନ୍ତର ଭାବେ ଜନସେବାରେ ନିଜକୁ ନିୟୋଜିତ କରି ସେ ସମାଜ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ଜଣେ ଚିକିତ୍ସକ ଭାବେ ସେବା କରିବା ସହ ନିଜର ସମସ୍ତ ଅର୍ଜିତ ସମ୍ପତ୍ତିକୁ ସମାଜ ପାଇଁ ଅର୍ପଣ କରିବା ତାଙ୍କ ମହାନ ବ୍ୟକ୍ତିତ୍ୱର ପରିଚୟ। ବିଶେଷକରି ଶିକ୍ଷା ଓ ସମାଜସେବା ପ୍ରତି ତାଙ୍କର ଏହି ଉତ୍ସର୍ଗୀକୃତ ମନୋଭାବ ଆଗାମୀ ପିଢ଼ି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଡାକ୍ତର ପଣ୍ଡାଙ୍କ ବିୟୋଗରେ ଓଡ଼ିଶାର ସମାଜସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ଶ୍ରୀ ପ୍ରଧାନ କହିବା ସହ ସ୍ୱର୍ଗତଃ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ମଧ୍ୟ ଜଣାଇଛନ୍ତି।

# ସତ୍ୟବାଦୀର ହେରିଟେଜ କରିଡର ପ୍ରକଳ୍ପ ପାଇଁ ସାଇଟ୍ ଭିଜିଟ୍

ସତ୍ୟବାଦୀ, ୮।୩, (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲାର ସତ୍ୟବାଦୀ ଅଞ୍ଚଳର ସମଗ୍ର ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତାବିତ "ହୋଲିଷ୍ଟିକ ଡିଭେଲପମେଣ୍ଟ ଅଫ୍ ସତ୍ୟବାଦୀ" ପ୍ରକଳ୍ପ ପାଇଁ ଶୁକ୍ରବାର ସାଇଟ୍ ଭିଜିଟ୍ କରାଯାଇଛି। ଓଡ଼ିଶା ବ୍ରିଜ୍ ଏଣ୍ଡ କଂଷ୍ଟ୍ରକ୍ସନ କର୍ପୋରେସନ୍ ଲିମିଟେଡ୍‌ର ସିଜିଏମ ଆଲୋକ କୁମାର ନାୟକଙ୍କ ନେତୃତ୍ୱରେ ସ୍ଥପତି ରୁଚିପୂର୍ଣ୍ଣା ଜେନା, ଓବିସିସିର ଅଧିକାରୀଗଣ ଓ ପ୍ରକଳ୍ପ ସ୍ଥାପତ୍ୟ ବିଶେଷଜ୍ଞମାନେ ସତ୍ୟବାଦୀ ଫୁଲ ଅଳସା ଗ୍ରାମ ସହ ସାକ୍ଷୀଗୋପାଳ ମନ୍ଦିର ଆଖପାଖ ଅଞ୍ଚଳ ପରିଦର୍ଶନ କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପ ଅନୁସାରେ ସତ୍ୟବାଦୀର ଐତିହ୍ୟ, ଆଧ୍ୟାତ୍ମିକତା, ଶିକ୍ଷା ଓ ପରିବେଶର ସମନ୍ୱୟରେ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହାର ଅଂଶ ଭାବେ ସାକ୍ଷୀଗୋପାଳ ମନ୍ଦିର ପରିସରକୁ ନିକଟସ୍ଥ ଐତିହ୍ୟବାହୀ ଜଳାଶୟ ସହ ସଂଯୋଗ କରି ଏକ ହେରିଟେଜ୍ କରିଡୋର ଉନ୍ନୟନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ନଦୀତଟ ପର୍ଯ୍ୟନ୍ତ ବିସ୍ତାର କରି ସହରରେ ଏକ ସଂଯୁକ୍ତ ସାଂସ୍କୃତିକ ପରିବେଶ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ତୀର୍ଥଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରାଥମିକ ଢାଞ୍ଚାଗତ ବ୍ୟବସ୍ଥା ଏହି ପ୍ରକଳ୍ପରେ ରହିଛି। ଏଥିରେ ଗୋଶାଳା, ଛାତ୍ରବାସ ସହ ବନ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟ, ଗେଷ୍ଟ ହାଉସ୍, ସୁସଂଗଠିତ ବଜାର କମ୍ପ୍ଲେକ୍ସ ଓ ସାର୍ବଜନିନ ଶୌଚାଳୟ ନିର୍ମାଣ ପ୍ରସ୍ତାବ ରହିଛି। ସେହିପରି ଚନ୍ଦନ ପୋଖରୀ, ଶ୍ୟାମ କୁଣ୍ଡ ଓ ରତ୍ନଚିରା ନଦୀ ପରି ଐତିହ୍ୟ ସମ୍ପନ୍ନ ଜଳାଶୟମାନଙ୍କର ପୁନରୁତ୍ଥାନ ଓ ସୁରକ୍ଷା ପାଇଁ ଯୋଜନା କରାଯାଇଛି। ଘାଟ ଉନ୍ନତି, ନଦୀତଟ ସୌନ୍ଦର୍ଯ୍ୟୀକରଣ, ବର୍ଷାଜଳ ପରିଚାଳନା ଓ ପରିବେଶ ସୁରକ୍ଷା ମାଧ୍ୟମରେ ଏହାକୁ ବୈଜ୍ଞାନିକ ପ୍ରଯୁକ୍ତି ବ୍ୟବହାର କରି ପୁନର୍ବିକାଶ କରାଯିବ ବୋଲି ସୂଚନା ମିଳିଛି। ପ୍ରକଳ୍ପରେ ସୁସଂଗଠିତ ପାର୍କିଂ ବ୍ୟବସ୍ଥା, ଉନ୍ନତ ସ୍ୱଚ୍ଛତା ପ୍ରଣାଳୀ ଓ ସ୍ଥାୟୀ ଢାଞ୍ଚାଗତ ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ସତ୍ୟବାଦୀ ସହରକୁ ଏକ ସୁପରିକଳ୍ପିତ ସାଂସ୍କୃତିକ ତୀର୍ଥକ୍ଷେତ୍ର ତଥା ଶିକ୍ଷାସ୍ଥଳି ବା ଶିକ୍ଷାର କେନ୍ଦ୍ର ବିନ୍ଦୁ ଭାବେ ପରିଣତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ପ୍ରେଷ୍ଟିଜ ପ୍ରଫେସନାଲ ଲିଗ୍



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ସୁନ୍ଦରପଦା ସ୍ଥିତ ପ୍ରେଷ୍ଟିଜ ଆପାର୍ଟମେଣ୍ଟରେ ଆୟୋଜିତ ହୋଇଯାଇଛି ପ୍ରେଷ୍ଟିଜ ପ୍ରଫେସନାଲ ଲିଗ୍ (ପିପିଏଲ)। ଦୁଇ ଦିନ ଧରି ଆୟୋଜିତ ହୋଇଥିବା ଏହି ଟର୍ଣ୍ଣାମେଣ୍ଟରେ ପ୍ରେଷ୍ଟିଜ ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ ତିନୋଟି ଟିମ କରି ନିଜ ନିଜ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିଲେ। ଧୁରନ୍ଧର, ବ୍ଲାକ ପାନ୍ଥର ଓ ଡେଭିଲ ଡାଇନାମୋସ ନାଁରେ ତିନୋଟି ଦଳ ଗଠନ କରାଯାଇଥିଲା। ପ୍ରଥମ ଦିନର ମ୍ୟାଚରେ ବ୍ଲାକ ପାନ୍ଥର ଦୁଇଟି ମ୍ୟାଚ ଜିତିଥିବା ବେଳେ ପ୍ରେଷ୍ଟିଜ ଧୁରନ୍ଧର ଗୋଟିଏ ମ୍ୟାଚ ଜିତିଥିଲା। ବ୍ଲାକ ପାନ୍ଥର ୮ ଓଭରରେ ୧୧୧ ରନ କରିଥିଲା। କ୍ୟାପଟେନ ସତ୍ୟବ୍ରତ ପଣ୍ଡା ୧୨ଟି ଚୌକା ସହ ଅର୍ଦ୍ଧଶତକ ହାସଲ କରିଥିଲେ। ଧୁରନ୍ଧରର କ୍ୟାପଟେନ ରଶ୍ମିରଞ୍ଜନ ରାଣା ୧୮ଟି ବଲରେ ୩୩ ରନ କରିଥିଲେ। ଧୁରନ୍ଧର ମୋଟ ୮୧ ରନରେ ଅଲଆଉଟ ହୋଇଯାଇଥିଲା। ପ୍ରଥମ ଦିନର ମ୍ୟାଚରେ ଡେଭିଲ ଡାଇମଣ୍ଡ ଗୋଟିଏ ବି ମ୍ୟାଚ ଜିତିପାରିନଥିଲା। ଟୁର୍ଣ୍ଣାମେଣ୍ଟକୁ ପ୍ରଫେସର ସରୋଜିନୀ ବରାଳ, ସଂଯୁକ୍ତା ମହାପାତ୍ର ଓ ମମତା ଚମ୍ପତି ଉଦ୍‌ଘାଟନ କରିଥିଲେ।

# ରାଜପଥରେ ଜଳିଗଲା ଟ୍ରକ୍



ଆନନ୍ଦପୁର, ୮।୩ (ସଂଚାର ବ୍ୟୁରୋ) ଃ ରାଜପଥରେ ଜଳିଗଲା ୧୬ ଚକିଆ ଟ୍ରକ । ୨୦ନଂ ଜାତୀୟ ରାଜପଥରେ ହୁତୁହୁତୁ ହୋଇ ଜଳିଗଲା ୧୬ଚକିଆ ସିମେଣ୍ଟ ବୋଝେଇ ଟ୍ରକ । କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବେଲବାହାଲୀ ଗୁଞ୍ଜନ ହୋଟେଲ ସାମ୍ନାରେ ଜଳିଗଲା ଟ୍ରକ । ସିଆପଡା ଛକ ନିକଟରେ ଥିବା ଗୁଞ୍ଜନ ହୋଟେଲକୁ ଡ୍ରାଇଭର ଗାଡି ରଖି ଖାଇବାକୁ ଯାଇଥିବା ବେଳେ ଅଚାନକ ଟ୍ରକ ଜଳିଯାଇଥିଲା । ସ୍ଥାନୀୟ ଲୋକେ ଗାଡିଟି ହୁ ହୁ ହୋଇ ଜଳୁଥିବା ଦେଖି ଡ୍ରାଇଭରକୁ ଜଣାଇବା ସହ ଘଷିପୁରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଟ୍ରକଟି କଟକରୁ ସିମେଣ୍ଟ ବୋଝେଇ କରି କେନ୍ଦୁଝର ଯାଉଥିବା ଜଣାପଡ଼ିଛି ।

# ଟିଟିରେ ରାଜ୍ୟ ପାଇଁ ଗୌରବ ଆଣିଲେ ରାକେଶ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ ଭିଆଇଟି ଭୋପାଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିଲା 'ଆଦ୍ୱିତ୍ୟ ସ୍ପୋର୍ଟ୍ସ ଫେଷ୍ଟ ୨୦୨୬'। କିଟ ବିଶ୍ୱବିଦ୍ୟାଳୟରୁ ରାକେଶ ରଞ୍ଜନ ରାଉତ ପ୍ରତିନିଧିତ୍ୱ କରି ପୁରୁଷ ଟେବୁଲ ଟେନିସ (ଟିଟି) ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଗତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ରାକେଶ ୩-୦ରେ ତାଙ୍କ ପଶ୍ଚିମବଙ୍ଗ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଭୋପାଳରୁ ଫେରିବା ପରେ ତାଙ୍କର ଏହି ସଫଳତା ପାଇଁ କିଟ-କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ରାକେଶ ତାଙ୍କୁ କିଟ୍ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ସେ କହିଥିଲେଯେ ପ୍ରତିଯୋଗିତାଟି ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ବହୁ ପ୍ରମୁଖ ର୍‍ୟାଙ୍କିଙ୍ଗ୍ ଖେଳାଳି ଏଥିରେ ଭାଗ ନେଇଥିଲେ। ସେମାନଙ୍କୁ ହରାଇ ଚାମ୍ପିଅନ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ଏକ ଚମତ୍କାର ଅନୁଭୂତି ବୋଲି ରାକେଶ କହିଛନ୍ତି।

# ୩ ନବୋଦୟ ଛାତ୍ରଙ୍କ ମୃତ୍ୟୁ ଘଟଣା, ୩ ନିଲମ୍ବିତ

କୋରାପୁଟ,୮।୩(ସଂଚାର ବ୍ୟୁରୋ)ଃ କୋରାପୁଟ କୋଲାବ ଜଳଭଣ୍ଡାରରେ ଶନିବାର ନବୋଦୟ ବିଦ୍ୟାଳୟର ତିନି ଛାତ୍ର ବୁଡ଼ି ମୃତ ଘଟଣାରେ ରବିବାର ନବୋଦୟ ସଂସ୍ଥାର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋରାପୁଟ ନବୋଦୟ ବିଦ୍ୟାଳୟର ୨ ଜଣ ଶିକ୍ଷକ ଓ ଜଣେ କେୟାର ଟେକରଙ୍କୁ ନିଲମ୍ବିତ କରିଥିବା ସୂଚନା ରହିଛି। ଅପରପକ୍ଷେ ଘଟଣାର ତଦନ୍ତ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ରବିବାର କୋରାପୁଟ ନବୋଦୟ ବିଦ୍ୟାଳୟକୁ ଜିଲା ପ୍ରଶାସନର ଚାରି ଜଣିଆ ଟିମ୍ ପରିଦର୍ଶନ କରିଥିଲେ । ଚାରି ଜଣିଆ ଟିମରେ କୋରାପୁଟ ତହସିଲଦାର ସୟଦ ସବୀର ସାହାଙ୍କ ନେତୃତ୍ୱରେ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରମୁଖ ବିଦ୍ୟାଳୟ ଯାଇ ଘଟଣା ସମ୍ପର୍କରେ ବିଦ୍ୟାଳୟ ଶିକ୍ଷକ ଅଧ୍ୟକ୍ଷା, କେୟାର ଟେକର ସମେତ ବିଭିନ୍ନ ଜଣକ ସହ ପଚାରି ବୁଝିଛନ୍ତି । ଏହାସହ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି ।

## ମ୍ୟୁଚୁଆଲ ବଦଳି ନିୟମରେ ସଂଶୋଧନ ଦାବି

# ବିଧାୟକଙ୍କୁ ଫେରାଦ ହେଲେ ଶିକ୍ଷକଶିକ୍ଷୟିତ୍ରୀ

ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ)ଃ ରାଜ୍ୟର ହଜାର ହଜାର ମାଧ୍ୟମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଆନ୍ତଃଜିଲ୍ଲା ପାରସ୍ପରିକ ବଦଳିରେ ଅନ୍ତତଃ ଦ୍ୱିତୀୟଥର ସୁବିଧା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ଉଠାଇଛନ୍ତି। ସେମାନେ ଟ୍ୱିଟ ଓ ଇମେଲ କରି ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଅବଗତ କରାଇଛନ୍ତି। ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ ଓ ଟିଜିଟି ଶିକ୍ଷକଙ୍କ ମ୍ୟୁଚୁଆଲ ବଦଳିକୁ ନେଇ ନୂତନ ଗାଇଡ଼ଲାଇନ୍ ପ୍ରକାଶ କରିଛନ୍ତି। ଉକ୍ତ ନିର୍ଦ୍ଦେଶାବଳୀ ଅନୁସାରେ ପାରସ୍ପରିକ ଆନ୍ତଃଜିଲ୍ଲା ବଦଳି କେବଳ ଗୋଟିଏଥର ପାଇଁ ସୀମିତ ରହିଛି। ଏହି ପ୍ରାବଧାନକୁ ନେଇ ଟିଜିଟି ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ କ୍ୟାଡର କର୍ମଚାରୀ ହୋଇ ମଧ୍ୟ ସମଗ୍ର ଚାକିରୀ ଅବଧିରେ କେବଳ ଗୋଟିଏଥର ପାରସ୍ପରିକ ବଦଳି ସୁବିଧା ମିଳିବା ଫଳରେ ଅନେକେ ନିଜ ଜନ୍ମ ଜିଲ୍ଲାରୁ ଦୂରରେ ରହିବାକୁ ବାଧ୍ୟ ହେଉଛନ୍ତି। ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ପାରସ୍ପରିକ ବଦଳିରେ ସ୍କୁଲ କିମ୍ବା ଜିଲ୍ଲା ସ୍ତରରେ କୌଣସି ନୂଆ ପଦବୀ ସୃଷ୍ଟି କରିବାର ଆବଶ୍ୟକତା ପଡେନାହିଁ। ପାଠ ପଢ଼ାରେ ମଧ୍ୟ କୌଣସି ସମସ୍ୟା ଉପୁନ୍ନ ହୁଏନାହିଁ। ଗତ ବର୍ଷ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମ୍ୟୁଚୁଆଲ ବଦଳି ମାଧ୍ୟମରେ ଜିଲ୍ଲା ପରିବର୍ତ୍ତନ କରି ନିଜ ପାଖାପାଖି ଜିଲ୍ଲାକୁ ଯାଇଥିଲେ। ସୁଯୋଗ ନମିଳିବାରୁ ନିଜ ଜିଲ୍ଲାକୁ ଯାଇପାରି ନଥିଲେ ସେମାନେ। ବିଭିନ୍ନ ପାରିବାରିକ ସମସ୍ୟା ରହିଥିଲେ ବି ସେମାନେ ପୁଣି ଥରେ ନିଜ ଜିଲ୍ଲାକୁ ଫେରି ପାରୁନାହାନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବୃଦ୍ଧ ଓ ଅସୁସ୍ଥ ପିତାମାତାଙ୍କ ସେବା କରିବାରୁ ବଞ୍ଚିତ ହେବାକୁ ପଡୁଛି।

ତେଣୁ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସହାନୁଭୂତିର ସହ ପୁନଃ ବିଚାର କରି ଗାଇଡ଼ଲାଇନ୍ ସଂଶୋଧନ କରିବା ସହିତ ଅତି କମରେ ଦ୍ୱିତୀୟଥର ପାଇଁ ଆନ୍ତଃଜିଲ୍ଲା ପାରସ୍ପରିକ ସ୍ଥାନାନ୍ତର ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ତେବେ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ନପାଇବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆସନ୍ତା ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ଉତ୍ଥାପନ କରିବାକୁ ବିଧାୟକମାନଙ୍କୁ ଦାବିପତ୍ର ଦେଇ ଅନୁରୋଧ କରିଛନ୍ତି। ଏନେଇ ସୋର ବିଧାୟକ ମାଧବ ଧଡ଼ା, ବସ୍ତ ବିଧାୟିକା ସୁବାସିନୀ ଜେନା ଓ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷଙ୍କୁ ଅବଗତ କରାଇବା ସହ ବିଧାନସଭାରେ ସରକାରଙ୍କୁ ପ୍ରଶ୍ନ କରିବାକୁ ଅନୁରୋଧ କରିଛନ୍ତି।

ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରିନାହିଁ।

# ମହିଳା ମହାସଂଘର ନେତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ)ଃ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କ ଠାରେ ଆୟୋଜିତ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀର ଦ୍ୱିତୀୟ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହିଳାମାନଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିର ମହିଳା କେବଳ ଘରେ ସୀମିତ ନୁହେଁ; ସେ ସମାଜ ଓ ଅର୍ଥନୀତିର ପରିବର୍ତ୍ତନର ଶକ୍ତି। ମିଶନ ଶକ୍ତି ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ଆତ୍ମନିର୍ଭର ହୋଇ ନୂଆ ଇତିହାସ ଗଢୁଛନ୍ତି। 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ମହିଳା ନେତୃତ୍ୱକୁ ଆହୁରି ସୁଦୃଢ଼ କରିବ, ଯାହାଦ୍ୱାରା ସେମାନେ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇରେ ପରିଣତ ହୋଇ ସମାଜ ଓ ଗ୍ରାମୀଣ ଅର୍ଥନୀତିର ଉନ୍ନତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ।

ମହିଳାମାନଙ୍କ ନେତୃତ୍ୱ ଓ ସହଭାଗିତା ବୃଦ୍ଧି ହେଲେ ରାଜ୍ୟର ଉନ୍ନତି ଆହୁରି ଦ୍ରୁତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଏଥିସହ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହା ଲକ୍ଷପତି ଦିଦି ସୃଷ୍ଟି ହୋଇ ନୂତନ ଉଦ୍ୟୋଗ ଆରମ୍ଭ କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରଗଡ଼, ରାୟଗଡ଼ା, ସମ୍ବଲପୁର ଏବଂ କୋରାପୁଟ ଜିଲ୍ଲାର ବିଭିନ୍ନ ମହାସଂଘର ୯୦ ଜଣ ସଭାପତି ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ସେମାନଙ୍କୁ ନେତୃତ୍ୱ, ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ ଏବଂ ଆର୍ଥିକ ସଶକ୍ତିକରଣ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତକୁ...

୮ଟି ଛକା ସହାୟତାରେ ୮୯ ରନ୍ କରି ପୁଣିଥରେ ଶତକରୁ ବଞ୍ଚିତ ହୋଇଥିଲେ। କିନ୍ତୁ ପ୍ରତିଯୋଗିତାରେ କ୍ରମାଗତ ତୃତୀୟ ଥର ପାଇଁ ସେ ଅର୍ଦ୍ଧଶତକ ହାସଲ କରିଥିଲେ, ଯାହାକି ତାଙ୍କୁ ବିରାଟ କୋହଲିଙ୍କ ସମକକ୍ଷ କରିଥିଲା। ସାମ୍ସନ୍‌ଙ୍କ ପୂର୍ବରୁ ବିରାଟଙ୍କ ବ୍ୟତୀତ ପାକିସ୍ତାନର ଶାହିଦ୍ ଆଫ୍ରିଦି ମଧ୍ୟ ଅନ୍ୟତମ ବ୍ୟାଟ୍ସମ୍ୟାନ୍ ଭାବେ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍ ଓ ଫାଇନାଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଚଳିତ ପ୍ରତିଯୋଗିତାରେ ବିଫଳ ରହିଥିବା ଅଭିଷେକ ମଧ୍ୟ ଫାଇନାଲ୍‌ରେ ଫର୍ମକୁ ଫେରିଥିଲେ। ସେ ମାତ୍ର ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୨୧ ବଲ୍‌ରେ ୫୨ ରନ୍ (୬ ଚୌକା, ୩ ଛକା) କରିଥିଲେ। ଉଭୟଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୪୩ ବଲ୍‌ରେ ୯୮ ରନ୍‌ର ଭାଗୀଦାରୀ ହୋଇଥିଲା। ପରେ ସାମ୍ସନ୍ ଓ କିଶନ୍ ଦ୍ୱିତୀୟ ୱିକେଟ୍ ପାଇଁ ୪୮ ବଲ୍‌ରେ ୧୦୫ ରନ୍ ଯୋଡ଼ିବା ଫଳରେ ଦଳୀୟ ସ୍କୋର୍ ୨୦୦ ଅତିକ୍ରମ କରିଥିଲା। କିଶନ୍ ମାତ୍ର ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୫୪ ରନ୍‌ର ବିଧ୍ୱଂସୀ ଇନିଂସ ଖେଳିଥିଲେ। ଶେଷ ଭାଗରେ ଶିବମ୍ ଦୁବେ ମାତ୍ର ୮ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ସହ ୨୬ ରନ୍‌ରେ ଅପରାଜିତ ରହିବା ସହ ଦଳୀୟ ସ୍କୋର୍‌କୁ ୨୫୦ ପାର୍ କରାଇଥିଲେ। ନ୍ୟୁଜିଲାଣ୍ଡ୍ ପକ୍ଷରୁ ଜିମି ନିଶାମ୍ ୩ଟି ୱିକେଟ୍ ନେଇ ସଫଳ ବୋଲର୍ ହୋଇଥିଲେ।

କିନ୍ତୁ ବ୍ୟାଟିଂରେ ନ୍ୟୁଜିଲାଣ୍ଡ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ୍ ପରି ପ୍ରଦର୍ଶନରେ ବିଫଳ ରହିଥିଲା। ବିଶେଷକରି ଉକ୍ତ ମ୍ୟାଚ୍‌ରେ ଶତକ ସହ ଅପରାଜିତ ଥିବା ଫିନ୍ ଆଲେନ୍ ମାତ୍ର ୯ ରନ୍‌ରେ ଆଉଟ୍ ହେବା ଫଳରେ ନ୍ୟୁଜିଲାଣ୍ଡକୁ ପ୍ରଥମ ବଡ଼ ଝଟ୍‌କା ଲାଗିଥିଲା। ପରେ ଦଳ ୭୨ ରନ୍‌ରେ ପହଞ୍ଚିବା ବେଳକୁ ୫ ଜଣ ଶୀର୍ଷ ଭାଗ ବ୍ୟାଟ୍ସମ୍ୟାନ୍ ପ୍ୟାଭିଲିଅନ୍ ଫେରିସାରିଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟତମ ଓପନର ଟିମ୍ ଶିଫର୍ଟ ଅନ୍ୟତମ ଥିଲେ, ଯିଏକି ୨୬ ବଲ୍‌ରେ ୨ଟି ଚୌକା ଓ ୫ଟି ଛକା ସହ ୫୨ ରନ୍ କରିଥିଲେ। ପରେ ଅଧିନାୟକ ମିଚେଲ୍ ସାଣ୍ଟନର୍ ଯଦିଓ ୩ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୪୩ ରନ୍ କରିଥିଲେ, କିନ୍ତୁ ତାହା କେବଳ ଦଳର ପରାଜୟ ବ୍ୟବଧାନକୁ ହ୍ରାସ କରିପାରିଥିଲା। ଉନବିଂଶତମ ଓଭର୍‌ର ଅନ୍ତିମ ବଲ୍‌ରେ ନ୍ୟୁଜିଲାଣ୍ଡର ଅନ୍ତିମ ୱିକେଟ୍‌ର ପତନ ଘଟିବା ଫଳରେ ଭାରତ ୯୬ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ଟ୍ରଫି ଉପରେ କବ୍‌ଜା କରିଥିଲା। ଭାରତ ପକ୍ଷରୁ ଜସପ୍ରୀତ୍ ବୁମ୍ରା ସଫଳତମ ବୋଲର୍ ଭାବେ ୪ଟି ୱିକେଟ୍ ନେଇଥିବା ବେଳେ ଅକ୍ଷର ପଟେଲ୍ ୩ଟି ୱିକେଟ୍ ନେଇଥିଲେ। ବୁମ୍ରା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ସାମ୍ସନ୍ ପ୍ଲେୟର୍ ଅଫ୍ ଦି ସିରିଜ୍ ହୋଇଛନ୍ତି।

## ଆଜିଠୁ...

ନେଇ ସରକାରଙ୍କ ବିରୋଧରେ ଆକ୍ରମଣକୁ ଅଧିକ ଶାଣିତ କରିବାକୁ ସୋମବାର ପୂର୍ବାହ୍ନରେ ସଂସଦୀୟ ଦଳ ବୈଠକ ଡାକିଛନ୍ତି। ଏହି ଅଧିବେଶନରେ ବାଚସ୍ପତିଙ୍କ ବିରୋଧରେ ବିରୋଧୀ ଆଣିବାକୁ ଥିବା ଅବିଶ୍ୱାସ ପ୍ରସ୍ତାବ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେବ। ରାହୁଲ ଗାନ୍ଧି ଓ ଅନ୍ୟ ବିରୋଧୀ ଦଳ ନେତାଙ୍କୁ ସଂସଦରେ କହିବାକୁ ନ ଦେବା, ସାଂସଦଙ୍କୁ ନିଲମ୍ବନ କରିବା, ମହିଳା ସାଂସଦ ମୋଦିଙ୍କୁ ଆକ୍ରମଣ କରିବା ଅଭିଯୋଗ ଓ ସରକାରଙ୍କ ସବୁ କଥାରେ ସମର୍ଥନ କରିବାକୁ ନେଇ ବିର୍ଲାଙ୍କ ବିରୋଧରେ ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣିବେ। ଗତ ମାସ ୧୦ ତାରିଖରେ ବିରୋଧୀ ଏନେଇ ନୋଟିସ ଦେବା ପରଠାରୁ ବିର୍ଲା ଲୋକସଭାରେ ଅଧ୍ୟକ୍ଷତା କରିବାରୁ ନିଜକୁ ଦୂରେଇ ରଖିଛନ୍ତି।

## ବୋଲେରୋ...

ଫେରିବା ସମୟରେ ବୋଲେରୋ ରୂପରେ ସେମାନଙ୍କ ଆଗକୁ ଆସିଥିଲା ଯମ। ଘଟଣାସ୍ଥଳରେ ୪ଜଣଯାକ ପ୍ରାଣ ହରାଇଥିବା ବେଳେ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହତ ଜଣଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଦିଲ୍ଲୀପଙ୍କୁ...

ଅଧିକ ମାମଲା କରାଯାଇଥିଲା। ତାଙ୍କୁ ଜିତାଇ ନ ଦେବାକୁ ସେତେବେଳେ ବିଜେଡି ସରକାର ସବୁ ଫନ୍ଦିଫିକର କରିଥିଲା। ତେଣୁ ସେ ବିଜେଡି-କଂଗ୍ରେସ ମେଣ୍ଟରେ ରହିବେ ନା ଦିଲୀପଙ୍କୁ ଭୋଟ ଦେବେ, ତାକୁ ନେଇ ମଧ୍ୟ ସନ୍ଦେହ ରହିଛି। ସେହିପରି ୨୦୦୨ରେ ଦିଲୀପଙ୍କ ପାଇଁ କ୍ରସ ଭୋଟିଂ କରିଥିବା ତାରା ଏଥର କ'ଣ କରିବେ ତାହା ମଧ୍ୟ ସନ୍ଦେହ ଘେରରେ। କଂଗ୍ରେସ ଏବଂ ବିଜେଡିର ଏମିତି କିଛି ଅସନ୍ତୁଷ୍ଟଙ୍କୁ ହିସାବ କଲେ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ପାଇଁ ଆଉ ୨ଟି ଭୋଟ ଦରକାର।

ପରସ୍ପରବିରୋଧୀ ଆରୋପ ପ୍ରତ୍ୟାରୋପ ଭିତରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ସଂଖ୍ୟା ନ ଥାଇ କେମିତି ବିଜେପି ସମର୍ଥିତ ପ୍ରାର୍ଥୀ ଜିତିବେ। ବିଜେପି କି ପ୍ରକାର ଆକଳନ କରୁଛି ମୁଁ ଜାଣିନି, ଏହା କ'ଣ ସୁସ୍ଥ ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଛନ୍ତି। ଦିଲ୍ଲୀପ ରାୟ ଜିତିଲେ ଗଣତନ୍ତ୍ର ପ୍ରତି କୁଠାରଘାତ ହେବ ବୋଲି ସେ କହିଛନ୍ତି। ତେବେ ଅରୁଣଙ୍କୁ କଡ଼ା କାଉଣ୍ଟର କରି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ ବିଜେଡିର ସଂଖ୍ୟା ଗରିଷ୍ଠତା ନଥାଇ କେମିତି ବୈଷ୍ଣବ ପରିଡ଼ା ରାଜ୍ୟସଭା ଯାଇଥିଲେ। ଅରୁଣ ଆଜି ଯେଉଁ ଗୁରୁଜ୍ଞାନ ଦେଉଛନ୍ତି ସେତେବେଳେ କୁଆଡ଼େ ଯାଇଥିଲେ ବୋଲି ବାବୁ ସିଂ ପାଲଟା ପ୍ରଶ୍ନ କରିଛନ୍ତି। ସେପଟେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ତାଙ୍କ ଦଳର ଗୋଟିଏ ବି ଭୋଟ ଏପଟସେପଟ ହେବନି।

## ସମ୍ବଲପୁରରେ...

ସେଣ୍ଟର ପାଇଁ ସବୁପ୍ରକାର ଅନୁମୋଦନ ମିଳିସାରିଛି। ଏହି ସେଣ୍ଟର ପାଇଁ ଆବଶ୍ୟକୀୟ ପଦବୀ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି। ଉକ୍ତ ପଦବୀଗୁଡ଼ିକ ମଧ୍ୟରେ ମେଡିକାଲ ଅଫିସର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ଜୁନିୟର ହେଲଥ ଆଡମିନିଷ୍ଟ୍ରେଟିଭ୍ ଆସିଷ୍ଟାଣ୍ଟ ପୋଷ୍ଟ ରହିଛି। ତେବେ ସେଣ୍ଟରଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପେନସନଭୋଗୀମାନେ ନିକଟସ୍ଥ ସିଜିଏଚଏସ ସହରରୁ ସୁବିଧା ପାଇପାରିବେ ଏବଂ କାର୍ଯ୍ୟରତ କର୍ମଚାରୀମାନେ ସେଣ୍ଟରାଲ ସର୍ଭିସ୍ (ମେଡିକାଲ ଆଟେଣ୍ଡାନ୍ସ) ନିୟମ ଅଧୀନରେ ଚିକିତ୍ସା ସୁବିଧା ପାଇବା ଜାରି ରଖିବେ। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ଜୀବନଧାରଣକୁ ସହଜ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।

## ୨୮ରୁ...

ଡିଫେଣ୍ଡିଂ ଚାମ୍ପିଅନ୍ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ ଖେଳିବାକୁ ଥିବା ବେଳେ ପଞ୍ଜାବ କିଙ୍ଗ୍ସ ରନର୍ସଅପ୍ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଗତ ସଂସ୍କରଣର ଫାଇନାଲ୍‌ରେ ଆର୍‌ସିବି ପଞ୍ଜାବକୁ ୬ ରନ୍‌ରେ ହରାଇ ଆଇପିଏଲ୍‌ର ୧୮ ବର୍ଷର ଲମ୍ବା ଇତିହାସରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ ହୋଇପାରିଥିଲା। ଆର୍‌ସିବିର ଘରୋଇ ମ୍ୟାଚ୍ ସମ୍ପର୍କରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ) ପକ୍ଷରୁ ଚଳିତ ମାସ ପ୍ରାରମ୍ଭରେ ସ୍ପଷ୍ଟ କରାଯାଇଛି ଯେ ଦଳର ୫ଟି ଘରୋଇ ମ୍ୟାଚ୍ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହାଛଡ଼ା ସଂସ୍କରଣର ଫାଇନାଲ୍ ଓ ଗୋଟିଏ ପ୍ଲେଅଫ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବାର ସମ୍ଭାବନା ରହିଛି। ସେହିପରି ଦଳର ଅନ୍ୟ ଦୁଇଟି ଘରୋଇ ମ୍ୟାଚ୍ ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ।

## ନାଁ ରହିବ...

ଓଡ଼ିଶାରେ ହେଉଥିବା ଖଣିଲୁଟ, ନାରୀ ନିର୍ଯାତନା, ସରକାରୀ ବିଫଳତା ବିରୋଧରେ ନୂଆ ଦଳ କାମ କରିବ ବୋଲି ମୋକିମ କହିଛନ୍ତି। ମୋକିମଙ୍କ ନୂଆ ଦଳରେ କେଉଁମାନେ ସାମିଲ ହେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି । ତେବେ ମୋକିମ୍ ଅଭିଯୋଗ କରିଛନ୍ତି ଯେ ବିଜେଡି ୨୫ ବର୍ଷ ଧରି କଂଗ୍ରେସକୁ ତଳିତଳାନ୍ତ କରିଛି। ପୁଣି ସେହି ଦଳ ସହ କଂଗ୍ରେସ ହାତ ମିଳାଇବା ଏକ ଅସାଧୁ ମେଣ୍ଟ। ଏହା କଂଗ୍ରେସ ପାଇଁ ଆଗାମୀ ଦିନରେ କ୍ଷତିକାରକ ହେବ। ଦଳର ସଭାପତି ଓ ହାଇକମାଣ୍ଡଙ୍କ ଏହି ନିଷ୍ପତ୍ତିରେ ଅନେକ ବିଧାୟକ ଅସନ୍ତୁଷ୍ଟ। ଆଗାମୀ ଦିନରେ ଏହି ବିଧାୟକମାନେ କିଛି ବି ନିଷ୍ପତ୍ତି ନେଇପାରନ୍ତି ବୋଲି ମୋକିମ୍ କହିଛନ୍ତି।

## କୋଟିଏରୁ...

ଅନୁଗୁଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲ୍ଲାର ମହିଳାମାନେ ଏହି ସହାୟତା ରାଶିକୁ ବ୍ୟବହାର କରି ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ବ୍ୟବସାୟ ଓ ଛୋଟ ବ୍ୟବସାୟ ଆରମ୍ଭ କରି ସଫଳତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି।

ସେ ପୁଣି କହିଥିଲେ ଯେ ଆଇଆଇଏମ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତାକୁ ବ୍ୟବସାୟ ଆରମ୍ଭ ପାଇଁ ବ୍ୟବହାର କରିଥିବା ବେଳେ ୩୫.୭ ପ୍ରତିଶତ ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏହା ସହିତ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି |

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରହିବ। ସମୃଦ୍ଧ ଓଡିଶା ଓ ବିକଶିତ ଗଠନ ହେବ ମହିଳାମାନଙ୍କ ନେତୃତ୍ୱରେ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ 'ଲକ୍ଷପତି ଦିଦି' ଓ ୧୦ ଲକ୍ଷ 'ମିଲେନିଅର ଦିଦି' ସୃଷ୍ଟି କରିବା ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସଶକ୍ତିକରଣ ପାଇଁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହିଳା ସଶକ୍ତିକରଣ ଆମ ସରକାର ପାଇଁ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିବଦ୍ଧତା। ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡିଶା ଗଠିତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଗତକାଲି ରାଷ୍ଟ୍ରପତିଙ୍କୁ ପଶ୍ଚିମବଙ୍ଗଠାରେ କରାଯାଇଥିବା ଅସମ୍ମାନକୁ ଦୃଢ଼ ନିନ୍ଦା କରିବା ସହିତ ଏଭଳି ଅନାଦର କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ପାଇଁ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ, ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଟେବୁଲ ବୁକ ଓ ବାଲ୍ୟ ବିବାହ ନିବାରଣ ପାଇଁ ପ୍ରସ୍ତୁତ ହୋଇଥିବା ଏକ ପୁସ୍ତିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଭାରତବର୍ଷ ଆଜି ମହିଳାଙ୍କ ପାଇଁ ଯାହା ଭାବୁଛି ମା' ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା'ଠାରୁ ବହୁତ ଆଗରେ ଅଛନ୍ତି। ଓଡ଼ିଶାରେ ମହିଳା ସଶକ୍ତିକରଣକୁ ପ୍ରମାଣିତ କରିଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ଆଜି ଓଡ଼ିଶାର ମହିଳା ଶକ୍ତିଙ୍କୁ ଭାରତବର୍ଷରେ ଏକ ଉଦୀୟମାନ ଶକ୍ତି ରୂପେ ଗଢ଼ିତୋଳିଛି। ପୂର୍ବରୁ ୩ଟି ପର୍ଯ୍ୟାୟରେ ୧୫ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଆଜି ଚତୁର୍ଥ ପର୍ଯାୟର ସହାୟତା ରାଶି ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପ୍ରତି ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏଚପିଭି ଟୀକା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ରାଜ୍ୟର ସବୁ ୧୪ରୁ ୧୫ ବର୍ଷ ଝିଅମାନଙ୍କୁ ଏହି ଟୀକା ଦେବା ପାଇଁ ସେ ସୁଭଦ୍ରା ମା'ମାନଙ୍କୁ ଅନୁରୋଧ କରିଥିଲେ।

ପୁରୀ ସାଂସଦ ଡା ସମ୍ବିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ମହିଳା ସଶକ୍ତିକାରଣ ପାଇଁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ତାହା ଅଦ୍ୱିତୀୟ। 'ଲକ୍ଷପତି ଦିଦି' ସୃଷ୍ଟିରେ ଓଡିଶା ଭାରତ ବର୍ଷରେ ଶ୍ରେଷ୍ଠତ୍ୱ ଅର୍ଜନ କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଓ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମଧ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ



**କେନ୍ଦ୍ରାପଡ଼ା,୮।୩(ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମୃଦ୍ଧ ଓଡ଼ିଶା ଗଠନ ସମ୍ଭବ ବୋଲି କହିଥିଲେ। ସେ ପୁରୀଠାରୁ ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅନୁସାରେ ୧ କୋଟିରୁ ଅଧିକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୫ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥରାଶି ହସ୍ତାନ୍ତର କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ହିତାଧିକାରୀ ଓ ଉପସ୍ଥିତ ମହିଳାମାନଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସର ଅଭିନନ୍ଦନ ଜଣାଇଥିଲେ। ସେ ସୁଭଦ୍ରା ଯୋଜନାର ଅର୍ଥକୁ ସୁବିନିଯୋଗ କରି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ଭାବେ ସଶକ୍ତ ହେବାକୁ ଆହ୍ୱାନ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜରାୟୁ ଗ୍ରୀବା କର୍କଟ ରୋଗ ପ୍ରତିରୋଧ ପାଇଁ ଦିଆଯାଉଥିବା ମାଗଣା ଟିକାକରଣ କାର୍ଯ୍ୟକ୍ରମରେ୧୪- ୧୫ ବର୍ଷ ବୟସର କିଶୋରୀମାନଙ୍କୁ ସମ୍ମିଳିତ କରିବାକୁ ଅନୁରୋଧ କରିଥିଲେ । ଏହାସହ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ସିଡିପିଓ, ସୁପରଭାଇଜର, ସୁଭଦ୍ରା ହେଲ୍ପ ଡେସ୍କ, ମମତା ଯୋଜନାର ପ୍ରୋଗ୍ରାମ ଅଫିସର, ପୋଷଣ କର୍ମୀ, ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ନାରୀ ସଶକ୍ତିକରଣ ବିଷୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

## ଲାଉଲଇରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




**ଢେଙ୍କାନାଳ,୮।୩ (ସଂଚାର ବ୍ୟୁରୋ):** ଆଜି ପ୍ରିୟା ସ୍ୱେଚ୍ଛାସେବୀ ସଂଗଠନ ଓ ମାଇଁ ଭାରତ ଢେଙ୍କାନାଳର ମିଳିତ ସହଯୋଗରେ ଲାଉଲଇ ଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଅଛି। ଏଥିରେ ମହିଳା ସଂଯୋଜିକା ଇଲନ ପ୍ରଭା ସେନାପତି ମୁଖ୍ୟ ଅତଥିଭାବେ ଯୋଗ ଦେଇ ମହିଳା ମାନଙ୍କର ଅଧିକାର ବିଷୟରେ ବୁଝାଇ କହିଥିଲେ। ପ୍ଲାକ କାର୍ଡ ଧରି ଗ୍ରାମ ପ୍ରରି ଭ୍ରମଣ କରି ସଚେତନ କରିଥିଲେ। ଏଥିରେ ପ୍ରିୟ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ୬ ମାର୍ଚ୍ଚ ରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ଯୋଗ ଅଧିବେଶନ, ସ୍ୱାସ୍ଥ୍ୟ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଏହି ପ୍ରରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ୫୦୦ ମହିଳା ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରୀ ମାନଙ୍କୁ ନେଇ ଢେଙ୍କାନାଳ ମିନି ଷ୍ଟାଡିଅମ ଠାରୁ ସହର ମଧ୍ୟରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ହକି ଖେଳରେ କୃତିତ୍ୱ ଅର୍ଜନ କରିଥିବା ମହିଳା କ୍ରୀଡ଼ାବିତ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଶ୍ୱ ମହିଳା ଦିବସ ପାଳନ ଓ ଆଇନ୍ ସଚେତନତା ସଭା




**ଯାଜପୁର,୮।୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବା ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରି ଜାତୀୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟଧାରା ଏବଂ ନୂତନ ଆଶା କାର୍ଯ୍ୟକ୍ରମ ସଚେତନତା, ସହଯୋଗ, ସାହାଯ୍ୟ ଓ କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀରୋଗ ଓ ପ୍ରସୂତିତନ୍ତ୍ର ବିଭାଗର ଡାକ୍ତର ଶାନ୍ତିପ୍ରିୟା ମୁର୍ମୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ଏଲ୍ ପି ଓ ରୋଜାଲିନ୍ ପଣ୍ଡା ପ୍ରମୁଖ ଯୋଗଦେଇ ପିଏନଡିଟି ଆକ୍ଟ, ବାଲ୍ୟବିବାହ ନିରୋଧ ଆଇନ୍, ଶିଶୁ ଶୋଷଣ ବିରୋଧି ଆଇନ୍, ଶିଶୁ ଅଧିକାର, କାର୍ଯ୍ୟକ୍ଷେତ୍ର ମହିଳାଙ୍କ ପ୍ରତି ହେଉଥିବା ଯୌନଗତ ଶୋଷଣ ବା ଅନୁଚିତ ବ୍ୟବହାର, ଯୌତୁକ ସମ୍ବନ୍ଧୀୟ ସଚେତନତା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ବିଶ୍ୱ ମହିଳା ଦିବସ ପାଳନର ମହତ୍ତ୍ୱ ସହିତ ଚଳିତ ବର୍ଷର କଥାବସ୍ତୁ ଦେଇ ପାଇବା ଗିଭ୍ ଟୁ ଗେନ୍ ଓ ପ୍ରତ୍ୟେକ ମହିଳା ଏବଂ ବାଳିକାଙ୍କ ଅଧିକାରକୁ ସୁରକ୍ଷିତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ।

## ହିଞ୍ଜିଳିକାଟୁରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




**ହିଞ୍ଜିଳିକାଟୁ,୮।୩ (ସଂଚାର ବ୍ୟୁରୋ):** ସାରା ବିଶ୍ୱରେ ପ୍ରତି ବର୍ଷ ମାର୍ଚ୍ଚ ୮ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହେଉଥିବା ବେଳେ ହିଞ୍ଜିଳିକାଟୁ ତାଲୁକା ଆଇନ କମିଟି ଓ ପଂଚାୟତ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ବ୍ଲକ ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ,ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ,ତାଲୁକା ଆଇନ କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ, ଜେଏମଏଫସି ବିଚାରପତି ବନଜା ମହାନ୍ତି, ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ,ମେଡିକାଲ ଅଧିକ୍ଷକ ଡ଼ା. ଶ୍ରୀକାନ୍ତ ସାହୁ, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳୀ ପ୍ରଧାନ,ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠି, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀ, ବରିଷ୍ଠ ଆଇନଜିବୀ ନିର୍ମଳ ସାହୁ ମଞ୍ଚାସିନ ରହିଥିଲେ। ଏହି ଦିବସ ଅବସରରେ ପାଳନର ଉଦ୍ଦେଶ୍ୟ, ନିରାକରଣ, ବାଲ୍ୟ ବିବାହକୁ ନା, ନାରୀର ଅଧିକାର ଓ ଭୂମିକା, ମାନସିକତା, ଅନ୍ତର୍ନିହିତ ଗୁଣ, କନ୍ୟା ଭ୍ରୁଣ ହତ୍ୟା ,ଲିଙ୍ଗଗତ ସମ୍ମାନତା ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କନ୍ୟା ରତ୍ନ ଯୋଜନା, ମହିଳା ସଶକ୍ତିକରଣ ଯୋଜନାରେ ନାରୀ ସମାଜର ଉନ୍ନତି ଆଦି ସଂକ୍ରାନ୍ତରେ ବିଷଦ ଭାବେ ଅତିଥି ବୃନ୍ଦ ମହିଳାଙ୍କୁ ଉଦବୋଧନ ଦେଇଥିଲେ। ପରେ ବି.ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା | ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ, ଚିନ୍ମୟ ପୋଲାଇଙ୍କ ସମେତ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ |

# ନିମ୍ନମାନର ଗାର୍ଡୱାଲ ନିର୍ମାଣ ଅଭିଯୋଗ

### ଠିକାଦାରଙ୍କ ମନମାନୀରେ ଚାଲିଛି କାମ



**କାକଟପୁର/ଅସ୍ତରଙ୍ଗ,୮।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡାରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଥବା ନିମାପଡାରୁ ପାଖାପାଖି ୨୮କିଲୋମିଟର ଓ ଅସ୍ତରଙ୍ଗରୁ ୪କିଲୋମିଟର ରାସ୍ତା ନିମାପଡା ପୂର୍ତ୍ତ ବିଭାଗ ବିଭାଜନ ଅଧୀନରେ ରହିଛି। ଏହି ରାସ୍ତା ଜିଉଁନ୍ତି ଓ ମଲାମାଛ ମଧ୍ୟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଥିବା ବେଳେ କାମ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଜିଉଁନ୍ତିରୁ ମଲାମାଛ ରାସ୍ତା ପାର୍ଶ୍ୱରେ କଂକ୍ରିଟ ଗାର୍ଡ ୱାଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଭଲ ମେଟାଲ ସହ ଭଲ ବାଲି ଓ ସିମେଣ୍ଟ ବ୍ୟବହାର ପାଇଁ ଚୁକ୍ତିନାମା ଠିକାଦାର କରିଥିବା ବେଳେ ଅତ୍ୟନ୍ତ ନିମ୍ନମାନର ମେଟାଲ ଓ ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏହି ୩ ଗୋଟି ଗାର୍ଡୱାଲ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଶେଷ ହୋଇନଥିବା ବେଳେ ଏହା ୩୦ରୁ ୩୩ମିଟର ମଧ୍ୟରେ ପ୍ରତ୍ୟେକ ରହିଛି। ଏହା ତଳସ୍ତର ଖୋଳା ୫ଫୁଟ, ବାଲି ୬ଇଞ୍ଚ, ମେଟାଲ ପିସିସି ୬ଇଞ୍ଚ, ୧୨ଶହ ମୋଟେଇ ରୁ ୪ଶହ ମୋଟେଇ ପର୍ଯ୍ୟନ୍ତ କ୍ରସର ମେଟାଲ ଶହ ଉଚ୍ଚ ୧. ୫ମିଟର ରହିବା ନିୟମ ରହିଥିବା ବେଳେ କିନ୍ତୁ ଉକ୍ତ ଠିକାଦାର ମନମାନୀ କରି କାର୍ଯ୍ୟ ସାରିବାକୁ ପ୍ରୟାସ ଜାରି ରଖିଛନ୍ତି।

କିନ୍ତୁ ପୂର୍ତ୍ତ ବିଭାଗ ଠିକାଦାର ପୋଷା ନୀତି ଆପଣାଇ ଏହା କାର୍ଯ୍ୟ ସଠିକ ହେଉନାହିଁ। ନା ଉପଯୁକ୍ତ ଭାଗ ମାପରେ କାର୍ଯ୍ୟ ହେଉନାହିଁ ବୋଲି ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଅଭିଯୋଗ କରିବା ଶହ ଏକ୍ସ ମାଧ୍ୟମରେ ଉଚ୍ଚ ସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। କାର୍ଯ୍ୟ ସ୍ଥଳରେ ଯନ୍ତ୍ରୀ ମଧ୍ୟ ରହୁନଥିବା ଅଭିଯୋଗ ହୋଇଛି।

ଉକ୍ତ ଗାର୍ଡୱାଲ ନିମ୍ନମାନର ନିର୍ମାଣ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି କହିଛନ୍ତି ଖୁବ ଶୀଘ୍ର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଉପରେ ଦୃଷ୍ଟି ଦେବେ।

## ଚକିବାଙ୍କ ଓ ନଳଦିଆ-କଟକଣା ସେତୁ ଉଦ୍‌ଘାଟିତ



**ରାଜନଗର,୮।୩ (ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ -୨ କେନ୍ଦ୍ରାପଡ଼ା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ଚକିବାଙ୍କ ଠାରେ କାଣୀନାଳ ଉପରେ ନିର୍ମିତ ଉଚ୍ଚ ସୋପାନ ସେତୁ ଓ ବ୍ରାହ୍ମଣୀ ନାଳ ଉପରେ ନିର୍ମିତ କଟକଣା - ନଳଦିଆ ସେତୁ ଆଜି ଉଦଘାଟିତ ହୋଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦୁଇଟି ସେତୁକୁ ଉଦ୍‌ଘାଟିତ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର , ସରପଞ୍ଚ ପୁଷ୍ପଲତା ପାତ୍ର, ରାଜ୍ୟ ଛାତ୍ର ବିଜେଡି ଉପ ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ବରିଷ୍ଟ ନେତା ନିରଞ୍ଜନ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ମାର୍ଶାଘାଇ,୮।୩ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ଗ୍ରାମର କୋଇଲି ସାହୁଙ୍କ ଦୁଇ ବଖରା ଚାଳଘର ଶୁକ୍ରବାର ରାତିରେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ ମଧ୍ୟ ସବୁକିଛି ଅଗ୍ନିକାଣ୍ଡ ରେ ଜଳିପୋଡି ଯାଇଛି। ଏ ଖବର ଜାଣିବା ପରେ କ୍ରିଷ୍ଣା ଏଣ୍ଟରପ୍ରାଇଜ ତରଫରୁ ରମାକାନ୍ତ ନାଏକ, ପ୍ରତାପ ରଞ୍ଜନ ତ୍ରିପାଠୀ,ସୁନିଲ ଗନ୍ତାୟତ ଓ ସୂର୍ଯ୍ୟ ପ୍ରକାଶ ପାଣି ଅସହାୟ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ସହିତ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି।

## କାର ଓ ବାଇକ୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

**ସୁନ୍ଦରଗଡ଼,୮।୩ (ସଂଚାର ବ୍ୟୁରୋ):** ମରଣଯନ୍ତା ପାଲଟିଛି ୧୦ ନମ୍ବର ରାଜ୍ୟ ରାଜପଥ। ପ୍ରତିଦିନ ଦୁର୍ଘଟଣାରେ ମୁଣ୍ଡ ଗଡୁଛି। ରାସ୍ତାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲଗା ଯାଇଥିବା ସୁରକ୍ଷା କ୍ୟାମେରା କୋଉ ଦିନ କାମରେ ଆସିବ। ଆଜି ଦିନ ୧୧.୩୦ ସମୟରେ ସଦର ଥାନା ଅନ୍ତର୍ଗତ ଜଗତଗଡ଼ ନିକଟରେ ଘଟିଯାଇଛି। ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଗୋଟିଏ କାର ଓଡି-୧୬ଡି-୩୭୬୦ ନାମକ ଏକ ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମଧ୍ୟରୁ ଜଣକ ମୃତ୍ୟୁ ହୋଇଥିଲା ବେଳେ, ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଏଲଏଣ୍ଡଟିର ଉଦ୍ଧାରକାରୀ ଦଳ ଜଣକୁ ଉଦ୍ଧାର କରି ସୁନ୍ଦରଗଡ଼ ମେଡିକାଲ କଲେଜ ଓ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ସଦର ପୁଲିସ, ଉପଖଣ୍ଡ ଅଧିକାରୀ ନିର୍ମଳ ମହାପାତ୍ର ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

# ପକ୍କା ରାସ୍ତା ନିର୍ମାଣ ପାଇଁ ଭିତ୍ତି ପକାଇଲେ ବିଧାୟକ



**କୋରେଇ,୮।୩ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅମୃତିଆ ଗ୍ରାମପଂଚାୟତର ଦଇଦାସ ପାଟଣା ଛକ ଠାରେ ପହଂଚି ଅମୃତିଆ ଶିଶୁ ମନ୍ଦିର ଠାରୁ ରଙ୍ଗରଙ୍ଗା ଭାୟା ଦଇଦାସ ପାଟଣା, ବଣହରା ସ୍କୁଲ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ ଆଜି କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ ।

ଏହି କାର୍ଯ୍ୟର ଅଟକଳ ପରିମାଣ ୩ କୋଟି ୮୫ ଲକ୍ଷ ଟଙ୍କା ରହିଥିବା ବେଳେ ବିଧାୟକଙ୍କୁ ସ୍ଥାନୀୟ ଅଂଚଳବାସୀ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଅମୃତିଆ ହିଙ୍ଗୁଳା ପୀଠ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ପହଂଚି ଅମୃତିଆ ହିଙ୍ଗୁଳା ପୀଠ ଠାରେ ଅନ୍ୟ ଏକ ରାସ୍ତା ଅମୃତିଆ ପମ୍ପ ହାଉସ୍ ଠାରୁ ମହୁଲିଆ ଭାୟା ଶାସନ, ଅମୃତିଆ ହିଙ୍ଗୁଳା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଅଟକଳ ପରିମାଣ ୩ କୋଟି ୫୬ ଲକ୍ଷ ଟଙ୍କା। ଏହିପରି ଅମୃତିଆ ଗ୍ରାମପଂଚାୟତରେ ଆଜି ୨ ଗୋଟି ପକ୍କା ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ ଶ୍ରୀ ଦାସନାୟକ । ଏହି ୨ ଗୋଟି ମାଟି ରାସ୍ତା ପକ୍କା ରାସ୍ତାରେ ପରିଣତ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ହେବା ସହ ଅଂଚଳବାସୀ ଉପକୃତ ହୋଇପାରିବେ ଏବଂ ଗାଁ ତଥା ପଂଚାୟତର ଭିତିଭୂମିର ବିକାଶ ହୋଇପାରିବ। ଆଗାମୀ ଦିନରେ କୋରେଇର ସମସ୍ତ କଚ୍ଚା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାରେ ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ଦାସନାୟକ ।

## କେନାଲ କଂକ୍ରିଟକରଣର ଶିଳାନ୍ୟାସ କଲେ ବିଧାୟକ



**ପଟ୍ଟାମୁଣ୍ଡାଇ,୮।୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର କୃଷକମାନଙ୍କୁ ଉତ୍ତମ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ପଟ୍ଟାମୁଣ୍ଡାଇ ସହର ଉପକଣ୍ଠ ଆହାର କେନ୍ଦ୍ର ସମ୍ମୁଖରେ ୧୫/ଏ କେନାଲ କଂକ୍ରିଟ କରଣର ଆଜି ଶୁଭ ଶିଳାନ୍ୟାସ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ କେନାଲ କଂକ୍ରିଟ କରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରି ପଟ୍ଟାମୁଣ୍ଡାଇ ଅଂଚଳର ଚାଷୀମାନଙ୍କୁ ଉତ୍ତମ ଜଳସେଚନ ସୁବିଧା ଯୋଗାଇବା ସହିତ କୃଷି ଉତ୍ପାଦନ ବୃଦ୍ଧି କରି ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶ କରିଥିଲେ। ଏହି କେନାଲ କଂକ୍ରିଟକରଣ କାର୍ଯ୍ୟ ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ର ବାଇପାସ ଠାରୁ ତାତନା ପର୍ଯ୍ୟନ୍ତ କରାଯିବ ବୋଲି ବିଧାୟକ ସୂଚନା ଦେବା ସହିତ ଏହାର ସଫଳ କାର୍ଯ୍ୟକାରୀତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏହି ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, କାଉନସିଲର ସୁବାଷ ମଲିକ, ସନ୍ତୋଷ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ରୀନାରାଣୀ ମଲିକଙ୍କ ସମେତ ବହୁ ବିଜେଡି ନେତା କର୍ମକର୍ତ୍ତା, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ ।

## ଜେନୋମ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧାବୃତ୍ତି ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




**ଯାଜପୁର,୮।୩ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜେନୋମ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ରବିବାର ଏକ ବୃହତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ଅଞ୍ଚଳର ଅନେକ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ପରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲ। ଏହି ସମ୍ବର୍ଦ୍ଧନା ସଭାରେ ଯାଜପୁରର ପ୍ରତିଷ୍ଠିତ ଅତିଥି ଡକ୍ଟର ଦିବ୍ୟଲୋଚନ ସିଂହ, ଆଦିତ୍ୟ ନାରାୟଣ ପଣ୍ଡା ଏବଂ ବିଦ୍ୟାଧର ବେହେରା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ନଗଦ ଅର୍ଥରାଶିର ଚେକ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ତନ୍ମୟ ପାଢ଼ୀ (ପ୍ରଥମ): ୮,୦୦୦ ଟଙ୍କା, ସ୍ୱର୍ଣ୍ଣାଭା ସାହୁ (ଦ୍ୱିତୀୟ): ୫,୦୦୦ ଟଙ୍କା ଓ ମହେନ୍ଦ୍ର ରଣା (ତୃତୀୟ): ୩,୦୦୦ ଟଙ୍କା। ଅତିଥିମାନେ କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷା କ୍ଷେତ୍ରରେ ଏଭଳି ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା, ଅଭିଭାବକ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ସହିତ ଗାଡ଼ି ଜବତ, ମାଫିଆ ଫେରାର



**ଫୁଲବାଣୀ,୮।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଚକାପାଦ ବ୍ଲକ ବଟ୍ଟିଙ୍ଗିଆ ନିକଟ ଚକାପାଦ ଘାଟି ରାସ୍ତାର ପିତାଦେଇ ଛକ ଠାରେ ଟିକାବାଲି ପୋଲିସ ଚଢ଼ାଉ କରି ୧୪୯ କେଜି, ୩୨୦ ଗ୍ରାମ ଗଞ୍ଜେଇ ଜବତ ସହିତ ଏକ୍ ଗାଡ଼ିକୁ ଜବତ୍ କରିଥିବା ବେଳେ, ଘଟଣାସ୍ଥଳରୁ ଗଞ୍ଜେଇ ମାଫିଆ ଫେରାର ହୋଇଥିବା ବେଳେ ଏନେଇ ଥାନାରେ ୫୭/୨୬ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସମିର କୁମାର ବେହେରା ସୂଚନା ଦେଇଛନ୍ତି । ଗଞ୍ଜେଇ ବୋଝେଇ ହୋଇ ଗାଡ଼ିରେ ଟିକାବାଲିରୁ ଚକାପାଦ ପଟକୁ ଯାଉଥିବା ବେଳେ ଟିକାବାଲି ଓ ଚକାପାଦ ପୁଲିସ୍ ଖବର ପାଇ ପିଛା କରିଥିବା ବେଳେ ପିତାଦେଇ ଠାରେ ଚଢ଼ାଉ କରିଥିଲେ। ଗଞ୍ଜେଇ ମାଫିଆମାନେ ଏହା ଜାଣିପାରି ଗଞ୍ଜେଇ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଥିବା ନେଇ ଜଣାପଡିଛି ଏବଂ ଖୁବ ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ପୁଲିସ କହିଛନ୍ତି।

## ଅଳିଆ ଗଦାରେ ବିସ୍ଫୋରଣ, ଲୋକେ ଭୟଭୀତ



**ପାରାଦୀପ,୮।୩ (ସଂଚାର ବ୍ୟୁରୋ):** ଭୟଙ୍କର ଶବ୍ଦ ଓ ଲଗାତାର ବିସ୍ଫୋରଣ। ବିସ୍ଫୋରଣରେ ଗୋଟିଏ ପାଞ୍ଚ ଶହ ମିଟର ଦୂରରେ ଥିବା ଏକ ଘର ଆଜବେଷ୍ଟସ ଭାଙ୍ଗିବା ସହ ଗୋଟିଏ ଗାଈ ମଧ୍ୟ ପୋଡି ଆହତ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ପାରାଦୀପ ଏନଆର ଏଲ କମ୍ପାନୀ ଠାରୁ ମାତ୍ର ଅଳ୍ପ ଦୂରରେ ଥିବା ବଙ୍ଗାଳୀପଡା ନିକଟରେ । ଏକ ଗଛ ତଳେ ଥିବା ଅଳିଆ ଗଦାରେ ଜୈନିକ ବ୍ୟକ୍ତି ନିଆଁ ଲଗାଇଥିଲେ । କିନ୍ତୁ ତା ଭିତରେ ଥିବା ଏକ ଲମ୍ବା ଲୁହାରେ ନିର୍ମିତ କୌଣସି ଏକ ବସ୍ତୁ ବିସ୍ଫୋରଣ ହୋଇଛି । ଉକ୍ତ ଲୁହା ନିର୍ମିତ ବସ୍ତୁଟି ଉଡି ଯାଇ ଏକ ଘର ଆଜବେଷ୍ଟସ ଭାଙ୍ଗି ଘର ଭିତରକୁ ପଡିଥିବା ମଧ୍ୟ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଘର ବାହାରକୁ ଦୌଡ଼ି ପଳାଇ ଆସିଥିବା ବେଳେ ଯଦି ଏହା ନିକଟରେ ଥିବା ଏନ ଆର ଏଲ କମ୍ପାନୀ ତେଲ ଡିପୋ ଉପରେ ପଡିଥାନ୍ତା ତେବେ ଏକ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି କୁହା ଯାଉଛି। ଏହା କଣ ଏବଂ ଏହାକୁ କିଏ ଆଣି ରଖିଥିଲା ତାହାର ତଦନ୍ତ ହେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଅବସରପ୍ରାପ୍ତ ପ୍ରଶାସକଙ୍କ ଅଭିଜ୍ଞତା ସଂପର୍କିତ କର୍ମଶାଳା

**ଖୋର୍ଦ୍ଧା,୮।୩ (ସଂଚାର ବ୍ୟୁରୋ):** ରୋଟାରୀ ଭବନ ପରିସରରେ ଖୋର୍ଦ୍ଧା ର ପୂର୍ବତନ ଜିଲ୍ଲାପାଳ, ସମ୍ବଲପୁର ରାଜସ୍ୱ ଆୟୁକ୍ତ, ମୁଖ୍ୟମନ୍ତ୍ରୀ ଙ୍କ ଅତିରିକ୍ତ ଶାସନ ସଚିବ ଡ଼. ନିରଞ୍ଜନ ସାହୁ ଏକ ଆଲୋଚନା ଚକ୍ର ରେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ ନିଜର ଅନୁଭୂତି ଓ କାର୍ଯ୍ୟଧାରା ବିଷୟରେ ବକ୍ତବ୍ୟ ରଖିଥିଲେ। ଏଥି ସହିତ ଦେଶ ତଥା ସମାଜର ବିଭିନ୍ନ କ୍ଷେତ୍ରରେ ରୋଟାରୀ କ୍ଲବ ର ଭୂମିକା ଉପରେ ଆଲୋକ ପାତ କରିଥିଲେ। ଏହି ଆଲୋଚନା ଚକ୍ରରେ ରୋଟାରୀ କ୍ଲବର ସଭାପତି ସୁକାନ୍ତ ନାଏକ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମେଜର ଦୁଷ୍ମନ୍ତ ରାଉତରାୟ, ସୂଚସ୍ମିତା ପରିଜା, ଦେବ ପ୍ରସାଦ ମଜୁମଦାର, ପୌର ପରିଷଦ ର ଉପାଧ୍ୟାକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ମିହିରିବର୍ମା, ମମତା ରାୟ ଚୂଡ଼ାମଣି, ଉମା ଶଙ୍କର ପ୍ରସାଦ, ନରସିଂହ ପ୍ରସାଦ ପଟ୍ଟନାୟକ, ଏବଂ ଅନେକ ସଭ୍ୟ ତଥା ରୋଟ୍ରାକ୍ଟ କ୍ଲବର ସଭ୍ୟ, ସଭ୍ୟା ଯୋଗ ଦେଇ ବିଭିନ୍ନ ପ୍ରଶ୍ନ ଉପସ୍ଥାପିତ କରିଥିଲେ, ଶେଷରେ ଦେବପ୍ରସାଦ ମଜୁମଦାର ଧନ୍ୟବାଦ ପ୍ରଦାନ କରିଥିଲେ।

## ଶୁଆ ତସ୍କର ଗିରଫ, ୧୦୮ ଶୁଆ ଶାବକ ଜବତ



**ବାରିପଦା,୮।୩ (ସଂଚାର ବ୍ୟୁରୋ):** ରାଇରଙ୍ଗପୁର ବନ ବିଭାଗ ତରଫରୁ ଗୋରୁମହିଷାଣୀରେ ଜଣେ ଶୁଆ ତସ୍କରକୁ ଘର ଭିତରେ ମାଡ଼ି ବସିବା ସହ ୧୦୮ ଗୋଟି ଶୁଆ ଶାବକକୁ ଉଦ୍ଧାର କରିଛନ୍ତି ।

ସୂଚନାଯୋଗ୍ୟ ରାଇରଙ୍ଗପୁର ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଲେ ଯେ ଗୋରୁମହିଷାଣୀ ଅଞ୍ଚଳରେ ଜନୈକ ଯୁବକ ଘରେ ଗୁଡ଼ାଏ ଶାବକ ରଖି ଭୁବନେଶ୍ୱର ଏବଂ ପଡୋଶୀ ଝାଡଖଣ୍ଡକୁ ଚାଲାଣ କରିବା ପାଇଁ ବ୍ୟବସ୍ଥା କରୁଛି । ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ନିଦେଶକ୍ରମେ ରାଇରଙ୍ଗପୁର ବନ୍ୟାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ଏବଂ ତାଙ୍କ ଟିମ୍ ଅତର୍କିତ ଭାବେ ଗୋରୁମହିଷାଣୀରେ ପକ୍ଷୀ ତସ୍କରଙ୍କ ଘରେ ଚଢ଼ାଉ କରି ୧୦୮ଟି କୁନିକୁନି ଶୁଆ ଶାବକ ମାନଙ୍କୁ ଏବଂ ସେମାନଙ୍କ ଖାଦ୍ୟକୁ ଜବତ କରିବା ସହ ଆସାମୀକୁ ଗିରଫ କରିଛନ୍ତି । ତଦସହ ଏକ ବନ୍ୟ ଜନ୍ତୁ ପ୍ରାଣୀ ଆକ୍ଟ ୧୪୦/ ରାଇରଙ୍ଗପୁର/୨୦୨୫-୨୬ କେଶ ମାମଲା ରୁଜୁ ହୋଇଛି ।

ଆସାମୀ ଜଣକ ହେଲା ଗୋରୁମହିଷାଣୀ ଗ୍ରାମର ସେକ୍ ହନିଫଙ୍କ ପୁଅ ସେକ୍ ଜାକିର ହୁସେନ(୩୮)। ସେ ଗୋରୁମହିଷାଣୀ, ଚଢେଇପାହାଡି, ସରଗଡା ସମେତ ବିଭିନ୍ନ ଅଞ୍ଚଳକୁ ଯାଇ ଶୁଆ ଶାବକ ଧରି ଭୁବନେଶ୍ୱର ଏବଂ ଝାଡ଼ଖଣ୍ଡ ରାଜ୍ୟ କୁ ଚାଲାଣ କରି ଶୁଆ ଗୁଡ଼ିକୁ ୧୫୦୦ ଟଙ୍କାରେ ବାହାର ରାଜ୍ୟରେ ବିକ୍ରି କରି ମୋଟା ଅଙ୍କର ଦୁଇ ପଇସା ଲାଭ କରୁଥିବାର ପ୍ରକାଶ କରିଅଛି । ବନ ବିଭାଗ ତରଫରୁ ଉଦ୍ଧାର ଶୁଆ ଶାବକ ଗୁଡ଼ିକୁ ନନ୍ଦନକାନନରେ ଛଡାଯିବ ବୋଲି ସୂଚନା ମିଳିଛି । ସୂଚନା ଯୋଗ୍ୟକି ପୂର୍ବରୁ ମଧ୍ୟ ଜାକିରର ସାନଭାଇ ୫୦ରୁ ଉର୍ଦ୍ଧ୍ୱ ଶୁଆ ଶାବକଙ୍କୁ ଧରି ଗିରଫ ହୋଇଥିଲା।

## ପାତ୍ରପୁଟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

### ଅଭିନବ ଉପାୟରେ ସଚେତନତାର ବାର୍ତ୍ତା ଦେଲେ ଗାନ୍ଧୀ ଫେଲୋସିପ ବିଦ୍ୟାର୍ଥୀ



**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୮।୩ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ତେନ୍ତୁଳୀଖୁଣ୍ଟି ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିରାମଲ ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ବିକାଶ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆଜି ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ଗ୍ରାମ ଠାରେ ସ୍ଥାନୀୟ ମହିଳା ଓ କିଶୋରୀ ବାଳିକାମାନଙ୍କ ଉପସ୍ଥିତିରେ ବିଶ୍ୱ ମହିଳା ଦିବସ ଅନୁଷ୍ଠିତ ହୋଯାଇଅଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସମଲେଇ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସ୍ୱେଚ୍ଛାସେବୀ ଈଶ୍ୱର ସାବତ, ପିରାମଲ ସ୍ୱାସ୍ଥ୍ୟ ପକ୍ଷରୁ ପ୍ରୋଜେକ୍ଟ ମ୍ୟାନେଜର ଦାମା ଖିଲୋ, ଦୀପକ ସାହୁ, ରିଷିକେଶ, ରିକା ଅଲେ, ଖୁସବୁ ବାନ, ପ୍ରମୁଖ ଉପସ୍ଥିତ ରହି ସାମାଜର ସମସ୍ତ କ୍ଷେତ୍ରରେ ମହିଳା ମାନଙ୍କର ଅବଦାନକୁ ସ୍ୱୀକାର କରିବା ଓ ଲିଙ୍ଗ ସମାନତା ପାଇଁ ବିଶେଷ ଗୁରୁତ୍ୱଦେବା ସହିତ ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରି ଓ ନେତୃତ୍ୱରେ ସମାନ ସୁଯୋଗ ଦେବା ଦ୍ୱାରା ଦେଶ ଓ ସମାଜର ସମୃଦ୍ଧି ବଢ଼ିଥାଏ ବୋଲି ନିଜସ୍ୱ ମତ ପ୍ରକାଶ କରିଥିଲେ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିରାମଲ ସ୍ୱାସ୍ଥ୍ୟର ଗାନ୍ଧୀ ଫେଲୋ ଦୀପକ ସାହୁଙ୍କ ଦ୍ୱାରା ଗ୍ରାମାଞ୍ଚଳ ରେ ରହୁଥିବା ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ପାଇଁ ଏକ ଅଭିନବ ପ୍ରୟାସକୁ ପ୍ରଥମଥର ପାଇଁ ମହିଳା ଏବଂ କିଶୋରୀ ବାଳିକାମାନଙ୍କ ସମ୍ମୁଖରେ ସାପ ଶିଡି ଖେଳ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା ଯାହାକି ଉପସ୍ଥିତ ମହିଳାଙ୍କ ପାଇଁ ଆକର୍ଷଣର ବିଷୟବସ୍ତୁ ପାଲଟି ଥିଲା।

ଏହାପରେ ଜିଭିଏସ ପକ୍ଷରୁ ମହିଳା ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଏବଂ ନିରାପତ୍ତା ବିଷୟରେ ଅବଗତ କରାଇଥିଲେ। ସଚେତନତା ସଭା ପରେ ଉପସ୍ଥିତ ୮୦ରୁ ଉର୍ଦ୍ଧ ମହିଳା ଏବଂ କିଶୋରୀ ବାଳିକାମାନଙ୍କ ମଧ୍ୟରେ ଖେଳ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ କରି କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ସଂଚାର THE SANCHAR

## ସିଟି salad

### ଡାକ୍ତରଙ୍କର ଦୁଇ ନାଆରେ ଗୋଡ଼

ରାଜ୍ୟ ସଭା ନିର୍ବାଚନରେ କମନ ପ୍ରାର୍ଥୀ ହୋଇଥିବା ବିଶିଷ୍ଟ ଚିକିତ୍ସକ ଡାକ୍ତର ଦତ୍ତେଶ୍ୱର ହୋତା ଦୁଇ ନିଆରେ ଗୋଡ ଦେଇ ଆଗକୁ ମାଡି ଚାଲିଛନ୍ତି। ଗୋଟିଏ ଗୋଡ କଂଗ୍ରେସ ଡଙ୍ଗାରେ ହୋଇଥିବାବେଳେ ଅନ୍ୟ ଗୋଡଟି ବିଜେଡି ଡଙ୍ଗାରେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ଏଥିରୁ ଗୋଟିଏ ଡଙ୍ଗାରେ ଯିବା ଡାକ୍ତରଙ୍କ ପାଇଁ ମାଗଣା ହୋଇଥିବା ବେଳେ ଆଉ ଗୋଟିଏ ଡଙ୍ଗାରେ କୁଆଡେ ସିଏ ଟିକଟ କାଟିଛନ୍ତି ବୋଲି ଆଲୋଚନା ହେଉଛି। ଡାକ୍ତର ଦତ୍ତେଶ୍ୱରଙ୍କୁ ବିଜେଡି ସୁପ୍ରିମୋ ନବୀନ ପ୍ରାର୍ଥୀ ଘୋଷଣା ପୂର୍ବରୁ ତାଙ୍କ ନାଁ



କୁଆଡେ ଭକ୍ତଙ୍କ ୫ଜଣିଆ ତାଲିକାରେ ରହିଥିଲା। ଭକ୍ତ ଯେଉଁ ୫ଜଣିଆ ତାଲିକା ଧରି ଦିଲ୍ଲୀ ଯାଇଥିଲେ ସେଥିରେ ଦତ୍ତେଶ୍ୱରଙ୍କ ନାଁ ଥିଲା। ହେଲେ ନୂଆପଡାରେ ପ୍ରାର୍ଥୀ ହାଇଜାକ୍ ଭଳି ହଠାତ୍ ବିଜେଡି ଡାକ୍ତର ହୋତାଙ୍କୁ ପ୍ରାର୍ଥୀ ଘୋଷଣା କଲା। ସେତେବେଳକୁ ଭକ୍ତ ଦିଲ୍ଲୀରେ ଥିଲେ। କଂଗ୍ରେସ ନେତାଙ୍କୁ କି ଉତ୍ତର ଦେବେ ବୁଝି ପାରିଲେ ନାହିଁ। ତେବେ କୌଣସି ପ୍ରକାରେ ଅପବାଦରୁ ରକ୍ଷା ପାଇବାପାଇଁ ଉପାୟ ବାହାର କଲେ। ଦତ୍ତେଶ୍ୱରଙ୍କୁ କଂଗ୍ରେସ ସମର୍ଥନ କରିବ ବୋଲି ଘୋଷଣା କରିଦେଲେ। ଦୁଇ ପଟେ ଗୋଡ ରଖିଥିବା ଦତ୍ତେଶ୍ୱର ବି ବେଶ୍ ଖୁସି। ଯାହା ହେଉ ଗୋଟିଏ ପଟର ଖର୍ଚ୍ଚ ରହିଗଲା। ହେଲେ ମଇଦାନକୁ ହୋଟେଲିୟର ଦିଲ୍ଲୀପ ରାୟ ଆସିବାପରେ ଦତ୍ତେଶ୍ୱର ଏବେ ଡଙ୍ଗା ପାଇଁ କରିଥିବା ଖର୍ଚ୍ଚ କଥା ଭାବି ହେଉଛନ୍ତି ସିନା ହେଲେ କାହାରିକୁ କିଛି କହୁ ନାହାନ୍ତି।

### ବସନ୍ତରେ ମନମରା ବସନ୍ତ

ରାଜ୍ୟରେ ଏବେ ବସନ୍ତ ଋତୁ ଚାଲିଛି। ଯଦିଓ ଖରାର ପ୍ରକୋପ ବଢ଼ିଛି, କିନ୍ତୁ ଚାରିଆଡେ ବସନ୍ତର ଛାପ। ସବୁଜ ପରିବେଶ ସହିତ ରଙ୍ଗ ବେରଙ୍ଗର ଫୁଲ ସମସ୍ତଙ୍କ ମନକୁ ପ୍ରଫୁଲିତ କରି ରଖିଛି। ହେଲେ ବସନ୍ତରେ କିନ୍ତୁ ବସନ୍ତ ମନ ମରା। ମନରେ ସରାଗ ନାହିଁ କି ମୁହଁରେ ହସ ଟିକେ ନାହିଁ। ବସନ୍ତଙ୍କର ଏଭଳି ମନମରା ସଂକ୍ରାନ୍ତରେ ଜଣେ ପଶ୍ଚିମା ନେତା କହୁଥାନ୍ତି, ବସନ୍ତ ବାବୁଙ୍କ ମନରେ ଆଉ ସରାଗ ନାହିଁ। ବସନ୍ତ ଋତୁ ବି ତାଙ୍କ ମନକୁ ପ୍ରଫୁଲତ କରିପାରୁ ନାହିଁ। ଏ ସଂକ୍ରାନ୍ତରେ ଆମେ ଟିକେ



ଅଧିକ ଜାଣିବାପାଇଁ ପଚାରିବାରୁ ବାବୁ କହିଲେ, ନୂଆପଡା ନିର୍ବାଚନବେଳେ ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ବାବୁ ନିଶ୍ଚିତ ଥିଲେ ଯେ ଦଳ ତାଙ୍କୁ ରାଜ୍ୟସଭାକୁ ପଠାଇବ। ସେଥିପାଇଁ ଫୋନ୍ କଲକୁ ଚାହିଁ ବସିଥିଲେ। ହେଲେ ଯେତେବେଳେ ଦୌଡ ଆରମ୍ଭ ହେଲା ସେତେବେଳେ ତାଲିକାରେ ବସନ୍ତ ନଥିଲେ। ତାଙ୍କରି ଅଞ୍ଚଳର ସୁଜିତ ବାବୁ ରିପିଟ ହୋଇଗଲେ ପଛେ ବସନ୍ତଙ୍କୁ କେହି ଟିକେ ପଚାରିଲେ ନାହିଁ। ବସନ୍ତ ଋତୁରେ ବସନ୍ତଙ୍କର ଏଭଳି ଅବସ୍ଥା ହେବ ବୋଲି ତାଙ୍କର ସମର୍ଥକମାନେ କେବେ ହେଲେ ଭାବି ନଥିଲେ। ଦଳର ସ୍ୱାର୍ଥ ପାଇଁ ସିନା ବସନ୍ତ ପୁଅର ଭବିଷ୍ୟତକୁ ଅନ୍ଧକାର କରିଦେଲେ ହେଲେ ଦଳ ତାଙ୍କ କଥା କିମ୍ବା ତାଙ୍କ ପୁଅ କଥା ଥରେ ହେଲେ ଚିନ୍ତା କଲା ନାହିଁ। ଏଭଳି ସ୍ଥିତିରେ ବସନ୍ତ ମଳୟ ବହୁ କିମ୍ବା ନାଲି ପଳାଶ ଫୁଲ ଫୁଟୁ, ବସନ୍ତ କିନ୍ତୁ ପୂରା ମନମରା ହୋଇ ବସିଛନ୍ତି।

### ଓମଫେଡ୍‌ର ରଙ୍ଗ ଭିନ୍ନ




ଓମଫେଡ୍ର ରଙ୍ଗ ଭିନ୍ନ। ଏକଥା ଆମେ କହୁନାହୁଁ, ରାମମନ୍ଦିର ନିକଟରେ ଜୋରଦାର ଆଲୋଚନା। ଆଲୋଚନାର କିଛି ବକ୍ତାଙ୍କ କହିବା ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓଡିଶା ଗସ୍ତରେ ଆସିଥିବାବେଳେ ସରକାରଙ୍କ ସହିତ ତାଳ ଦେଇ ଓମଫେଡ୍ ବି ରାଜଧାନୀରେ ମାଳ ମାଳ ପୋଷ୍ଟର ଲଗାଇଥିଲା। ଓମଫେଡ୍ର ଗୋଟିଏ କାରଖାନାର ଉଦଘାଟନ କାର୍ଯ୍ୟକ୍ରମ ଥିବାରୁ ସଂସ୍ଥା ପକ୍ଷରୁ ଦୃଷ୍ଟି ଆକର୍ଷଣ ପାଇଁ ଏଭଳି କରାଯାଇଥିଲା। ହେଲେ ଅମିତ ଶାହଙ୍କ ପୋଷ୍ଟର ପ୍ରସ୍ତୁତ ପାଇଁ ଯେଉଁ ରଙ୍ଗ ବ୍ୟବହାର ହୋଇଥିଲା ତାହାକୁ ଗେରୁଆ ଭକ୍ତମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସହର ସାରା ଶ୍ରୀ ଶାହଙ୍କର ଗେରୁଆ ପୋଷ୍ଟର ପାଖରେ ଓମଫେଡ୍ର ଘନନୀଳ ର ପୋଷ୍ଟର ଆଦୌ ମ୍ୟାଚ୍ କରୁନଥିଲା। ଯେହେତୁ କେନ୍ଦ୍ରମନ୍ତ୍ରୀଙ୍କ ପୋଷ୍ଟର ତାହାକୁ କେହି କାଢ଼ିବାକୁ ସାହସ କଲେ ନାହିଁ। ହେଲେ ଜଣେ ଆଲୋଚନାକାରୀଙ୍କ କହିବାକଥା ଯେ ଓମଫେଡ୍ ତ ସରକାରଙ୍କୁ ଖୁସ୍ କରିବାକୁ କ୍ଷୀର ଜରିର ରଙ୍ଗ ଗେରୁଆ କରିଦେଲା, ହେଲେ କେନ୍ଦ୍ରମନ୍ତ୍ରୀ ପୋଷ୍ଟର ତିଆରି ବେଳକୁ ଏହା ଭୁଲିଗଲା କେମିତି ? ତେବେ ଆଉ ଜଣେ ଭକ୍ତଙ୍କ କହିବାକଥା ଯେ ଓମଫେଡ୍କୁ ପୋଷ୍ଟର ମାରିବାପାଇଁ ଯେଉଁମାନେ କହିଥିଲେ ଓ ଯେଉଁମାନେ ଏହି ପୋଷ୍ଟର ଦାୟିତ୍ୱରେ ଥିଲେ ସେମାନେ ହିଁ ଦାୟୀ। କାରଣ ଓମଫେଡ୍ କେବଳ ପଇସା ଦେଇଥିବ। ହେଲେ ଯିଏ ପୋଷ୍ଟର ତିଆରି କଲା ସିଏ ମୁଣ୍ଡ ଖଟାଇବା ବଦଳରେ ଖଟ ମୁଣ୍ଡାଇବା ଯୋଗୁଁ ରାଜଧାନୀରେ ପ୍ରଥମଥର ପାଇଁ ଏଭଳି ଭିନ୍ନ ରଙ୍ଗ ଦେଖିବାକୁ ମିଳିଲା।

### ସଚିବାଳୟରେ ସମ୍ବଲପୁରୀ



ସଚିବାଳୟରେ ଏବେ ସମ୍ବଲପୁରୀ କ୍ରେଜ୍। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ରାଜସ୍ୱ ବିଭାଗର ଦାୟିତ୍ୱ ନେବାପରେ ବିଭାଗରେ ଏବେ ସମ୍ବଲପୁରୀ ବସ୍ତ୍ର ପ୍ରତି କର୍ମଚାରୀଙ୍କର ମନୋଭାବରେ ପରିବର୍ତ୍ତନ କରୁଛନ୍ତି। ପ୍ରତି ଶୁକ୍ରବାର ଦିନ କର୍ମଚାରୀମାନେ ସମ୍ବଲପୁରୀ ପୋଷାକ ପିନ୍ଧି ଆସିବାକୁ କହିଛନ୍ତି। ନିଜେ ମଧ୍ୟ ପିନ୍ଧି ଆସୁଛନ୍ତି। ଗତ ଶୁକ୍ରବାର ଦିନ ବିଭାଗର କର୍ମଚାରୀଙ୍କ ସହିତ ସମ୍ବଲପୁରୀ ପୋଷାକ ପିନ୍ଧି ଶ୍ରୀ ପାଢ଼ୀ ସଚିବାଳୟ ସମ୍ମୁଖରେ ଫଟୋ ସେସନ କରିଥିଲେ। ପୂର୍ବରୁ କୃଷି ବିଭାଗରେ ଥିବାବେଳେ ଏଭଳି ନିୟମ କରିଥିଲେ। କର୍ମଚାରୀଙ୍କୁ କେବଳ ସମ୍ବଲପୁରୀ ପୋଷାକ ପିନ୍ଧିବାକୁ ପ୍ରବର୍ତ୍ତାଇ ନଥିଲେ ସେମାନେ କିଭଳି ସମ୍ବଲପୁରୀ ପୋଷାକ ଓ କପଡା ସୁବିଧାରେ ପାଇବେ ସେଥିପାଇଁ କୃଷି ବିଭାଗ ଭିତରେ ସମ୍ବଲପୁରୀ ବିକ୍ରୟକେନ୍ଦ୍ରଟିଏ ମଧ୍ୟ ଖୋଲିଛନ୍ତି। ସେଠାରେ ବି ଭଲ ବେପାର ହେଉଛି। ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ସୁବିଧା କେବେ ମିଳୁଛି ତାହାକୁ କର୍ମଚାରୀମାନେ ଅପେକ୍ଷା କରିଛନ୍ତି। ତେବେ ପାଢ଼ୀ ବାବୁ କୃଷି ବିଭାଗ ଛାଡିବାପରେ କର୍ମଚାରୀମାନେ ପୂର୍ବଭଳି ଆଉ ଶୁକ୍ରବାର ଦିନ ସମ୍ବଲପୁରୀ ପୋଷାକ ପିନ୍ଧୁ ନଥିବା ଲକ୍ଷ୍ୟ କରାଯାଉଛି। ସିଏ ଯାହା ହେଉ ପାଢ଼ୀ ବାବୁ ଯେଭଳି ସମ୍ବଲପୁରୀ ପୋଷାକର ପ୍ରଚାର ପ୍ରସାରରେ ମାତିଛନ୍ତି ତାହାକୁ ଅନ୍ୟ ସଚିବମାନେ ଅନୁକରଣ କରିବା ଉଚିତ୍ ବୋଲି କୁହାଯାଉଛି।

### ଡାକ୍ତରଖାନାରୁ ବି ରାଜକାର୍ଯ୍ୟ

ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ସେଠାରୁ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିବାକୁ ନେଇ ଚାଲିଛି ଆଲୋଚନା। ଅବଶ୍ୟ ଏଭଳି କାର୍ଯ୍ୟ କୌଣସି ସାଧାରଣ ଲୋକ କରିନାହାନ୍ତି, କରିଛନ୍ତି ରାଜ୍ୟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ ଛାତିର ଯନ୍ତ୍ରଣା ଅନୁଭବ କରିବାପରେ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଗଲା। ଲୋକେ ବ୍ୟସ୍ତ ହୋଇ ପଡିଲେ। ମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା କିଭଳି ରହିଛି ତାହା ଜାଣିବାପାଇଁ ବ୍ୟଗ୍ର ହେଲେ। ଏହାପରେ ଖବର ଆସିଲା ଅଧିକ ଚିକିତ୍ସା ପାଇଁ ମନ୍ତ୍ରୀଙ୍କୁ ନୂଆଦିଲ୍ଲୀ ଏମସକୁ ନିଆଗଲା। ଲୋକଙ୍କୁ ଏଭଳି ଖବର ଆହୁରି ବିଚଳିତ କଲା। ମନ୍ତ୍ରୀ କିଭଳି ଅବସ୍ଥାରେ ଦିଲ୍ଲୀ ଗଲେ ଲୋକେ ତାହା ଜାଣିବାପାଇଁ ସୋସିଆଲ ମିଡିଆ ଉଣ୍ଡାଳିଲେ। ଏତିକିବେଳେ ଫଟୋ ଆସିଲା ମନ୍ତ୍ରୀ ଡାକ୍ତରଖାନା ବେଡ୍ରେ ବସି ଫାଇଲ୍ କାମ କରୁଛନ୍ତି। କ୍ୟାପସନ ଥିଲା ଚିକିତ୍ସିତ ଅବସ୍ଥାରେ ରାଜକାର୍ଯ୍ୟ। ମନ୍ତ୍ରୀ ପିନ୍ଧିଥିଲେ ଡାକ୍ତରଖାନା ପୋଷାକ। ତେବେ ମନ୍ତ୍ରୀଙ୍କୁ ଏଭଳି ଅବସ୍ଥାରେ କିଏ ନେଇ କେଉଁ ସରକାରୀ ଫାଇଲ୍ ଧରାଇଥିଲା ଓ ମନ୍ତ୍ରୀ ଦସ୍ତଖତ କରୁଥିବାବେଳେ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିଲା ତାହା ପ୍ରଶ୍ନବାଚୀ ହୋଇଛି। ଯଦି ଭୁବନେଶ୍ୱର ଏମସରେ ମନ୍ତ୍ରୀ ସୁରୁଖୁରୁରେ ରାଜକାର୍ଯ୍ୟ କରୁଥିଲେ ତେବେ କ'ଣ ପାଇଁ ଦିଲ୍ଲୀ ଗଲେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।



## ପ୍ରହସନ ପାଲଟିଛି 'ଅପରେସନ୍ ଅନ୍ୱେଷଣ'

# ଦୁଇ ନାବାଳିକା ଉଦ୍ଧାର, ଯୁବକ ନିଖୋଜ

### ମୁଣ୍ଡବିନ୍ଧା ପାଲଟିଲାଣି ପିଲା ଚୋରି ସମସ୍ୟା



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ନିଖୋଜ ଶିଶୁଙ୍କ ଉଦ୍ଧାର ପାଇଁ କମିଶନରେଟ୍ ପୁଲିସ ଆରମ୍ଭ କରିଥିଲା ଅପରେସନ 'ଅନ୍ୱେଷଣ'। ରାଜ୍ୟରେ ବଢୁଥିବା ଶିଶୁ ନିଖୋଜ ଘଟଣାକୁ ରୋକିବା ଓ ସେମାନଙ୍କୁ ଉଦ୍ଧାର ପାଇଁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା ଅଭିଯାନ। କିନ୍ତୁ ଏହି ଅଭିଯାନ ହୁଏତ ବର୍ତ୍ତମାନ ବାଟବଣା ହୋଇଛି। କାରଣ କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ଖୋଦ୍ ଭୁବନେଶ୍ୱରରେ ବଢୁଛି ପିଲାଙ୍କ ନିଖୋଜ ସଂଖ୍ୟା। ୩ ଦିନ ତଳେ ମୈତ୍ରୀ ବିହାର ଥାନାରୁ ନିଖୋଜ ୨ ଜଣ ନାବାଳିକା ଉଦ୍ଧାର କରାଯାଇଛି। ଅନୁଗୁଳରେ ସମ୍ପର୍କୀୟଙ୍କ ଘରେ ଥିଲେ ନାବାଳିକା। ପୂର୍ବରୁ ପୋଷ୍ଟର୍ ଲଗାଇଥିଲା କମିଶନରେଟ ପୁଲିସ। ପରିବାରର ଏତଲା ଆଧାରରେ ପୁରସ୍କାର ରାଶି ଘୋଷଣା କରିଥିଲା କମିଶନରେଟ ପୁଲିସ। ଛକ, ବଜାରରେ ଲାଗିଥିଲା ପୋଷ୍ଟର୍। ଜାରି ହୋଇଥିଲା ହେଲ୍ପଲାଇନ ନମ୍ବର। ପିଲାଙ୍କ ସମ୍ପର୍କରେ ସୂଚନା ଦେଲେ ମିଳିବ ୨୫ ହଜାର ଟଙ୍କାର ପୁରସ୍କାର ରାଶି ବୋଲି ଘୋଷଣା ମଧ୍ୟ ହୋଇଥିଲା। ଷ୍ଟେସନ ଓ ବସ୍ଷ୍ଟାଣ୍ଡରେ ମଧ୍ୟ ଲାଗିଥିଲା ପୋଷ୍ଟର୍। ୨ ନାବାଳିକାଙ୍କୁ ଉଦ୍ଧାର ପରେ ପୁଣି ରାଜଧାନୀରୁ ଡିପ୍ଲୋମା ଛାତ୍ର ନିଖୋଜ ଘଟଣା ପୁଲିସ ପାଇଁ ଚିନ୍ତା ବଢ଼ାଇଛି। ଗତ ୨ ତାରିଖରୁ ନିଖୋଜ ଅଛନ୍ତି ଡିପ୍ଲୋମା ଛାତ୍ର ସୁନୀଲ ଦାସ। କଲେଜ ଯାଇ ଏହି ଯୁବକ ଜଣଙ୍କ ଆଉ ଘରକୁ ଫେରି ନ ଥିବା ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ନିଖୋଜ ଥିବା ଛାତ୍ରଙ୍କ ଘର ସାଲିଆସାହି ଜନତା ନଗର ଅଞ୍ଚଳରେ। କାନ୍ଦି କାନ୍ଦି ସୁନୀଲଙ୍କ ବାପା-ମା' ଆସି ପୁଅକୁ ଖୋଜି ଆଣିବାକୁ ଥାନାଧିକାରୀଙ୍କୁ ଗୁହାରି କରିଛନ୍ତି।

ଶିଶୁ ନିଖୋଜକୁ ରୋକିବା ପାଇଁ ଟେକ୍ନିକାଲ ସପୋର୍ଟ ଏଜେନ୍ସି ପକ୍ଷରୁ ଗଠନ ହୋଇଛି ସ୍ପେଶାଲ ସେଲ୍। କୋର୍ଟ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ରହିଛି। ଶିଶୁ ନିଖୋଜ ହେଲେ ଅଧଘଣ୍ଟା ଭିତରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖୋଜିବା ସହ ସମସ୍ତ ଥାନାକୁ ଫଟୋ ପଠାଯିବ। ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଚାର କରାଯିବ। ପିଲା ନିଖୋଜ ହେଲେ ତୁରନ୍ତ ମିସିଂ ଚାଇଲ୍ଡ ପୋର୍ଟାଲରେ ପଞ୍ଜିକୃତ କରିବା ସହ ତଦନ୍ତକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏତେସବୁ ପରେ ମଧ୍ୟ ବାରମ୍ବାର ପିଲା ନିଖୋଜ ଖବର ଆସିବା ପୁଲିସ ପାଇଁ ବେଶ୍ ଚ୍ୟାଲେଞ୍ଜ ହୋଇଛି। ଆର୍ଥିକ ଅନାଟନ, ଶିକ୍ଷାର ଅଭାବ, ଦାଦନ ପାଇଁ ଅଧିକାଂଶ ସମୟରେ ବାପା-ମା'ଙ୍କ ଜାଣତରେ ପିଲା ବିକ୍ରି ହେଉଥିବା ଶିଶୁ ବିଶେଷଜ୍ଞ କହିଛନ୍ତି। ତଥ୍ୟ ମୁତାବକ, ରାଜ୍ୟରେ ଥିବା ୬୪୯ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପାଇଁ ପ୍ରସ୍ତାବ ରହିଛି। ତ୍ୱରିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ବ୍ୟାପକ କରିବା ଦ୍ୱାରା ଅଭିଯୁକ୍ତଙ୍କ ପାଖେ ପୁଲିସ ଶୀଘ୍ର ପହଞ୍ଚିବା ସହ କୋମଳମତି ଶିଶୁଙ୍କୁ ଉଦ୍ଧାର କରିପାରିଛି। ସତ କିନ୍ତୁ ଏହାପରେ ମଧ୍ୟ ପୁଣି ସେହି ସ୍ଥାନରୁ ଶିଶୁ ନିଖୋଜ ଘଟଣା ବଢ଼ାଇଛି ମୁଣ୍ଡବିନ୍ଧା।

## ଆଜି ଶ୍ରୀବିଗ୍ରହଙ୍କ ଖସାପଡ଼ା ନୀତି

● ଭକ୍ତଙ୍କ ପାଇଁ ୪ ଘଣ୍ଟା ଦର୍ଶନ ବନ୍ଦ



ପୁରୀ,୮।୩(ସଂଚାର ବ୍ୟୁରୋ): ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଖସାପଡ଼ା ନୀତି ସମ୍ପନ୍ନ ହେବ। ସେଥିପାଇଁ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ପାଇଁ ପାଖାପାଖି ୪ ଘଣ୍ଟା ବନ୍ଦ ରହିବ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ସୂଚନା ଦିଆଯାଇଛି। ସୋମବାର ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହା ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସମ୍ପନ୍ନ ହେବା ପରେ ସାଧାରଣ ଭକ୍ତଙ୍କ ପାଇଁ ଦର୍ଶନ ସ୍ୱାଭାବିକ ହେବ ବୋଲି କୁହାଯାଇଛି।

## ପୁତ୍ରସନ୍ତାନ ଜନ୍ମଦେଲେ ନବମ ଶ୍ରେଣୀ ଛାତ୍ରୀ




ପରିବାର ପକ୍ଷରୁ ଥାନାରେ ଏତଲା

ଫୁଲବାଣୀ,୮।୩(ସଂଚାର ବ୍ୟୁରୋ): କନ୍ଧମାଳରେ ଲଜ୍ଜା। ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି ଜଣେ ନବମ ଶ୍ରେଣୀ ଛାତ୍ରୀ। ହଷ୍ଟେଲରେ ରହୁଥିବା ଏହି ଅନ୍ତେବାସୀ ଜଣଙ୍କ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସ ଆଶ୍ରମରେ ଘଟିଛି ଏପରି ଅଭାବନୀୟ ଘଟଣା। ଛାତ୍ରୀ ଜଣଙ୍କ ହଷ୍ଟେଲରେ ରହି ନବମ ଶ୍ରେଣୀରେ ପଢୁଥିଲେ। ପୂର୍ବରୁ ହୋଇଥିବା ଛୁଟିରେ ସେ ଘରକୁ ଯାଇଥିଲେ। ଛୁଟି ପରେ ପୁଣି ଉକ୍ତ ଛାତ୍ରୀ ଜଣଙ୍କ ହଷ୍ଟେଲକୁ ଆସିଥିଲେ। ଗତ ମାସରେ ଛାତ୍ରୀ ଜଣଙ୍କ ୮ ମାସର ଗର୍ଭବତୀ ଥିବା ଜଣାପଡ଼ିବା ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପରିବାର ଲୋକେ ଗୋଛାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଗତ ୧ ତାରିଖରେ ଉକ୍ତ ନାବାଳିକା ଜଣଙ୍କ ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣା ସାମ୍ନାକୁ ଆସିବା ପରେ ଫିରିଙ୍ଗିଆ ଥାନାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏତଲା ଦେଇଛନ୍ତି। କିନ୍ତୁ ଏହି ମାମଲାରେ ଅଦ୍ୟାବଧି କାହାରିକୁ ବି ଗିରଫ କରାଯାଇନାହିଁ। ତେବେ ୮ ମାସ ପର୍ଯ୍ୟନ୍ତ ଛାତ୍ରୀ ଜଣଙ୍କ ଗର୍ଭବତୀ ଥିବା ନେଇ କିଭଳି ସ୍କୁଲ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ, ତା' ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।

## ମହିଳା କଂଗ୍ରେସର ମାର୍ଚ୍ଚ ଫର ଜଷ୍ଟିସ୍ ର୍ୟାଲି




ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଆଜିର ଦିନ ଆମମାନଙ୍କ ପାଇଁ ସଂକଳ୍ପ ନେବାର ଦିନ। କଂଗ୍ରେସ ଦଳ ପୀଡ଼ିତା, ନିଷ୍ପେସିତ, ଦୁଷ୍କର୍ମ ପୀଡ଼ିତା, ଅତ୍ୟାଚାରିତା ଓ ଅବହେଳିତାଙ୍କର ଅଧିକାର ପାଇଁ ସଂଗ୍ରାମ କରୁଛି। ବିଜେପି ସରକାର ମହିଳାଙ୍କୁ ସୁରକ୍ଷିତ ରଖିବେ ଓ ସ୍ୱାବଲମ୍ବୀ କରିବେ ବୋଲି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ। କିନ୍ତୁ କ୍ଷମତା ହାସଲ ପରେ ସେ ପ୍ରତିଶ୍ରୁତିକୁ ଭୁଲିଗଲେ। ଆଜି ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳାଙ୍କ ଅଧିକାର ପାଇଁ କଂଗ୍ରେସ ପକ୍ଷରୁ ଯେଉଁ ର୍ୟାଲି କରାଗଲା, ସେଥିରେ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଗଲା। ଓଡ଼ିଶାର କଂଗ୍ରେସ ଦଳ ମହିଳାଙ୍କ ବେସାଲିସ୍ ସ୍ୱର ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମ ଶେଷରେ କଂଗ୍ରେସ ଭବନଠାରୁ ରାଜମହଲ ଛକ ପର୍ଯ୍ୟନ୍ତ 'ମାର୍ଚ୍ଚ ଫର ଜଷ୍ଟିସ୍' ର୍ୟାଲି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୟଶ୍ରୀ ପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା ଓ ପୂର୍ବତନ ବିଧାୟିକା ସିପ୍ରା ମଲିକ ଅତିଥି ଭାବେ ଯୋଗଦେଇଥିଲେ।

## ଏନ୍‌ଏଚ୍‌ରେ ବସ୍ ମୁହାଁମୁହିଁ ଧକ୍କା: ୩୦ ଆହତ



ଖନ୍ତାପଡ଼ା,୮।୩(ସଂଚାର ବ୍ୟୁରୋ): ୧୬ ନମ୍ବର ଜାତୀୟ ରାଜପଥ ଖନ୍ତାପଡ଼ା ବଜାର ନିକଟରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍‌କୁ ଅନ୍ୟ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେବା ଫଳରେ ଉଭୟ ବସ୍‌ର ଯାତ୍ରୀଙ୍କ ମଧ୍ୟରୁ ୩୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତ ଯାତ୍ରୀଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମେଡିକାଲ କଲେଜକୁ ପଠାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ କୁପାରୀରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଆଶୀର୍ବାଦ ଯାତ୍ରୀବାହୀ ବସ୍ ଖନ୍ତାପଡ଼ାରେ ଛିଡ଼ା କରି ପାସେଞ୍ଜରମାନଙ୍କୁ ଓହ୍ଲାଉଥିଲା। ତେବେ ଏହି ସମୟରେ ପୁରୀରୁ ରାଞ୍ଚି ଯାଉଥିବା ପାଣି କୋଚ ଯାତ୍ରୀବାହୀ ବସ୍ ପଛପଟୁ ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ଖବର ପାଇ ଖନ୍ତାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

## ଘାଟିରେ ଓଲଟିଲା ଅଟୋ, ୭ ଗୁରୁତର

ଦିଗପହଣ୍ଡି,୮।୩(ସଂଚାର ବ୍ୟୁରୋ): ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ଆଜି ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ଅଟୋ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସାବା ପଞ୍ଚାୟତ ଅନ୍ତର୍ଗତ ଅର୍ଜୁନ ପଲ୍ଲୀ ଗାଁର ରୀନା ଦଳାଇ (୨୦), ହରିଶ୍ଚନ୍ଦ୍ର ଦଳାଇ (୫୦), କୁନି ଦଳାଇ (୪୭), ଜେମା ଦଳାଇ (୪୫), କୁନି ନାୟକ (୪୦), ରାହୁଲ ନାୟକ (୧୦) ଓ ମାଣିକପୁର ଗ୍ରାମର ବଳରାମ ଛାଟୋଇ (୫୨)। ଆହତମାନଙ୍କୁ ପାଟପୁର ଥାନା ଅନ୍ତର୍ଗତ ପୋଡ଼ାମାରି ଫାଣ୍ଡିର ପୁଲିସ୍ କର୍ମଚାରୀମାନେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ବେଲଗଡ ଗାଁକୁ ଅଟୋ ଯୋଗେ ଭୋଜି ଖାଇବାକୁ ଯାଉଥିବା ବେଳେ ଅଟୋଟି ଯାନ୍ତ୍ରିକ ତ୍ରୁଟି କାରଣରୁ ଘାଟି ଉଠି ପାରିନଥିଲା।

## ଘର ଭିତରେ ପଶିଗଲା ଆମ୍ବୁଲାନ୍ସ

## ଅଳ୍ପକେ ବର୍ତ୍ତିଲେ ଝିଅ, ପୋଷା କୁକୁର ମୃତ




ଦଶପଲ୍ଲା,୮।୩(ସଂଚାର ବ୍ୟୁରୋ): ଦିନକୁ ଦିନ ବିପଦସଙ୍କୁଳ ହୋଇପଡୁଛି ଖୋର୍ଦ୍ଧା। ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ। ପ୍ରତିଦିନ ଘଟୁଛି ଦୁର୍ଘଟଣା ଏବଂ ଚାଲି ଯାଉଛି ନିରୀହ ଜୀବନ। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ପାର୍ଶ୍ୱରୁ ଏକ ଆମ୍ବୁଲାନ୍ସ ବୌଦ୍ଧ-ଫୁଲବାଣୀ ଅଭିମୁଖେ ଯାଉଥିବାବେଳେ ରାସ୍ତା କଡ଼ରେ ଥିବା ବାବୁଲା ଗନ୍ତାୟତଙ୍କ ଘର ଭିତରେ ପଶି ଯାଇଥିଲା। ଫଳରେ ବାବୁଲାଙ୍କ ବଡ଼ ଝିଅ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ପୋଷା କୁକୁରଟିର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଏକ ସାଇକେଲ ଓ କିଛି ଘରୋଇ ଉପକରଣ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବା ଜଣାପଡ଼ିଛି। ଦଶପଲ୍ଲା ବ୍ଲକର ବୁଗୁଡ଼ା ଓ ବୁଗୁଡ଼ା କଲୋନୀ ମଧ୍ୟରେ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ହେଉଛି।

## ଦିଲ୍ଲୀପଙ୍କୁ ଲେନିନ୍‌ଙ୍କ ମାଳ ମାଳ ପ୍ରଶ୍ନ

# ବିଜୁଙ୍କ ଅନ୍ତିମ ସମୟରେ ନବୀନ କେଉଁଠି ଥିଲେ ପ୍ରଶ୍ନରେ ଖନି ବାଜିଗଲା



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ବିଜେଡି ମୁଖ୍ୟପାତ୍ର ଲେନିନ୍ ମହାନ୍ତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସମର୍ଥିତ ସ୍ୱାଧୀନ ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ମାଳ ମାଳ ପ୍ରଶ୍ନ କରିଛନ୍ତି। ରାଜ୍ୟ ରାଜନୈତିକ ଇତିହାସରେ ଦିଲ୍ଲୀପ ରାୟ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ, ଏକଥା କାହାକୁ ଅଛପା ନୁହେଁ। ଏପରିକି ବିଜୁବାବୁଙ୍କ ଶେଷ ସମୟରେ ଦିଲ୍ଲୀପ ରାୟ ହିଁ ତାଙ୍କର ଦେଖାଶୁଣା କରୁଥିଲେ, ତା' ସବୁ ସମସାମୟିକ ନେତା ଜଣନ୍ତି। ତେଣୁ ବିଜୁବାବୁ ଅସୁସ୍ଥ ଥିବା ସମୟରେ ନବୀନ ପଟ୍ଟନାୟକ କେଉଁଠି ଥିଲେ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ଏ ସମ୍ପର୍କରେ ଜଣେ ସାମ୍ବାଦିକଙ୍କ ପ୍ରଶ୍ନରେ ଘାବରେଇ ଯାଇ କଥା ବୁଲେଇ ଦେଇଥିଲେ ଲେନିନ।

ଆଜି ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କୁ ଦିଲ୍ଲୀପ ରାୟ ନିଜ ମେଣ୍ଟର ବୋଲି କହି ବିଜୁ ଲିଗାସୀ ମାଧ୍ୟମରେ ରାଜ୍ୟସଭା ନିର୍ବାଚନରେ କିଛି ଭୋଟ ପାଇବେ ବୋଲି ଯେଉଁ ଆଶା କରୁଛନ୍ତି, ସେହି ଆଶାକୁ ଆଜି ପ୍ରଶ୍ନ ମାଧ୍ୟମରେ ଧୂଳିସାତ କରିବାକୁ ଚେଷ୍ଟା କରିଥିଲେ ଲେନିନ। ସେ ଅଭିଯୋଗ କରିଥିଲେ ଯେ ରାଜନୈତିକ ଫାଇଦା ହାସଲ ଲକ୍ଷ୍ୟରେ ବିଜୁଙ୍କୁ ଦିଲ୍ଲୀପ ରାୟ ନିଜ ମେଣ୍ଟର ବୋଲି କହୁଛନ୍ତି, କିନ୍ତୁ ବିଜୁଙ୍କୁ ନିରନ୍ତର ଭାବେ ଅପମାନିତ କରିଆସୁଥିବା ଦଳ ସହ ଅଛନ୍ତି ଓ ସେହି ଦଳର ସମର୍ଥନରେ ରାଜ୍ୟସଭା ନିର୍ବାଚନ ଲଢୁଛନ୍ତି।

ଡ. ମହାନ୍ତି କହିଥିଲେ ଯେ ବିଜୁଙ୍କ ନାମରେ ଥିବା ବିଏସକେଓ୍ୱାଇ ସହ ଅନ୍ୟ ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ କରିଦିଆଗଲା। ବିଜୁଙ୍କ ଦ୍ୱାରା ସ୍ଥାପିତ ସମ୍ମାନଜନକ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ସହଯୋଗ ଦେବା ବନ୍ଦ କରିଦେଲେ। କିନ୍ତୁ ବିଜୁଙ୍କୁ ନିଜ ମେଣ୍ଟର କହୁଥିବା ଦିଲୀପ ରାୟ ମୁହଁରେ ତୁଣ୍ଡି ବନ୍ଧା ହୋଇଛି। ବିଜୁଙ୍କ ସମ୍ମାନ ଓ ପ୍ରତିଷ୍ଠା ଉପରେ ବାରମ୍ବାର ବିଜେପି ସରକାର ଯୋଜନାବଦ୍ଧ ଆକ୍ରମଣ କରୁଥିଲା ବେଳେ ଦିଲ୍ଲୀପ ରାୟ ନୀରବ ଅଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

ହେଲେ ଯେଉଁ ବିଜୁବାବୁଙ୍କ ନାଁରେ ଦଳ ଗଠନ ହେଲା ଓ ତାଙ୍କ ନାଁକୁ ନେଇ ଆଜି ବିଜେଡି ରାଜନୀତି କରୁଛି, ସେଇ ବିଜୁ ପଟ୍ଟନାୟକ ଯେତେବେଳେ ଅସୁସ୍ଥ ଥିଲେ ସେ ସମୟରେ ନବୀନ ବାବୁ କେଉଁଠି ଥିଲେ ବୋଲି ବିଜେପି ନେତାମାନେ ପ୍ରଶ୍ନ କରୁଛନ୍ତି। ବିଜୁବାବୁଙ୍କ ଶେଷ ସମୟରେ କେବଳ ଦିଲ୍ଲୀପ ରାୟ ହିଁ ତାଙ୍କ ସହ ଥିଲେ ବୋଲି ବିଜେପି ନେତାମାନେ କହୁଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଦେଶରେ ପେଟ୍ରୋଲ ଡିଜେଲର ଅଭାବ ନାହିଁ

# ଭଣ୍ଡାରରେ ୪୦୦୦ କୋଟି ଲିଟର ତୈଳ ମହଜୁଦ



ନୂଆଦିଲ୍ଲୀ, ୮।୩: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ସମୟରେ ଭାରତକୁ ଅଶୋଧିତ ତୈଳର ଅଭାବର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କାରଣ ଭାରତ ପାଖରେ ବର୍ତ୍ତମାନ ୨୫୦ କୋଟି ବ୍ୟାରେଲ (ପ୍ରାୟ ୪,୦୦୦ କୋଟି ଲିଟର)ରୁ ଅଧିକ ଅଶୋଧିତ ତୈଳ ଏବଂ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ମହଜୁଦ ଅଛି। ଏକ ସରକାରୀ ରିପୋର୍ଟ ଅନୁଯାୟୀ, ଏତିକି ବ୍ୟାକଅପ୍ ଯଥେଷ୍ଟ, ଯାହା ଦ୍ୱାରା ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ମଧ୍ୟ ଦେଶର ସମଗ୍ର ଯୋଗାଣ ଶୃଙ୍ଖଳା ସହଜରେ ୭ ରୁ ୮ ସପ୍ତାହ ପାଇଁ ଚାଲିପାରିବ। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦର ଅଭାବ ବିଷୟରେ କୌଣସି ଚିନ୍ତା କରିବାର ନାହିଁ। ତେବେ ନିକଟରେ ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଭାରତ ପାଖରେ କେବଳ ୨୫ ଦିନର ଅଶୌଧିତ ତୈଳ ଓ ପେଟ୍ରୋଲ ଡିଜେଲ ମହଜୁଦ ରହିଛି। ହେଲେ ଏହି ରିପୋର୍ଟ ଉକ୍ତ ରିପୋର୍ଟର ସତ୍ୟାସତ୍ୟକୁ ଖଣ୍ଡନ କରିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ଭାରତର ଶକ୍ତି ସୁରକ୍ଷା ଆଉ କୌଣସି ଏକକ ରାସ୍ତା କିମ୍ବା ଦେଶ ଉପରେ ନିର୍ଭରଶୀଳ ନୁହେଁ। ଭାରତ ନିଜ ସୁବିଧା ଅନୁସାରେ ନିଜର ଶକ୍ତି ସୁରକ୍ଷା ବିକଳ୍ପ ବାଛୁଛି। ଭାରତ ଦେଶର ହିତ ଅନୁସାରେ, ଜନତାଙ୍କୁ ସ୍ୱାର୍ଥ ଅନୁସାରେ ନିଷ୍ପତ୍ତି ନେଉଛି ବୋଲି ସରକାର କହି ଆସିଛନ୍ତି।

ସରକାରୀ ରିପୋର୍ଟରେ କୁହାଯାଇଛି ଯେ ଭାରତର ଶକ୍ତି କ୍ରୟ ସମ୍ପୂର୍ଣ୍ଣ ଭାବରେ "ଜାତୀୟ ସ୍ୱାର୍ଥ" ଉପରେ ଆଧାରିତ। ଗତ ୧୦ ବର୍ଷ ମଧ୍ୟରେ, ଭାରତ ଏହାର ତୈଳ ଉତ୍ସକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି। ଏକ ଦଶନ୍ଧି ପୂର୍ବେ, ଭାରତ କେବଳ ୨୭ ଟି ଦେଶରୁ ତେଲ କିଣୁଥିଲା, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ୪୦ କୁ ବୃଦ୍ଧି ପାଇଛି। ବିଶ୍ୱ ଉତ୍ତେଜନା ସତ୍ତ୍ୱେ, ଭାରତ ଏହାର ଆବଶ୍ୟକତା ପୂରଣ କରିବା ପାଇଁ ନୂଆ ଉପାୟ ଖୋଜି ପାଇଛି।

ଆମେରିକା ଇସ୍ରାଏଲ୍ ଇରାନ ଉପରେ ମିଳିତ ଆକ୍ରମଣ କରିବା ପରେ ଇରାନ ଏହାର ସଂକୀର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହରମୁଜଙ୍କୁ ବନ୍ଦ କରି ଦେଇଛି। ଫଳରେ ବିଶ୍ୱରେ ୨୦% ତୈଳ ଆମଦାନୀ ରପ୍ତାନୀ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଦେଇ ଭାରତ ୬୦% ତୈଳ ଆମଦାନୀ କରିଥାଏ। ହେଲେ ଏବେ ରାସ୍ତା ବନ୍ଦ ହେବା ଦ୍ୱାରା ଭାରତ ଅଲଗା ରାସ୍ତା ଖୋଜିବାର ସଫଳ ହୋଇଛି। ଏବେ ହରମୁଜ ଦେଇ ଭାରତର ୪୦% ତୈଳ ଆଣୁଥିବା ବେଳେ ଋଷ, ପଶ୍ଚିମ ଆଫ୍ରିକା, ଆମେରିକା ଓ ମଧ୍ୟ ଏସିଆ ଭଳି ବୈକଳ୍ପିକ ରାସ୍ତା ଦେଇ ୬୦ ପ୍ରତିଶତ ତୈଳ ଆମଦାନୀ କରୁଛି। ସେପଟେ ଆମେରିକା ବାରମ୍ବାର ହସ୍ତକ୍ଷେପ କରି ଭାରତର ଶକ୍ତି କ୍ରୟ କ୍ଷମତାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି। ଟ୍ୟାକ୍ସ ଭୟ ଦେଖାଇ ଭାରତର ବୈଦେଶିକ ନୀତିକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନାରୀଗୁଡ଼ିକୁ ଋଷ ଠାରୁ ତେଲ କିଣିବାକୁ ୩୦ ଦିନ ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରିଛି। ଏହି ଲାଇସେନ୍ସ ୩ ଏପ୍ରିଲ ପର୍ଯ୍ୟନ୍ତ ବୈଧ ରହିବ। ଏହାର ଅର୍ଥ ହେଉଛି ଭାରତରେ ଅଶୋଧିତ ତୈଳ ଅଭାବର କୌଣସି ସମ୍ଭାବନା ନାହିଁ। ଏହା ବ୍ୟତୀତ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧିର ସଙ୍କଟ ବର୍ତ୍ତମାନ ପାଇଁ ସମାଧାନ ହୋଇଛି। ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ୍ (PPAC)ରୁ ମିଳିଥିବା ତଥ୍ୟକୁ ଉଦ୍ଧୃତ କରି ରିପୋର୍ଟ କରାଯାଇଛି ଯେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଗତ ଚାରି ବର୍ଷ ଧରି ସ୍ଥିର ରହିଛି। ଫେବୃଆରୀ ୨୦୨୨ରୁ ଫେବୃଆରୀ ୨୦୨୬ ମଧ୍ୟରେ, ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୦.୬୭% ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ୫୫% ଏବଂ ଜର୍ମାନୀରେ ୨୨% ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ସ୍ତରରେ ଅଶୌଧିତ ତୈଳ ମୂଲ୍ୟ ବୃଦ୍ଧି ଓ ହ୍ରାସ ହେବା ସହିତ ଭାରତର ତୈଳ ମୂଲ୍ୟ ବୃଦ୍ଧି ହୋଇଥାଏ। ଗତ କିଛି ବର୍ଷ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୌଧିତ ତୈଳ ମୂଲ୍ୟ ଅନେକ ଥର କମିଛି। ହେଲେ ଭାରତୀୟ କମ୍ପାନୀମାନେ ତେଲ ଦର ନ କମାଇ ଲାଭ ନେଇଛନ୍ତି। ଆଉ ସରକାର ତେଲ ଉପରେ ଟ୍ୟାକ୍ସ ବଢ଼ାଇ କହବଲ ମଜଭୁତ କରିଛନ୍ତି। ତେଣୁ ବର୍ତ୍ତମାନ ଦର ବୃଦ୍ଧି ନହେବାର କାରଣ ଏହା ହୋଇପାରେ ବୋଲି କୁହାଯାଉଛି।



## ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ୫ରୁ ୧୫% ବଢ଼ିଲା ଏସି ମୂଲ୍ୟ

ନୂଆଦିଲ୍ଲୀ, ୮।୩: ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଏସି କିଣିବା ମହଙ୍ଗା ହୋଇଛି। ଡାଇକିନ୍, ଏଲଜି, ହାୟର, ମିତ୍ସୁବିସି, ଭୋଲଟାସ୍ ଏବଂ ବ୍ଲୁ ଷ୍ଟାର ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ଏସି ମୂଲ୍ୟ ୫ ରୁ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତମ୍ବା ଏବଂ ଆଲୁମିନିୟମ ଭଳି କଞ୍ଚାମାଲ ବୃଦ୍ଧି ଏବଂ ମାଲ ପରିବହନ ଖର୍ଚ୍ଚ ବଢ଼ିଥିବାରୁ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି କମ୍ପାନୀ କହିଛନ୍ତି। ଭାରତୀୟ ମୁଦ୍ରା ମୂଲ୍ୟ ଡଲାର ତୁଳନାରେ କମିବାରୁ ଏସି ପାଇଁ ଆବଶ୍ୟକୀୟ ସାମଗ୍ରୀ ଆମଦାନୀ କରିବା ମହଙ୍ଗା ହେଉଛି। ଏହା ବି ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ। ୧ ଜାନୁଆରୀ ୨୦୨୬ରେ ଲାଗୁ ହୋଇଥିବା ବିଇଇର ନୂଆ ଏନର୍ଜି ଏଫିସିଏନ୍ସି ନିୟମ ମଧ୍ୟ ମୂଲ୍ୟ ବୃଦ୍ଧିର କାରଣ ବୋଲି କୁହାଯାଉଛି। ଫେବୃଆରୀ ଏବଂ ଏପ୍ରିଲ ମଧ୍ୟରେ ଦର ବୃଦ୍ଧି ଲାଗୁ ହେବ। ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି ୧ ଜାନୁଆରୀ ୨୦୨୬ ଠାରୁ ଏସି ପାଇଁ ନୂଆ ମାନଦଣ୍ଡ ଲାଗୁ କରିଛି। ଏହି ମାନଦଣ୍ଡ ଅନୁଯାୟୀ, ୫-ତାରକା ଏସିଗୁଡ଼ିକ ଏବେ ପୁରୁଣା ୫-ତାରକା ଏସି ତୁଳନାରେ ୧୦% ରୁ ୧୧% ଅଧିକ ଶକ୍ତି ସଂରକ୍ଷଣକାରୀ (ଏନର୍ଜି ଏଫିସିଏଣ୍ଟ)। ସରଳ ଭାଷାରେ କହିବାକୁ ଗଲେ, ନୂଆ ଏସିଗୁଡ଼ିକ କମ୍ ଶକ୍ତିରେ ଅଧିକ ଶୀତଳତା ପ୍ରଦାନ କରିବ। ଏଭଳି ଏସି ପ୍ରସ୍ତୁତିରେ ଖର୍ଚ୍ଚ ବଢ଼ିବ। ତେଣୁ ଦାମ ମଧ୍ୟ ବଢ଼ିବ। ଏଲ୍‌ଜି ଇଣ୍ଡିଆର ନିର୍ଦ୍ଦେଶକ ସଞ୍ଜୟ ଚିଟକାରାଙ୍କ ଅନୁଯାୟୀ, ନୂଆ ନିୟମ ଅନୁଯାୟୀ ନିର୍ମିତ ଏସି ପୂର୍ବ ତୁଳନାରେ ପ୍ରାୟ ୧୧% ଅଧିକ ଶକ୍ତି ସଂରକ୍ଷଣକାରୀ ହେବ। ଯଦିଓ କିଣିଲା ବେଳେ ଏସି ପାଇଁ ଅଧିକ ଟଙ୍କା ଦେବାକୁ ପଡିବ ତେବେ ଦୀର୍ଘକାଳୀନ ଭାବରେ ବିଜୁଳି ସଞ୍ଚୟ ହେବ। ଦର ବୃଦ୍ଧି ନେଇ ଡାଇକିନ୍ ଇଣ୍ଡିଆର ଅଧ୍ୟକ୍ଷ କଓ୍ୱଲଜିତ୍ ଜାୱା କହିଛନ୍ତି ଯେ ନୂଆ ଏନର୍ଜି ନିୟମାବଳୀ ପ୍ରଡକ୍ଟକୁ ଉନ୍ନତ କରିଛି, ଏତିପାଇଁ ସେଗୁଡ଼ିକ ଅଧିକ ମହଙ୍ଗା ହୋଇଛି। ତମ୍ବା ମୂଲ୍ୟ ରେକର୍ଡ ସ୍ତରକୁ ପହଞ୍ଚିଛି। ଡଲାର ମୂଲ୍ୟ ବୃଦ୍ଧି ଯୋଗୁ ଖର୍ଚ୍ଚ ବଢ଼ିଛି। ଚାଲିଥିବା ବିଶ୍ୱ ଅସ୍ଥିରତା ଆମଦାନୀକୁ ଅଧିକ ମହଙ୍ଗା କରିଛି। ତେଣୁ ମୂଲ୍ୟ ବୃଦ୍ଧି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା ବୋଲି କଓ୍ୱଲଜିତ ଜାୱା କହିଛନ୍ତି। ତେବେ ଏଥର ଅଧିକ ଗରମ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଏସି ଦର ବଢ଼ିବା ସତ୍ତ୍ୱେ ବି ଚଳିତ ବର୍ଷ ଏସି ମାର୍କେଟ୍ ୧୫% ବୃଦ୍ଧି ହେବ ବୋଲି ଡାଇକିନ ଇଣ୍ଡିଆ ଆଶା ରଖିଛି। ଭାରତରେ ରୁମ ଏୟାର-କଣ୍ଡିସନର ବଜାର ବାର୍ଷିକ ପ୍ରାୟ ୧୩.୫ ନିୟୁତ ୟୁନିଟର।

# ଭାରତୀୟ ପୁଞ୍ଜି ବଜାର ଉପରେ ପ୍ରଭାବ ପକାଇଲା ପଶ୍ଚିମ ଏସିଆ ଯୁଦ୍ଧର ପ୍ରଭାବ




ନୂଆଦିଲ୍ଲୀ, ୮।୩:ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ଯୁଦ୍ଧର ପ୍ରତିକୂଳ ପ୍ରଭାବ ଭାରତୀୟ ପୁଞ୍ଜି ବଜାର ଉପରେ ପଡ଼ିଛି। ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ଗତ ୪ଟି କାରବାର ଦିବସରେ ପାଖାପାଖି ୨୧ ହଜାର କୋଟି (୨.୩ ବିଲିଅନ ଡଲାର) ଉଠାଇ ନେଇଛନ୍ତି। ମାର୍ଚ୍ଚ ୨ରୁ ୬ ତାରିଖ ମଧ୍ୟରେ ସେମାନେ ଏହି ଅର୍ଥ ନେଇଛନ୍ତି। ଫେବୃଆରିରେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ। ଏହା ଗତ ୧୭ ମାସ ମଧ୍ୟରେ ସର୍ବାଧିକ ମାସିକ ନିବେଶକ ଥିଲା। ତାହା ପୂର୍ବରୁ ବିଦେଶୀ ନିବେଶକମାନେ କ୍ରମାଗତଭାବେ ୩ ମାସ ଧରି ଭାରତୀୟ ବଜାରକୁ ପୁଞ୍ଜି ପ୍ରତ୍ୟାହାର କରିଥିଲେ। ଜାନୁଆରିରେ ୩୫,୯୬୨ କୋଟି, ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩,୭୬୫ କୋଟି ଟଙ୍କା ଉଠାଇ ନେଇଥିଲେ ବୋଲି ତଥ୍ୟରୁ ଜଣାଯାଇଛି। ବିଶେଷଜ୍ଞଙ୍କ ମତରେ ବିଦେଶୀ ନିବେଶକମାନେ ମାର୍ଚ୍ଚରେ ପୁନର୍ବାର ଭାରତୀୟ ବଜାରରୁ ମୁହଁ ଫେରାଇବାର କାରଣ ହେଲା ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ। ଇରାନ ଉପରେ ଇସ୍ରାଏଲ ଓ ଆମେରିକା ଗତମାସ ୨୮ ତାରିଖରେ ସାମରିକ ଆକ୍ରମଣ କରିବା ପରେ ସେହି ଅଞ୍ଚଳରେ ବଡ଼ଧରଣର ଭୂରାଜନୈତିକ ଅସ୍ଥିରତା ଦେଖାଦେଇଛି। ଏଞ୍ଜେଲ ଓ୍ୱାନ୍‌ର ବରିଷ୍ଠ ବିଶ୍ଳେଷକ ଭି ଖାନ୍‌ଙ୍କ କହିବାନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବାଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ୍ ପିଛା ୯୦ ଡଲାର ଟପିଯାଇଛି। ଏଥିସହିତ ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ କମିଯାଇଛି। ଏସବୁ ପ୍ରଭାବରେ ବିଦେଶୀ ନିବେଶକମାନେ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଛନ୍ତି। ଏଭଳି ଅନିଶ୍ଚିତତା ଭିତରେ ବିଦେଶୀ ନିବେଶକମାନେ ଆମେରିକୀୟ ଡଲାର ଭଳି ନିରାପଦ ସଂପତ୍ତିରେ ନିବେଶକୁ ପସନ୍ଦ କରୁଛନ୍ତି। ଭୂରାଜନୈତିକ ସ୍ଥିତିରେ ଉନ୍ନତି ନଆସିବା ଏବଂ ଅଶୋଧିତ ତେଲ ଦର ନକମିବା ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ସର୍ତ୍ତକତା ସହ ଆଗକୁ ବଢ଼ିବେ ବୋଲି କୁହାଯାଉଛି।

# ଏଣିକି ଡିଜିଟାଲ ଠକେଇରେ ମିଳିବ ୨୫ ହଜାର ପର୍ଯ୍ୟନ୍ତ କ୍ଷତିପୂରଣ



ନୂଆଦିଲ୍ଲୀ,୮।୩: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଡିଜିଟାଲ କାରବାରରେ ହେଉଥିବା ଠକେଇରୁ ଗ୍ରାହକଙ୍କୁ ବଞ୍ଚାଇବା ପାଇଁ ନୂଆ ଚିଠାନୀତି ପ୍ରସ୍ତୁତ କରିଛି। ଏହାର ନାଁ ରହିଛି 'କଷ୍ଟମର ଲାଏବିଲିଟି ଇନ୍ ଡିଜିଟାଲ ଟ୍ରାଞ୍ଜାକ୍ସନ'।

## ଆର୍‌ବିଆଇର ଚିଠାନୀତି ପ୍ରସ୍ତୁତ

ଏହା ଅଧୀନରେ ଯଦି ଜଣେ ଗ୍ରାହକଙ୍କ ସହ ଡିଜିଟାଲ ଠକେଇ ହୋଇଥାଏ ଏବଂ ସେ ଏହାକୁ ନେଇ ତୁରନ୍ତ ରିପୋର୍ଟ କରନ୍ତି ତେବେ ତାଙ୍କୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରେ। ନୂଆ ନିୟମର ଉଦ୍ଦେଶ୍ୟ ହେଉଛି, ବ୍ୟାଙ୍କ ଅଭିଯୋଗ ଗୁଡ଼ିକର ସମାଧାନରେ ଲାଗୁଥିବା ସମୟକୁ କମ୍ କରିବା ଏବଂ ଛୋଟ ମୂଲ୍ୟର ଠକେଇ ପାଇଁ ଏକ ଉତ୍ତମ କ୍ଷତିପୂରଣ ଢାଞ୍ଚା ପ୍ରସ୍ତୁତ କରିବା। ଆର୍‌ବିଆଇ ଏହି ଚିଠାନୀତିକୁ ନେଇ ଜନତା ଏବଂ ଅଂଶୀଦାରଙ୍କଠାରୁ ମତାମତ ଲୋଡ଼ିଛି। ମତାମତ ଦେବାର ଡେଡ୍‌ଲାଇନ୍ ଏପ୍ରିଲ ୬ ରହିଛି। ଏହା ପରେ ସରକାର ଏହାକୁ ଲାଗୁ କରିବେ।

## ମିଶୋ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

# ଦେବାକୁ ପଡ଼ିବ ୧୫୦୦ କୋଟି ଟଙ୍କାର ଟ୍ୟାକ୍ସ

ନୂଆଦିଲ୍ଲୀ,୮।୩ ଶସ୍ତା ଏବଂ ସୁଲଭ ସାମଗ୍ରୀ ବିକ୍ରି ପାଇଁ ଜଣାଶୁଣା ଇ- କମର୍ସ ପ୍ଲାଟଫର୍ମ ମିଶୋ ପାଇଁ ବଢ଼ିପାରେ ଅଡୁଆ। କାରଣ ଆୟକର ବିଭାଗ କମ୍ପାନିକୁ ୧,୫୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରିଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ମିଶୋ ଏହାର ପ୍ରକୃତ ଆୟକୁ କମ୍ ଦେଖାଇଛି। ଆୟକର ବିଭାଗ ପକ୍ଷରୁ ଏହି ଟ୍ୟାକ୍ସ ନୋଟିସ୍ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପଠାଯାଇଛି। ବିଭାଗ କହିଛି, କମ୍ପାନି ନିଜର ଆୟ ସଂପର୍କିତ ଯେଉଁ ତଥ୍ୟ ଦେଇଛି ସେଥିରେ କିଛି ବିଚ୍ୟୁତି ରହିଛି। ଏହାକୁ ଦୃଷ୍ଟିରେ ରଖି ଟିକସ ଅଧିକାରୀ "ଅତିରିକ୍ତ ସଂଶୋଧନ" କରିଛନ୍ତି। ଯେଉଁଥିରେ ବକେୟା ଟିକସ ସହ ବଡ଼ ସୁଧ ମଧ୍ୟ ଯୋଡ଼ାଯାଇଛି। ଅବଶ୍ୟ ମୋଶୋ ଏହାର ନିବେଶକମାନଙ୍କୁ ଆଶ୍ୱାସନା ଦେଇଛି ଯେ, କମ୍ପାନି ଏହି ନୋଟିସର ସମୀକ୍ଷା କରୁଛି। ଏହି କମ୍ପାନିର ଆର୍ଥିକ କାର୍ଯ୍ୟ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ପକାଇବ ନାହିଁ।

ପ୍ରକୃତରେ, ଇ-କମର୍ସ କମ୍ପାନୀ ଏବଂ ଆୟକର ବିଭାଗ ମଧ୍ୟରେ ବିବାଦର ପ୍ରଥମ କାରଣ ହେଉଛି ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ଏବଂ ରିହାତି। କମ୍ପାନିଗୁଡ଼ିକ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ପ୍ରଦାନ କରୁଥିବା ରିହାତିଗୁଡ଼ିକୁ ସେମାନଙ୍କର ବାଲାନ୍ସ ସିଟରେ "ବ୍ୟବସାୟିକ ଖର୍ଚ୍ଚ" ଭାବରେ ଦେଖାନ୍ତି। ଏମିତି କରିବା ଦ୍ୱାରା କମ୍ପାନିଙ୍କ ଟିକସ ହ୍ରାସ ହୋଇଥାଏ। ଅନେକ କ୍ଷେତ୍ରରେ ଆୟକର ବିଭାଗ ଏହି ଖର୍ଚ୍ଚଗୁଡ଼ିକୁ ସମ୍ପୂର୍ଣ୍ଣ ରିହାତିଯୋଗ୍ୟ ବୋଲି ବିବେଚନା କରେ ନାହିଁ। ଆଉ ଏହି ଦ୍ୱନ୍ଦ୍ୱ ପ୍ରାୟତଃ ବଡ଼ ଟିକସ ନୋଟିସ୍ ସୃଷ୍ଟି କରେ। ମିଶୋ ପାଇଁ ଏପରି ଟିକସ ନୋଟିସର ସମ୍ମୁଖୀନ ହେବା ନୂଆ ନୁହେଁ। କମ୍ପାନି କହିଛି ଏହାକୁ ୨୦୨୨ ଆର୍ଥିକ ବର୍ଷ ପାଇଁ ସମାନ ନୋଟିସ ମିଳିଛି। କମ୍ପାନିର ଆଇପିଓ ଡକ୍ୟୁମେଣ୍ଟ ଅନୁଯାୟୀ ୨୦୨୫ ଜାନୁଆରୀ ୨୫ରେ ଆୟକର ବିଭାଗ ଟ୍ୟାକ୍ସ ରିଟର୍ଣ୍ଣରେ ପ୍ରସ୍ତାବିତ ପରିବର୍ତ୍ତନ ପାଇଁ ଜବାବ ମାଗିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଏହି ମାମଲା ବିଜ୍ଞାପନ ଖର୍ଚ୍ଚ, ଫରଓ୍ୱାର୍ଡ ଚୁକ୍ତିରୁ ଲାଭ ଏବଂ ବିଦେଶୀ ପେମେଣ୍ଟ ଉପରେ ଟିଡିଏସ କାଟିବା ସହିତ ଜଡିତ ଥିଲା। ଏହା ପରେ ମିଶୋ ଫେବୃଆରୀ ୭ରେ ଅତିରିକ୍ତ ସୂଚନା ପ୍ରଦାନ କରି ନିଜର ପକ୍ଷ ରଖିଥିଲା। ତଥାପି ମାର୍ଚ୍ଚ୧୩ ତାରିଖରେ ବିଭାଗ ପ୍ରାୟ ୫୭୨ କୋଟି ଟଙ୍କାର ଟିକସ ଦାବି କରି ଏକ ନିର୍ଦ୍ଦେଶ ପାସ୍ କରିଥିଲା। ଯାହା ପରେ ପୁଣି କମ୍ପାନି ଏପ୍ରିଲ ୯ ତାରିଖରେ କର୍ଣ୍ଣାଟକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଆଉ କୋର୍ଟ ଏପ୍ରିଲ ୧୭ ତାରିଖରେ ଟିକସ ଦାବି ଉପରେ ଏକ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପ୍ରଦାନ କରିଥିଲେ। ମାମଲା ଏବେବି ବିଚାରାଧୀନ ଅଛି। ତେବେ ବର୍ତ୍ତମାନ ଲାଗିଥିବା ୧,୫୦୦ କୋଟି ଟଙ୍କାର ଟ୍ୟାକ୍ସ ନୋଟିସର ଜବାବରେ, ମିଶୋ ସ୍ପଷ୍ଟ କରିଛି ଯେ, ଏହା ଆୟକର ବିଭାଗର ତଥ୍ୟ ସହିତ ସମ୍ପୂର୍ଣ୍ଣ ଅସହମତ। କମ୍ପାନି ଏହାର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ଆଇନଗତ ପଦକ୍ଷେପ ନେଉଛି। ତଥାପି, କମ୍ପାନିର ବର୍ତ୍ତମାନର ଆର୍ଥିକ ସ୍ଥିତି ସେତେଟା ଉତ୍ସାହଜନକ ନାହିଁ। ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ, ମିଶୋର ମୋଟ କ୍ଷତି ୧୩ ଗୁଣ ବୃଦ୍ଧି ପାଇ ୪୯୧ କୋଟି ଟଙ୍କାରେ ପହଞ୍ଚିଛି। ତଥାପି ଏହି ସମୟରେ କମ୍ପାନିର ପରିଚାଳନା ରାଜସ୍ୱ ୩୧% ବୃଦ୍ଧି ପାଇ ୩,୫୧୭ କୋଟି ଟଙ୍କାରେ ପହଞ୍ଚିଛି। ନିବେଶକମାନେ ଷ୍ଟକ୍ ବଜାରରେ କମ୍ପାନିର ପ୍ରଦର୍ଶନ ଉପରେ ମଧ୍ୟ କଡ଼ା ନଜର ରଖିଛନ୍ତି।






## ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ଯ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## କେନ୍ଦ୍ର ପର୍ଯ୍ୟଟନ କମିଶନରଙ୍କ ଫିରିଙ୍ଗିଆ ଗସ୍ତ

### ବିଭିନ୍ନ ପ୍ରକଳ୍ପ ସହ ଅଙ୍ଗନବାଡ଼ି ଓ ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ




ଫୁଲବାଣୀ,୮।୩ (ସଂଚାର ବ୍ୟୁରୋ)ଃ ଶୁକ୍ରବାର ଦିନ କେନ୍ଦ୍ର ପର୍ଯ୍ୟଟନ ବିଭାଗ କମିଶନର ବଲୱନ୍ତ ସିଂ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହ ବ୍ଲକ ର ମାସରୀପଡା ଠାରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ଆଦର୍ଶ ଅଙ୍ଗନବାଡି ର ମାନ୍ୟତା ପାଇଥିବା ଆମ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ କମିଶର ପଥମେ ଫିରିଙ୍ଗିଆ ପହଂଚିବା ପରେ ତାଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ପରେ କମିଶନର ଫିରିଙ୍ଗିଆ ଠାରେ ଥିବା କାଠ ତିଆରି ଶିଳ୍ପ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ ଏହାପରେ ସେ ମାସରୀପଡା ଠାରେ ଥିବା ଆଦର୍ଶ ଅଙ୍ଗନବାଡି କେନ୍ଦ୍ର କୁ ଯାଇ ଅଙ୍ଗନବାଡି କର୍ମୀ ଓ ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନ କରିଥିଲେ ପରେ ସେ ମାସିରୀପଡା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିଥିଲେ କମିଶନର ଙ୍କ ଏହି ଗସ୍ତ ସମୟରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ,ଫିରିଙ୍ଗିଆ ଭାରପ୍ରାପ୍ତ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଗଣେଶ ପ୍ରଧାନ, ବିପିଏମ ହରଗୋବିନ୍ଦ ଜାନି, ବିଡ଼ିଏମ ପ୍ରତ୍ୟୁଷ କାନ୍ତି,ସିଏଚଓ ବିଶ୍ୱଜିତ ପାଢ଼ୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଝିଲି ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନର ବିକାଶ ଉପରେ ଉପସ୍ଥିତ ସମସ୍ତ ପଦାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ।

## ବେଦାନ୍ତ ଝାରସୁଗୁଡାରେ ଗୁଣବତ୍ତା ପ୍ରୟୋଗଶାଳାରୁ ଆରମ୍ଭ କରି ସ୍ମେଲଟର ଲାଇନ ପର୍ଯ୍ୟନ୍ତ

# ନୂତନ ଶିଳ୍ପ କାହାଣୀକୁ ଶକ୍ତି ଦେଇଛନ୍ତି ମହିଳା



ଭୁବନେଶ୍ୱର,୮।୩ (ସଂଚାର ବ୍ୟୁରୋ)ଃ ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ଆଲୁମିନିୟମ ପ୍ଲାଂଟ ଯେଉଁଠାରେ ଶକ୍ତିଶାଳୀ ମେସିନଗୁଡ଼ିକ ଜୋରରେ ଶବ୍ଦ କରନ୍ତି, ଫର୍ଣ୍ଣେସଗୁଡ଼ିକ ଉଜ୍ଜ୍ୱଳ ଏବଂ ତରଳ ଆଲୁମିନିୟମକୁ ଜଟିଳ ଉତ୍ପାଦନ ପ୍ରକ୍ରିୟା ମାଧ୍ୟମରେ ଗତି କରନ୍ତି, ମହିଳା ବୃତିଗତମାନେ ଗୁଣବତାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କ୍ରମଶଃ ନେତୃତ୍ୱ ନେଉଛନ୍ତି। ପ୍ଲାଂଟର ଗୁଣବତା ପ୍ରୟୋଗଶାଳା ଭିତରେ, ମହିଳା ଇଞ୍ଜିନିୟର ୫୫୦ରୁ ଅଧିକ ପ୍ରତ୍ୟକ୍ଷ ମହିଳା କର୍ମଚାରୀ ବର୍ତ୍ତମାନ କାର୍ଯ୍ୟରେ ଯୋଗଦାନ ଦିଅନ୍ତି, ଯାହା କମ୍ପାନୀର ଅଧିକ ଲିଙ୍ଗ ବିବିଧତା ଏବଂ ବୈଷୟିକ ଅନ୍ତର୍ଭୁକ୍ତିକରଣ ପ୍ରତି ଚାଲୁଥିବା ପରିବର୍ତ୍ତନକୁ ପ୍ରତିଫଳିତ କରେ।

ଏହି ଗୁଣବତା ପ୍ରୟୋଗଶାଳାଗୁଡ଼ିକରେ, ଦଳଗୁଡ଼ିକ ହ୍ରାସ ପ୍ରକ୍ରିୟା ପରୀକ୍ଷା ପରିଚାଳନା କରନ୍ତି, ଯାହା ଆଲୁମିନାକୁ ସ୍ଥିର ଭାବରେ ଉଚ୍ଚ ବିଶୁଦ୍ଧତା ଆଲୁମିନିୟମରେ ରୂପାନ୍ତରିତ କରିବା ନିଶ୍ଚିତ କରିବା ଏବଂ ଟେକ୍ନିସିଆନ୍‌ମାନେ କଠୋର ପରୀକ୍ଷଣ ପ୍ରକ୍ରିୟାଗୁଡ଼ିକ ତଦାରଖ କରନ୍ତି ଯାହା ପ୍ରଥମ ପର୍ଯ୍ୟାୟରେ ନିର୍ଭରଯୋଗ୍ୟତା ଏବଂ ସ୍ଥିରତା ସ୍ଥାପନ କରେ, କଞ୍ଚାମାଲକୁ ବୈଧ କରେ, ଇଲେକ୍ଟ୍ରୋଲାଇଟିକ୍ ଅବସ୍ଥା ନିରୀକ୍ଷଣ କରେ ଏବଂ କଠୋର ମାନଦଣ୍ଡ ବିରୁଦ୍ଧରେ ସମାପ୍ତ ଧାତୁକୁ ପ୍ରମାଣିତ କରେ। ସେମାନଙ୍କର କାର୍ଯ୍ୟ ସମଗ୍ର ପ୍ଲାଂଟରେ ସ୍ଥିର, ଉଚ୍ଚ ବିଶୁଦ୍ଧତା ଆଲୁମିନିୟମ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଗଠନ କରେ, ଯେଉଁଠାରେ ପାଇଁ ତରଳାଇବା ପାତ୍ର ଅବସ୍ଥାଗୁଡ଼ିକର ମୂଲ୍ୟାଙ୍କନ କରେ। ସେମାନେ କଠୋର ଗୁଣବତା ମାନଦଣ୍ଡରେ ଇନପୁଟ୍ ଏବଂ ସମାପ୍ତ ଉତ୍ପାଦ ଉଭୟର ରାସାୟନିକ ଏବଂ ଭୌତିକ ଅଖଣ୍ଡତା ଯାଞ୍ଚ କରି ସାମଗ୍ରୀ ବିଶ୍ଳେଷଣ ମଧ୍ୟ କରନ୍ତି। ଏହି ମୂଲ୍ୟାଙ୍କନଗୁଡ଼ିକ ସ୍ମେଲ୍ଟର ଲାଇନ୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ମଧ୍ୟରେ ସୁରକ୍ଷା, ସଠିକତା ଏବଂ କାର୍ଯ୍ୟଦକ୍ଷତାକୁ ସମର୍ଥନ କରି ସୁଗମ ପ୍ଲାଂଟ କାର୍ଯ୍ୟର ଭିତିଭୂମି ଗଠନ କରେ।

ଗୁଣବତା ଉପରେ ଏହି ଗୁରୁତ୍ୱ କାର୍ଯ୍ୟରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଠାରେ ମହିଳା ଇଞ୍ଜିନିୟର ଏବଂ ଅପରେଟରମାନେ ବିବେଚିତ ହୋଇଥିବା ଉତ୍ପାଦନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ପରୀକ୍ଷାଗାର ବେଞ୍ଚରୁ କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷ ପର୍ଯ୍ୟନ୍ତ, ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଶିଳ୍ପ ଅଂଶଗ୍ରହଣ କିପରି ଦେଖାଯାଏ ତାହା ପୁନଃ ଆକାର ଦେଉଛି।

ବେଦାନ୍ତ ଆଲୁମିନିୟମ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ଏକ ସଂରଚିତ ପ୍ରତିବଦ୍ଧତା ସହିତ ଏହି ପରିବର୍ତ୍ତନକୁ ଆଗେଇ ନେଉଛି, ଯାହା ୨୦୩୦ ସୁଦ୍ଧା ଏହାର କର୍ମଶକ୍ତିରେ ୩୦% ମହିଳା ପାଇଁ ଲକ୍ଷ୍ୟ ରଖିଛି। ଗତ ବର୍ଷ ମଧ୍ୟରେ, କମ୍ପାନୀ ଭାରତର ପ୍ରଥମ ସମସ୍ତ ମହିଳା ପଟଲାଇନ୍, ସମସ୍ତ ମହିଳା ଲୋକୋମୋଟିଭ୍ ଦଳ ଏବଂ ଏକ ସମସ୍ତ ମହିଳା ପାୱାର ପ୍ଲାଂଟ ୟୁନିଟ୍ ଭଳି ମାଇଲଖୁଣ୍ଟ ପଦକ୍ଷେପ ଆରମ୍ଭ କରିଛି। ଶ୍ରୀ ଶକ୍ତି ପଦକ୍ଷେପ ମାଧ୍ୟମରେ, ଝାରସୁଗୁଡା ମଧ୍ୟ ଓଡ଼ିଶାରେ ପ୍ରଥମ ଉତ୍ପାଦନ ସ୍ଥଳ ପାଲଟିଛି ଯେଉଁଠାରେ ମହିଳା କର୍ମଚାରୀମାନଙ୍କୁ ରାତି ସିଫ୍ଟ କାର୍ଯ୍ୟରେ ନିୟୋଜିତ କରାଯାଇଛି, ଯାହା ଦକ୍ଷତା ବିକାଶ ଏବଂ କ୍ୟାରିଅର ପ୍ରଗତି ପାଇଁ ସୁଯୋଗକୁ ସୁଦୃଢ଼ କରୁଛି।

କମ୍ପାନିର ସମସ୍ତ କାର୍ଯ୍ୟରେ, ମହିଳାମାନେ ନବସୃଜନ ଚଳାଇବାରେ ଏବଂ ଆଲୁମିନିୟମ ଉତ୍ପାଦନର ଭବିଷ୍ୟତକୁ ଗଢ଼ିବା ପାଇଁ ବିଶେଷଜ୍ଞତା ଏବଂ ନେତୃତ୍ୱକୁ ମିଶ୍ରଣ କରିବାରେ ନେତୃତ୍ୱ ନେଉଛନ୍ତି। ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଶିଳ୍ପ ଦୃଶ୍ୟପଟରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେପରିକି ଦକ୍ଷତା, ପ୍ରତିବଦ୍ଧତା ଏବଂ ଦୃଢ଼ ନିଷ୍ପତି ଲିଙ୍ଗ ଦ୍ୱାରା ପରିଭାଷିତ ନୁହେଁ। ଏହି ପ୍ରକ୍ରିୟାରେ, ଏହି ମହିଳାମାନେ କେବଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପରିଚାଳନା କରୁନାହାଁନ୍ତି ବରଂ ଅଧିକ ପାଇଁ ପଥ ମଧ୍ୟ ସୃଷ୍ଟି କରୁଛନ୍ତି। ଦକ୍ଷତା ସୁଯୋଗ ସହିତ ମିଶିଲେ କ'ଣ ସମ୍ଭବ ହୁଏ ତାହାର ଏକ ସତ୍ୟ ପ୍ରମାଣ ହେଉଛି ସେମାନଙ୍କର ସଫଳତାର ଯାତ୍ରା।

## କେନ୍ଦୁପାଟଣାରେ ହେବ ଆଇସକ୍ରିମ ଫାକ୍ଟ୍ରି

ନିଶ୍ଚିନ୍ତକୋଇଲି,୮।୩ (ସଂଚାର ବ୍ୟୁରୋ)ଃ କଟକଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତରଗତ କାନ୍ଦୁପଟଣା ଠାରେ ମାହାଙ୍ଗା ର ଲୋକପ୍ରିୟ ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ଙ୍କ ଉଦ୍ୟମ ରେ ଗତକାଲି ଦେଶର ଯଶସ୍ୱୀ ଗୃହମନ୍ତ୍ରୀ ଅମିତି ଶାହାଜୀ ଙ୍କ ଦ୍ୱାରା ମାହାଙ୍ଗା ନିର୍ବାଚନ ମଣ୍ଡଳୀର କେନ୍ଦୁପାଟଣାଠାରେ ଓଡ଼ିଆ ସରକାରଙ୍କ ତରଫରୁ ଆଇସକ୍ରିମ ପ୍ଲାଣ୍ଟ କରିବାର ବୁଝାମଣାପତ୍ର ସ୍ୱାକ୍ଷର ହେଉଥିବାରୁ ମାନ୍ୟବର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ ଜୀ,ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ,ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ , ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପବଳ ସାମନ୍ତ,ଓ ମାନ୍ୟବର ମତ୍ସ୍ୟ ପଶୁସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମାହାଙ୍ଗା ର ଜନପ୍ରିୟ ନେତା ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ଙ୍କୁ ମାହାଙ୍ଗା ଜନସାଧାରଣଙ୍କ ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ ।

## କେନ୍ଦୁପାଟଣା ଆର୍‌ଏମ୍‌ସି ପକ୍ଷରୁ ଏଲ୍‌ଇଡି ଶୋ ମାଧ୍ୟମରେ କୃଷକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ନିଶ୍ଚିନ୍ତକୋଇଲି,୮।୩ (ସଂଚାର ବ୍ୟୁରୋ)ଃ ରଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ କ୍ରିୟାଶୀଳ କରିବା ଉର୍ଦ୍ଦେଶ୍ୱରେ ଆଜି ଓଡିଶା ଗସ୍ତରେ ଆସି ଗୃହ ମନ୍ତ୍ରୀ ଅମିତ୍ ଶାହାଜୀ' ଓଡ଼ିଶା ସମବାୟ ନୀତି ୨୦୨୬, ୧୫୬୭ଟି ପାକ୍ସ ପରିଚାଳିତ ଜନସେବା କେନ୍ଦ୍ର ସମବାୟ ନିବନ୍ଧକ କାର୍ଯ୍ୟାଳୟ କମ୍ପ୍ୟୁଟରୀକରଣ ପୋର୍ଟାଲର ଲୋକାର୍ପଣ ସହ ନ୍ୟାସନାଲ କୋଅପରେଟିଭ ଅର୍ଗାନିକ୍ସ ଲିମିଟେଡ଼ର ନୂତନ ୱେବସାଇଟ ଏବଂ ଡିଜିଟାଲ କୋଅପରେଟିଭ ଏକ୍ସପୋର୍ଟ ଲିମିଟେଡର କୋପ୍ ମାର୍କକ୍ସ ବ୍ରାଣ୍ଡ ଏବଂ ଡିଜିଟାଲ ଲର୍ଣ୍ଣିଙ୍ଗ ପ୍ଲାଟଫର୍ମ ପାଇଁ ଶିଳାନ୍ୟାସ ସହ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ସବୁ ନୂତନ ବ୍ୟବସ୍ଥା ସମବାୟକୁ ଅଧିକ ସଶକ୍ତ ଏବଂ ସୁଦୃଢ଼ କରିବାରେ ଆଗାମୀ ଦୀନରେ ସତ ପ୍ରତିଶତ ସହାୟକ ହେବ। ଶ୍ରୀ ଶାହାଜୀଙ୍କ ପ୍ରତିଟି କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ଅଞ୍ଚଳର କୃଷକ ମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କେନ୍ଦୁପାଟଣା ଆର୍.ଏମ୍.ସି ସଂପାଦକ ନିରଞ୍ଜନ ସାମଲଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁପାଟଣା ଆର୍.ଏମ୍.ସି ସଭାଗୃହ ପରିସରରେ ଏକ ଏଲ୍‌ଇଡି ଶୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଞ୍ଚଳରେ ଥିବା ସେବା ସମବାୟ ସମିତିର ବହୁ ସଂପାଦକ ଏବଂ ଶତାଧିକ ଚାଷୀ ମାନେ ଉପସ୍ଥିତ ରହି ଅମିତ୍ ଜିଙ୍କ ସମସ୍ତ କାର୍ଯ୍ୟକ୍ରମକୁ ଦେଖିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ସୁନ୍ଦରଗଡ଼,୮।୩ (ସଂଚାର ବ୍ୟୁରୋ)ଃଆଜି ମହିଳାମାନେ ବିଶ୍ୱସ୍ତରରେ ପୁରୁଷ ମାନଙ୍କ ସହିତ ପାଦରେ ପାଦ ମିଳେଇ ସବୁ କ୍ଷେତ୍ରରେ ନିଜର ଦେଶ ପାଇଁ ଯଶ ଓ ଖ୍ୟାତି ଅର୍ଜନ କରିଛନ୍ତି। ଆମ ଦେଶରେ ଦିନ ଥିଲା ମହିଳା ମାନେ ପାଠ ପଢ଼ାରୁ ବଞ୍ଚିତ ହଉଥିଲେ, ବିବାହ ପରେ ଘର ର ଚାରି କାନ୍ଥ ଭିତରେ ରହି ସାରା ଜୀବନ ପରିବାର ପାଇଁ ନିଜକୁ ଉତ୍ସର୍ଗୀକୃତ କରି ଦଉଥିଲେ, କିନ୍ତୁ ଆଜି ସମୟ ବଦଳିଛି ପ୍ରତେକ କ୍ଷେତ୍ରରେ ମହିଳା ମାନେ ପୁରୁଷ ମାନଙ୍କୁ ପଛରେ ପକେଇ ଶିକ୍ଷା, କୃଷି, ବିଜ୍ଞାନ, କ୍ରୀଡା, ରାଜନୀତିରେ ଯେଉଁ ପାରଦର୍ଶିତା ଆଣି ପାରିଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ଗୌରବମୟ କଥା, ଆଜି ଏଭଳି କିଛି ଶ୍ୱର ଶାଣିତ କରିଛନ୍ତି ଅନ୍ତର୍ଜାତୀୟ ମହିଳା ଦିବସରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ଆଜି ସ୍ୱେଛାସେବୀ ସଂଗଠନ ସେବକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାଷଣରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା, ଅତିଥି ଯୋଗଦେଇଛନ୍ତି।

## ଗେଟ୍ ତାଲାକାଟି ଚୋର ନେଇଗଲେ ବାଇକ୍



ଯାଜପୁର ରୋଡ଼,୮।୩ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନମ୍ବର -୧୬ ଅନ୍ତର୍ଗତ ଉମାପଦା, ହାଉସିଂବୋର୍ଡ କଲୋନୀର ବାସିନ୍ଦା ଚକ୍ରଧର ପାତ୍ରଙ୍କ ପୁଅ ଲଲାଟେନ୍ଦୁ ପାତ୍ରଙ୍କ ପଲସର ଏନ୍.ଏକ୍ସ.୨୦୦ ବାଇକ୍ ଗାଡ଼ିଟିକୁ ଗତକାଲି ବିଳମ୍ବିତ ରାତିରେ ଚୋର ନେଇଯାଇଛନ୍ତି। ଏହି ବାଇକ୍ ଗାଡ଼ିଟିର ନଂ ଓଡ଼ି.୩୪.ଏଚ୍.୭୨୧୧ ବୋଲି ଜଣାପଡ଼ିଥିବା ବେଳେ ଘରର ଦୁଆର ମୁହଁରେ ତାଲା ପକାଯାଇ ଗେଟ୍ ଭିତରେ ଉକ୍ତ ବାଇକ୍‌ଟି ରହିଥିଲା। କିନ୍ତୁ ଚୋର ନିର୍ଭୟରେ ଗେଟ୍ ତାଲାକୁ କାଟି ବାଇକ୍‌ଟିକୁ ନେଇଯାଇଛି। ଏହି ଘଟଣାର ଥାନାରେ ଅଭିଯୋଗ ହୋଇଛି। ଚୋରକୁ ଧରିବାରେ ପୁଲିସ ସକ୍ଷମ ହେଉଛି ନା ନାହିଁ, ତାହା ଉପରେ ରହିଛି ସମସ୍ତଙ୍କ ନଜର। ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉନଥିବାରୁ ଏପରି ଅଘଟଣ ହେଉଛି ବୋଲି ଆଲୋଚନା ହେଉଛି। ଫଳରେ ଲୋକେ କିନ୍ତୁ ନିଜକୁ ଏଠାରେ ସୁରକ୍ଷିତ ମଣୁ ନାହାନ୍ତି ନେଇ ଚର୍ଚ୍ଚା ଚାଲିଛି।

# ସବେରୀ ଗ୍ରାମରେ ରାସ୍ତା ଓ ପାନୀୟ ଜଳ ସମସ୍ୟା

### ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ



କନ୍ଧମାଳ,୮।୩ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରେ ଦୀର୍ଘଦିନ ଧରି ରାସ୍ତା ଓ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, ପଞ୍ଚାୟତ କାର୍ଯ୍ୟାଳୟଠାରୁ ସବେରୀ ଗ୍ରାମର ଦୂରତା ପ୍ରାୟ ଏକ କିଲୋମିଟର ହେଲେ ମଧ୍ୟ ଗାଁକୁ ଯିବା ପାଇଁ ସୁବିଧାଜନକ ରାସ୍ତା ନାହିଁ। ଗାଁରେ ପ୍ରାୟ ୨୦ଟି ପରିବାର ବସବାସ କରୁଥିବା ସତ୍ତ୍ୱେ ବର୍ଷା ବର୍ଷ ଦିନ ଧରି ଗ୍ରାମବାସୀମାନେ ଖାଲଖମା ଓ ଦୁର୍ଗମ ରାସ୍ତା ଦ୍ୱାରା ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଏହି କାରଣରୁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ସେବା ମଧ୍ୟ ଗ୍ରାମକୁ ପହଞ୍ଚି ପାରୁନଥିବାରୁ ଗ୍ରାମବାସୀମାନେ ଚିନ୍ତାରେ ପଡୁଛନ୍ତି।

ଏହାସହିତ ଗ୍ରାମରେ ଥିବା ପୁରୁଣା ପୋଲଟି ବହୁ ବର୍ଷ ଧରି ଭାଙ୍ଗି ପଡ଼ିଥିବାରୁ ଯାତାୟାତ ବ୍ୟବସ୍ଥା ଆହୁରି ହୋଇପଡ଼ିଛି। ପୋଲଟି ନବନିର୍ମାଣ ପାଇଁ ଗ୍ରାମବାସୀମାନେ ବାରମ୍ବାର ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ମଧ୍ୟ ଗୁରୁତର ରୂପ ନେଇଛି। ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଗ୍ରାମବାସୀମାନେ ନାଳ ପାଣି ଉପରେ ନିର୍ଭର କରି ଦୈନିକ ଜୀବନ ଯାପନ କରୁଛନ୍ତି। ଏହିପରି ପରିସ୍ଥିତି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି।

ଏହି ପରିପ୍ରେକ୍ଷୀରେ ସବେରୀ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ଓ ସମ୍ବନ୍ଧିତ ବିଭାଗକୁ ଅନୁରୋଧ କରି ଯଥାଶୀଘ୍ର ରାସ୍ତା ନିର୍ମାଣ, ପୋଲ ଏ ନେଇ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପଅଭିଷେକ ବେହେରା ପଚାରି ବାରୁ ମୁଁ ଜାଣି ନାହିଁ ମୁଁ ତଦନ୍ତ କରି କହିବି ପୁନର୍ନିର୍ମାଣ ଓ ପାନୀୟ ଜଳ ସୁବିଧା ଯୋଗାଇଦେବା ପାଇଁ ଶମ୍ଭୁ ବିନ୍ଧାଣି, ଶୁକଦେବ କହଁର, ବିଷ୍ଣମ ବିନ୍ଧାଣି, ମିତ କହଁର, ରଦିନା କହଁର,ରମେଶ କହଁର, ବ୍ରହ୍ମା କହଁର, ରାଜିବ କହଁର ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ




ବଲାଙ୍ଗିର,୮।୩ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ଡିଏଫଓ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ ।

ବୈଠକରେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ଏବଂ ପର୍ଯ୍ୟଟନ ଆଦି ବିଭାଗର ପ୍ରମୁଖ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ, ସମ୍ପୂର୍ଣ୍ଣ ହୋଇଥିବା ଏବଂ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷ କରି ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଉନ୍ନତିମୂଳକ ପ୍ରକଳ୍ପ ଗୁଡିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ କିଭଳି କାର୍ଯ୍ୟ କରାଯାଉଛି ସେ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା।

ସେହିଭଳି ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ମେଗା ପ୍ରକଳ୍ପର ଅଗ୍ରଗତିର ମଧ୍ୟ ମୂଲ୍ୟାୟନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ କହିଥିଲେ, ବଲାଙ୍ଗିର ଜିଲ୍ଲାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରି ଏହାର ସଂପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ତେଣୁ ଜିଲ୍ଲାରେ ବାଇପାସ୍ ରାସ୍ତା, ଉନ୍ନତ ଶିକ୍ଷା, ପର୍ଯ୍ୟଟନସ୍ଥଳୀର ବିକାଶ, ଜଳସେଚନର ସୁବ୍ୟବସ୍ଥା ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ପ୍ରକଳ୍ପ ଗୁଡିକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଖଜୁରୀପଡ଼ାରେ ନୂତନ ଥାନା ଗୃହ ଉଦ୍‌ଘାଟିତ




କନ୍ଧମାଳ,୮।୩ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଥାନା ପାଇଁ ନୂତନ ଭାବେ ନିର୍ମିତ ଥାନା ଗୃହ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ନବନିର୍ମିତ ଥାନା କାର୍ଯ୍ୟାଳୟଗୁଡ଼ିକୁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହା ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଆଭାଷୀ ମାଧ୍ୟମରେ ଉଦଘାଟନ କରିଥିଲେ।

ଏହି ଅବସରରେ ସେମାନେ ଅଭିଭାଷଣ ପ୍ରଦାନ କରି ଆଧୁନିକ ପୋଲିସ ଢାଞ୍ଚା ମାଧ୍ୟମରେ ଲୋକସେବାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଖଜୁରୀପଡ଼ାରେ ଏହି ଉଦଘାଟନ କାର୍ଯ୍ୟକ୍ରମଟି ଥାନା ଅଧିକାରୀ ଶ୍ରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏହି ଅବସରରେ କନ୍ଧମାଳ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ହରିଶି ବିଶି, ଉପବିଭାଗୀୟ ପୋଲିସ ଅଧିକାରୀ ଶୁଭ୍ରଜିତ ବିଶ୍ୱାଳ, ଖଜୁରୀପଡ଼ା ତହସିଲଦାର ସୁଶ୍ରୀ ଶୁଭଶ୍ରୀ ରଥ, ଖଜୁରୀପଡ଼ା ବିଧାୟକଙ୍କ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ସ୍ୱାସ୍ଥ୍ୟ ପ୍ରତିନିଧି ରାଇକିଶୋର ପ୍ରଧାନ, ଖଜୁରୀପଡ଼ା ଯୁବମୋର୍ଚ୍ଚା ସଭାପତି ସମିର ପ୍ରସାଦ ଝାଙ୍କର, କୃଷକ ମୋର୍ଚ୍ଚା ସଭାପତି ବିକ୍ରମସେନ ଦେହୁରୀ ଓ ବିଭିନ୍ନ ସ୍ଥାନୀୟ ସରପଞ୍ଚ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏହା ସହିତ କେନ୍ଦ୍ର କୁଇ ସମାଜର ଗୌତମ ପ୍ରଧାନ, ରମାକାନ୍ତ ମଲିକ, ଜିଲ୍ଲା କୁଇ ଯୁବ କ୍ରୀଡା ସଭାପତି ସୁଜିତ କୁମାର ମଲ୍ଲିକ, ସାମ୍ବାଦିକ ପ୍ରତିନିଧି ଓ ଅଞ୍ଚଳର ବହୁ ଜନସାଧାରଣ ମଧ୍ୟ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନୂତନ ଥାନା ଗୃହ ନିର୍ମାଣ ହେବା ଦ୍ୱାରା ଅଞ୍ଚଳରେ ପୋଲିସ ସେବା ଆହୁରି ସୁଦୃଢ଼ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି।

## ସ୍ତ୍ରୀକୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀଙ୍କୁ କୋର୍ଟ ଚାଲାଣ

ବୈଶିଙ୍ଗା,୮।୩ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅର୍ନ୍ତଗତ ନଡପୁର ଗ୍ରାମରେ ଜନୈକା ବିବାହିତା ମହିଳାଙ୍କୁ ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ମିଳିଥିବା ସୂଚନା ମୁତାବକ ଦେବେନ୍ଦ୍ର ମହାନ୍ତଙ୍କ ପୁଅ ପୁରୁଷୋତ୍ତମ ଅନେକ ସମୟରେ ସ୍ତ୍ରୀ ସୁନେଲିଙ୍କୁ ପିଟାମରା କରନ୍ତି। ତେବେ ଶୁକ୍ରବାର ସାମାନ୍ୟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତକ୍ଷିପ୍ତ ହୋଇ ପୁରୁଷୋତ୍ତମ ଏକ ଲାଠି ସାହାଯ୍ୟରେ ସୁନେଲିଙ୍କୁ ପ୍ରବଳ ମାଡ଼ ମାରିଥିଲେ। ସୁନେଲିଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା ଏବଂ ସେ ଚେତାଶୂନ୍ୟ ହୋଇଯାଇଥିଲେ। ଶ୍ୱଶୁର ଦେବେନ୍ଦ୍ର ସଙ୍ଗେସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ଏଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇପଡିବା ଯୋଗୁଁ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ପୁରୁଷୋତ୍ତମଙ୍କ ବାପା ଦେବେନ୍ଦ୍ରଙ୍କ ଅଭିଯୋଗକ୍ରମେ ପୁଲିସ ୧୧୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

# ବିନା ଟେଣ୍ଡରରେ ଆଉ ଏକ ଆଦିବାସୀ ହାଟ ଶିଳାନ୍ୟାସକୁ ବିରୋଧ



ବୈଶିଙ୍ଗାର,୮।୩ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ପଞ୍ଚାୟତର ଏକମାତ୍ର ଡାହିବାଡି ସାପ୍ତାହିକ ହାଟ ରାଜସ୍ୱ ଆଦାୟରେ ସହାୟକ ହୋଇଥାଏ । ଏହି ହାଟର ସିଂହଭାଗ ଆର.ଏମ.ସି. ଖାଇ ଯାଉଥିବା ବେଳେ ପଞ୍ଚାୟତର ରୋଜଗାର ବିଷୟରେ ଚିନ୍ତା ନ କରି ବିଧାୟକ ମହୋଦୟ ଏହି ଡାହିବାଡି ଗ୍ରାମକୁ ଲାଗି ଆଉ ଏକ ଆଦିବାସୀ ହାଟ ପାଇଁ ୪୨ ଲକ୍ଷ ଟଙ୍କାର ଶିଳାନ୍ୟାସ କରିବା ସରକାରୀ ଅର୍ଥ ଲୁଟ୍ କରିବା ସହିତ ଶସ୍ତା ଲୋକପ୍ରୀୟତା ସୃଷ୍ଟି କରିବା ଘଟଣା ଲୋକହସାରେ ପରିଣତ ହୋଇଛି ।

ସପ୍ତାହର ବୁଧବାର ଓ ଶନିବାର ଦୁଇ ଦିନ ବସୁଥିବା ହାଟକୁ ଜିଲ୍ଲା ବାହାରୁ ହଜାର ହଜାର ବ୍ୟବସାୟୀ ନିଜର ବ୍ୟବସାୟ ପାଇଁ ଆସୁଥିବା ସହିତ ପ୍ରାୟ ଦଶ ହଜାର ଖାଉଟିଙ୍କ ସମାଗମ ହୋଇଥାଏ । ମାତ୍ର ହାଟ ଭିତରକୁ ଯିବା ଆସିବା ପାଇଁ ସାଧାରଣ ରାସ୍ତାଟିଏ ନାହିଁ, ପାଣିର ବ୍ୟବସ୍ଥା ନାହିଁ, ବର୍ଷାଦିନେ ମୁଣ୍ଡ ଗୁଞ୍ଜିବାକୁ ଛପର ନାହିଁ, ବସିବାକୁ ପିଣ୍ଡି ନାହିଁ, ଏଭଳି ନାହିଁ ନାହିଁରେ ହାଟ ଚାଲିଛି। ସେଥିରେ ପୁଣି ଉତ୍ପାଦିତ ପଣ୍ୟ ଦ୍ରବ୍ୟ ଉପରେ ଆର .ଏମ୍. ସି. ମାହାସୁଲ ଆଦାୟ କରି ନେଉଛି । ସେଥିପାଇଁ ପଞ୍ଚାୟତ ତରଫରୁ କମ ଦାମରେ ନିଲାମ ହେଉଥିବାରୁ ରାଜସ୍ୱହାନି ପାଇଁ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟ କିଛି ହୋଇପାରୁନାହିଁ ।

ସାତ ବର୍ଷ ଧରି ଲୋକପ୍ରତିନିଧି ଭାବେ ବିଧାୟକ ଏହି ହାଟକୁ ଆଦର୍ଶ ହାଟରେ ପରିଣତ କରିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ କିଛି କରି ପାରି ନାହାନ୍ତି । ପରନ୍ତୁ ଆଲୋକିକରଣ ପାଇଁ ଲାଗିଥିବା ଆଲୋକ ଜଳୁନାହିଁ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୪୫ ଲକ୍ଷ ଟଙ୍କା ବ୍ୟୟରେ ମନରେଗା ଯୋଜନାରେ ଏକ ବର୍ଷ ହେବ ପିଣ୍ଡି ଅର୍ଦ୍ଧ ନିର୍ମିତ ଭାବେ ପଡି ରହିବା ଯୋଗୁଁ ଖାଉଟିଙ୍କ ପାଇଁ ଯାତାୟତରେ ଯନ୍ତ୍ରଣା ସୃଷ୍ଟି କରୁଛି । ଏହାକୁ ସୁଧାରିବା ପରିବର୍ତ୍ତେ ଦୁଇ ଶହ ମିଟର ଦୂରରେ ଆଉ ଏକ ହାଟର ପରିକଳ୍ପନା କରିବା ହାସ୍ୟାସ୍ପଦ ପାଲଟିଛି । ଶିଳାନ୍ୟାସ ଫଳକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉପସ୍ଥିତି ଲେଖା ହେବା ସହିତ ୪୨ ଲକ୍ଷ ଟଙ୍କା ଅନୁସୂଚିତ ଜନଜାତି ଓ ଜାତି, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ବିଭାଗ ଦ୍ୱାରା ଅନୁମୋଦିତ ହୋଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦାଙ୍କୁ ଦାୟିତ୍ୱ ଦିଆଯାଇଛି । ମାତ୍ର ସାଂସଦ ଏବଂ ଜିଲ୍ଲାପାଳଙ୍କ ଅନୁପସ୍ଥିରେ ବିଧାୟକ ମହୋଦୟ ଆଜି ମଧ୍ୟାହ୍ନରେ ଡାହିବାଡି ଗ୍ରାମରେ ଏଠାରେ ଶିଳାନ୍ୟାସ କରିଥିବାର ଜଣାଯାଇଛି ।

ଏଭଳି ଏକ ହାସ୍ୟାସ୍ପଦ ଘଟଣାକୁ ଲକ୍ଷ୍ୟ କରି ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ଯୁବ ସଙ୍ଗଠକ ବିନୋଦ ସିଂହ, କଂଗ୍ରେସର ଜିଲ୍ଲା ଉପ ସଭାପତି ମାଧବୀ ସେନାପତି ପ୍ରମୁଖ ପ୍ରକଳ୍ପ ସଂଯୋଜକ ପ୍ରଣୟ ରଞ୍ଜନ ବେହେରାଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ ଟେଣ୍ଡର ପ୍ରକ୍ରିୟା ସରିନାହିଁ ଏଣୁ ଟେଣ୍ଡର ଆହ୍ୱାନ କରାଯାଇନାହିଁ । ପରେ କରାଯାଇଥାଆନ୍ତା ମାତ୍ର ବିଧାୟକଙ୍କ ଜିଦ୍ ପାଇଁ ଶନିବାର ଶିଳାନ୍ୟାସ କରି ଦିଆଗଲା । ଏଥିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ଏଥି ପାଇଁ ଭୁଲ ସ୍ୱୀକାର ମଧ୍ୟ କରିଛନ୍ତି । ତେବେ ଏଥିପାଇଁ ଅର୍ଥ ମଞ୍ଜୁରୀ କେବେ ହେବ , କେବେ କାର୍ଯ୍ୟ ଆରମ୍ଭ ହେବ, କିମ୍ବା ପୂର୍ବରୁ ମଞ୍ଜୁରୀ ପାଇଥିବା ୪୫ ଲକ୍ଷ ଟଙ୍କାର ଅଧାପନ୍ତରିଆ କାର୍ଯ୍ୟ ଭଳି ପଡି ରହିବ ତାହା ସମୟ କହିବ ।

## ବାଲିପଡ଼ିଆ ଦୋଳ ମେଳଣ ପାଳିତ



ମାହାଙ୍ଗା,୮।୩ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥିତ ବାଲିପଡ଼ିଆ ଦୋଳ ମେଳଣ ବାଲେଙ୍କେଶ୍ୱର ମହାଦେବ ପରିସରରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଥାନପତି ଭାବେ ନୃସିଂହ ନାଥ ଦୋଳ ବିମାନ ବାଜା, ବାଣ, ଘଣ୍ଟି, ସଂକୀର୍ତନ ଓ ରୋଷଣୀ ସହ ମେଳଣ ପଡ଼ିଆକୁ ବିରାଜମାନ କରିବା ପରେ ୧୫ରୁ ଉର୍ଦ୍ଧ୍ୱ ଦୋଳ ବିମାନ ଗୁଡିକ ପଡ଼ିଆରେ ବିରାଜମାନ କରିଥିଲେ। ବରିଷ୍ଠ ପୂଜକଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଜନସାଧାରଣ ଉପସ୍ଥିତ ରହିଥିବା ବେଳେ ବହୁ ଉଠା ଦୋକାନମାନ ଖୋଲାଯାଇଥିବା ଦେଖିବାକୁ ମିଳିଛି। ଏଥିରେ ଦୋଳ ମଣ୍ଡପ କମିଟିର ସମରେନ୍ଦ୍ର ମହାନ୍ତି, ଶାରଦା ପ୍ରସାଦ ମହାନ୍ତି, ସ୍ୱାଧିନ ମହାନ୍ତି, ଗଜେନ୍ଦ୍ର ମହାନ୍ତି, ନିରଞ୍ଜନ ମହାନ୍ତି, ଜୟନ୍ତ ମହାନ୍ତି, ସରୋଜ ମହାନ୍ତି, ଲକ୍ଷ୍ମଣ ମହାନ୍ତି, ଶଶୀଭୂଷଣ ମହାନ୍ତି, ସୁବାଷ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତା ଓ ଗ୍ରାମବାସୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହ ମେଳଣ ଉତ୍ସବ ପାଳନ କରିଥିଲେ।

ସଂଚାର SANCHAR
ସୋମବାର ୯ ମାର୍ଚ୍ଚ ୨୦୨୬

# ସ୍ୱାସ୍ଥ୍ୟ






## ଅଜୀର୍ଣ୍ଣ ସମସ୍ୟା ରହିଛି କି ?

ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ୍ୟ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

## ହାଇ ୟୁରିକ୍ ଏସିଡ୍ ସମସ୍ୟାରୁ ମୁକ୍ତି ଦେଇଥାଏ ପୋଦିନା ପତ୍ର



ସ୍ୱାସ୍ଥ୍ୟ ପାଇଁ ପୋଦିନା ପତ୍ର ବହୁତ ଭଲ ହୋଇଥାଏ। ଏଥିରେ ଏପରି କିଛି ଗୁଣ ଅଛି ଯାହା ଆପଣଙ୍କୁ ଅନେକ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଏହା ହାଇ ୟୁରିକ୍ ଏସିଡ୍ ସମସ୍ୟା ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ। ପୋଦିନା ପତ୍ରରେ କିଛି ମାତ୍ରାର ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିଥାଏ। ଏହା ବ୍ୟତୀତ ବାତ, କୁଣ୍ଡିଆ ଏବଂ କଫକୁ ସନ୍ତୁଳିତ କରିବା ସହିତ ପେଟର ମେଟାବୋଲିକ୍ ରେଟ୍କୁ ବଢାଇଥାଏ। ତେବେ ଆପଣ ପ୍ରତିଦିନ ଯାହା ଖାଆନ୍ତି ତାହିଁ ପ୍ରୋଟିନରେ ଭରପୂର ହୋଇଥାଏ ଏବଂ ଏଥିରେ ପ୍ୟୁରିନ୍ ଥାଏ। ଯାହାଫଳରେ ପୋଦିନା ପତ୍ର ଖାଇବା ଦ୍ୱାରା ଶୀଘ୍ର ହଜମ ହୋଇଯାଏ। ତେଣୁ ଆସନ୍ତୁ ଜାଣିବା ୟୁରିକ୍ ଏସିଡ୍ ପାଇଁ ପୋଦିନା ପତ୍ର କିପରି ବ୍ୟବହାର କରାଯାଏ। ଏହା ବ୍ୟତୀତ ପୋଦିନା ଖାଇବାର ଅନ୍ୟ କେଉଁ ସବୁ ଲାଭ ରହିଛି ଜାଣିବା। ପୋଦିନା ପତ୍ରରେ ଅନେକ ପୋଷକ ତତ୍ତ୍ୱ ଅଛି । ଯାହା ଶରୀରରେ ୟୁରିକ୍ ଏସିଡ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ଆପଣଙ୍କୁ କେବଳ ଏହି ଉପାୟରେ ପୋଦିନା ଖାଇବାକୁ ପଡିବ। ତେବେ ୮ ରୁ ୧୦ଟି ତାଜା ପୋଦିନା ପତ୍ର ନେଇ ଧୋଇ ଦିଅନ୍ତୁ। ଏହି ପତ୍ରକୁ ଏକ ବ୍ଲେଣ୍ଡରରେ ରଖନ୍ତୁ ଏବଂ ଅଧା କପ୍ ପାଣି ମିଶାନ୍ତୁ। ଏହା ପରେ ତାକୁ ଭଲ ଭାବେ ବ୍ଲେଣ୍ଡ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହା ପରେ ଗ୍ୟାସ୍ ଅନ୍ କରି, ଏହି ପେଷ୍ଟକୁ ଏକ ପ୍ୟାନରେ ରଖନ୍ତୁ। ଏଥିରେ ଗୁଡ ଏବଂ ଅଳ୍ପ ଜୁଆଣି ମିଶାନ୍ତୁ। ଆପଣ ଏହାକୁ ପ୍ରତିଦିନ ଗୋଟିଏ ଥର ଏବଂ ୧ ଚାମଚ ଖାଆନ୍ତୁ।

ପୋଦିନା ପତ୍ରଗୁଡିକ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣରେ ଭରପୂର ହୋଇଥାଏ। ଯାହା ହାଡ ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିଥାଏ। ଏହା ହାଡରେ ଫୁଲା ମଧ୍ୟ କମ୍ କରିଥାଏ। ମେଟାବୋଲିକ୍ ରେଟ୍ ବଢାଇବା ବ୍ୟତୀତ ଏହା ଶରୀରରେ ପ୍ୟୁରିନ୍ ପରିମାଣକୁ ହ୍ରାସ କରିଥାଏ ଏବଂ ସେଗୁଡିକ ଜମା ହେବାକୁ ଦେଇନଥାଏ। ସେହିପରି ଭାବେ ଏହା ଶରୀରରେ ୟୁରିକ୍ ଏସିଡ୍ ବୃଦ୍ଧି କରିବାକୁ ଦିଏ ନାହିଁ ଏବଂ ହଜମ ସହ ଜଡିତ ସମସ୍ୟାକୁ ମଧ୍ୟ କମ୍ କରିବାରେ ସହାୟକ କରିଥାଏ। ତେଣୁ ଯଦି ୟୁରିକ୍ ଏସିଡ୍ ବୃଦ୍ଧି ହୁଏ ତେବେ ଆପଣ ପୋଦିନା ପତ୍ର ଖାଇପାରିବେ। ଏହା ବ୍ୟତୀତ ଆପଣ ଖାଲି ପେଟରେ ପୋଦିନା ପତ୍ର ଚୋବାଇ ପାରିବେ। ଏହା ବ୍ୟତୀତ ଆପଣ ଏହାର ଚା ପିଇପାରିବେ କିମ୍ବା ଏହାର ରସ ମଧ୍ୟ ପିଇପାରିବେ। ତେଣୁ ପୋଦିନା ପତ୍ରକୁ ବ୍ୟବହାର କରନ୍ତୁ। ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଯଦି ଆପଣ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ତେବେ ପୋଦିନା ପତ୍ର ଖାଇପାରିବେ।

## ରସଗୋଲା ଖାଇବାର ରହିଛି ଅନେକ ଫାଇଦା



ପଖାଳ ପରେ ଓଡିଆଙ୍କ ପ୍ରିୟ ରସଗୋଲା ହୋଇଥାଏ। ମିଠା ଭିତରେ ଅନେକ ମିଠା ରହିଛି। ବିଶେଷ କରି ଓଡ଼ିଶାରେ ରସଗୋଲାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ। ଯାହା ସାଧାରଣତଃ ସମସ୍ତଙ୍କୁ ଖୁବ୍ ଭଲ ଲାଗିଥାଏ। କିନ୍ତୁ ରସଗୋଲା ସବୁଠାରୁ ସର୍ବୋତ୍ତମ ବୋଲି କୁହାଯାଏ। ଏହା ବ୍ୟତୀତ ରସଗୋଲା ଏକ ପୌରାଣିକ ପରମ୍ପରା ସହିତ ମଧ୍ୟ ଯୋଡି ହୋଇ ରହିଛି। ଯାହା ପ୍ରତି ଓଡିଆଙ୍କ ଭାବନା ସହିତ ଜଡିତ। ମିଠାକୁ ଛୋଟରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ଖାଇପାରିବେ। ଯାହା ଖାଇବାକୁ ସମସ୍ତେ ଖୁବ୍ ଭଲ ପାଇଥାଆନ୍ତି। ଶୁଭ କାମ ପ୍ରଥମେ ମିଠା କିମ୍ବା ରସଗୋଲାରୁ ଆରମ୍ଭ ହୋଇଥାଏ। ସ୍ୱାସ୍ଥ୍ୟକୁ ନେଇ ଲୋକେ ଖୁବ୍ ସଜାଗ ରହୁଛନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ରସଗୋଲା ଶରୀର ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହେଉଛି। ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଖରାପ ହୋଇଥାଏ ବୋଲି ସମସ୍ତେ ଭାବିଥାଆନ୍ତି। କିନ୍ତୁ ରସଗୋଲା ଖାଇବା ଦ୍ୱାରା ଅନେକ ଫାଇଦା ମିଳିଥାଏ। ଏହା ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥିବ ସତ କିନ୍ତୁ ଏହା ହିଁ ସତ। ଆଜି ଆମେ ଆପଣଙ୍କୁ ରସଗୋଲା ଖାଇବାର ଲାଭ ସମ୍ପର୍କରେ ଜଣାଇବୁ। ରସଗୋଲା ଏକ ଲୋକପ୍ରିୟ ଭାରତୀୟ ମିଠା। ଯାହାକୁ ଦେଖିବା ମାତ୍ରେ ପାଟିରେ ପାଣି ଆସିଯାଏ। ଏହା ଖାଲି ସ୍ୱାଦିଷ୍ଟ ନୁହେଁ ବରଂ ଶରୀର ପାଇଁ ଉପଯୋଗୀ। ରସଗୋଲାରେ ପ୍ରୋଟିନ୍,କାର୍ବୋହାଇଡ୍ରେଟ୍,ଲାକ୍ଟିକ୍ ଏସିଡ୍ ଏବଂ କେସିନର ଗୁଣ ଭରପୁର ମାତ୍ରାରେ ରହିଛି। ଯାହା ସୁସ୍ଥ ଶରୀର ପାଇଁ ଭଲ ବୋଲି ବିବେଚନା କରାଯାଉଛି। ତେଣୁ ରସଗୋଲା ଖାଇବା ଦ୍ୱାରା କେଉଁ ସମସ୍ୟା ଦୂର କରେ ଆସନ୍ତୁ ଜାଣିବା।

ଯଦି ଜଣ୍ଡିସରେ ଆପଣ ପୀଡିତ ଅଛନ୍ତି ତେବେ ଏଥି ପାଇଁ ରସଗୋଲା ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଜଣ୍ଡିସ୍ ସମସ୍ୟାକୁ ଶୀଘ୍ର ଦୂର କରିଦେଇଥାଏ। ୟୁରିନ୍ ଇନଫେକସନରୁ ମୁକ୍ତି ପାଇବା ପାଇଁ ହେଲେ ସକାଳେ ଏବଂ ସନ୍ଧ୍ୟାରେ ରସଗୋଲା ଖାଇବା ଆବଶ୍ୟକ। ଥକ୍କାପଣକୁ ସମ୍ପୂର୍ଣ୍ଣ ଭାବେ ଦୂର କରେ ରସଗୋଲା। ଏହା ସହିତ ଆଖି ଜଳିବା ଏବଂ ପୋଡିବା ଭଳି ସମସ୍ୟାରୁ ମଧ୍ୟ ରକ୍ଷା କରିଥାଏ। ଏତିକି ନୁହେଁ ଯଦି ହାଡ଼ ଜନିତ ସମସ୍ୟା ଦେଖାଦେଉଛି ତେବେ ନିଜ ଖାଇବା ଲିଷ୍ଟରେ ରସଗୋଲା ସାମିଲ କରିବାକୁ ଭୁଲନ୍ତୁ ନାହିଁ। ଯାହା ଖାଇବା ଦ୍ୱାରା ଆପଣଙ୍କ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇବାରେ ସାହାଯ୍ୟ କରିବ। ଏହା ବ୍ୟତୀତ ରସଗୋଲା ଛେନାରୁ ତିଆରି ହେଉଥିବାରୁ ପାଚନ ପ୍ରକ୍ରିୟା ପାଇଁ ପ୍ରଭାବଶାଳୀ ହୋଇଥାଏ। ଯାହା ଖାଇବା ଦ୍ୱାରା ପାଚନ ପ୍ରକ୍ରିୟାକୁ ଉନ୍ନତ କରି ହଜମ ଶକ୍ତିକୁ ବଢାଏ। କୋଷ୍ଠକାଠିନ୍ୟ ଭଳି ସମସ୍ୟା ଥିଲେ ରସଗୋଲା ଖାଇବା ଉଚିତ୍। ମାଂସପେଶୀ ଗଠନ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ରସଗୋଲା ଖାଇବା ଦ୍ୱାରା ଏନର୍ଜି ମଧ୍ୟ ମିଳିଥାଏ। ପ୍ରେଗ୍ନେନ୍ସି ସମୟରେ ରସଗୋଲା ଖାଇବା ନିତ୍ୟାନ୍ତ ଆବଶ୍ୟକ। ଯାହା ଗର୍ଭବତୀ ମହିଳାଙ୍କ ପାଇଁ ବେଷ୍ଟ ହୋଇଥାଏ। ସେଥିପାଇଁ ଏଭଳି ସମୟରେ ଦିନକୁ ୨ଟି ରସଗୋଲା ଖାଇବା ଉଚିତ୍।

## ପରଫ୍ୟୁମ୍ ଲଗାଉଥିଲେ ସାବଧାନ



ସାଧାରଣତଃ ଖରାଦିନେ ଅଧିକାଂଶ ଲୋକ ପରଫ୍ୟୁମ୍ ବ୍ୟବହାର କରିଥାନ୍ତି। ଏହା ଶରୀରରୁ ଝାଳ ଗନ୍ଧ ଦୂର କରେ ସତ କିନ୍ତୁ ଅତ୍ୟଧିକ ପରଫ୍ୟୁମ୍ ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ଅଧିକ ପରଫ୍ୟୁମ୍ ବ୍ୟବହାର କଲେ କ'ଣ କ୍ଷତି ହୁଏ। ଯେକୌଣସି ସମୟ ହେବା ବା ଋତୁ ଆଜିକାଲି ପ୍ରାୟ ସମସ୍ତେ ପରଫ୍ୟୁମ୍ ଲଗାଇବାକୁ ପସନ୍ଦ କରନ୍ତି। ଏହା ସୁଗନ୍ଧିତ ହୋଇଥିଲେ ମଧ୍ୟ ଶରୀର ପ୍ରତି ବହୁ ହାନିକାରକ ହୋଇଥାଏ। ଏଥିରେ ଥିବା କେମିକାଲ ଶରୀର ପ୍ରତି ହାନିକାରକ ହେବା ସହ ତ୍ୱଚାରେ ସଂକ୍ରମଣର କାରଣ ପାଲଟିଥାଏ। ଏହାର ବ୍ୟବହାରରୁ ଅନେକଙ୍କୁ ଶ୍ୱାସ, କର୍କଟ ଏବଂ ସଂକ୍ରମଣ ଜନିତ ରୋଗ ଆଦି ହୋଇଥାଏ। ପରଫ୍ୟୁମରେ ପ୍ରାପିଲିନ୍ ଏବଂ ଗ୍ଲାୟସୋଲ୍ ଆଦି କେମିକାଲ ରହିଥାଏ। ଏହି ଦୁଇ ରସାୟନ ଶରୀରରେ ସଂକ୍ରମଣର ମୁଖ୍ୟ କାରଣ ହୋଇଥାଏ। ଆପଣ ବୋଧ ହୁଏ ଜାଣିନଥିବେ କିନ୍ତୁ ଏହା ଦ୍ୱାରା କିଡ଼ନି ଖରାପ ହେବା ସମସ୍ୟା ମଧ୍ୟ ଉପୁଜିଥାଏ। ଏହା ଛଡ଼ା ଡ଼ିଓ ବା ପରଫ୍ୟୁମକୁ ଆଣ୍ଟିବ୍ୟାକ୍ଟେରିଆଲ କରିବା ପାଇଁ ଟ୍ରାଇକ୍ଲୋସନ ନାମକ କେମିକାଲ ବ୍ୟବହାର କରାଯାଇଥାଏ। ଏହି କେମିକାଲ ଶରୀରରେ ଥିବା ରୋଗପ୍ରତିରୋଧକ କ୍ଷମତା କମ କରିଥାଏ। ତେବେ ଗର୍ଭବତୀ ସମୟରେ ଭୁଲରେ ମଧ୍ୟ ପରଫ୍ୟୁମ୍ ବ୍ୟବହାର କରିବା ଉଚିତ ନୁହଁ। କାରଣ ଏହା ଦ୍ୱାରା ଶିଶୁ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଯାହା ଫଳରେ ଶିଶୁର ସଠିକ୍ ଶାରୀରିକ ବିକାଶ ହୋଇପାରି ନଥାଏ। ପରଫ୍ୟୁମ୍ କାରଣରୁ ତ୍ୱଚାରେ କୌଣସି ପ୍ରକାରର ସଂକ୍ରମଣ ଦେଖାଗଲେ ତୁରନ୍ତ ଥଣ୍ଡା ପାଣିରେ ସେହି ସ୍ଥାନକୁ ଧୁଅନ୍ତୁ। ଏହା ଦ୍ୱାରା ଆପଣଙ୍କୁ ଆରାମ ମିଳିବା ସହ ଏହା କମ ମଧ୍ୟ ହେବ। ପରଫ୍ୟୁମ୍‌ରେ କେମିକାଲ ମିଶିଥାଏ। ଫଳରେ ଏହା ତ୍ୱଚା ଉପରେ କୁପ୍ରଭାବ ପକାଇବା ସହ ଜଳାପୋଡ଼ା ହୋଇଥାଏ। ଖାଲି ଏତିକି ନୁହେଁ, ଏଥିରେ ମିଶିଥିବା ଆଲକହଲ ତ୍ୱଚା ପ୍ରତି ମଧ୍ୟ ହାନିକାରକ। ପ୍ରାକୃତିକ ତ୍ୱଚାକୁ ନଷ୍ଟ କରି ଦେଇଥାଏ। ଅନେକ ସମୟରେ ପରଫ୍ୟୁମ୍ ବ୍ୟବହାର ଯୋଗୁ ସେହି ସ୍ଥାନ କୁଣ୍ଡେଇ ହୋଇ ଫଳି ଯାଇଥାଏ।

## ସକାଳୁ ପିଅନ୍ତୁ ଗୋଟିଏ ଗ୍ଲାସ କମଳା ଜୁସ୍



ଅଧିକାଂଶ ଭାରତୀୟଙ୍କ ସକାଳ ଗରମ ଚା' ସହିତ ଆରମ୍ଭ ହୁଏ। ତଥାପି, ଖାଲି ପେଟରେ ଚା ପିଇବା ସ୍ୱାସ୍ଥ୍ୟକର ନୁହେଁ। ଯଦି ଆପଣ ଏକ ଗ୍ଲାସ କମଳା ରସ ସହିତ ସକାଳ ଆରମ୍ଭ କରନ୍ତି, ତେବେ ଆପଣ ଜାଣନ୍ତି କି ଆପଣଙ୍କ ଶରୀରରେ କ'ଣ ପରିବର୍ତ୍ତନ ଆସିପାରେ ?

ସକାଳୁ ସକାଳୁ ଭିଟାମିନ ସି ଭରପୂର କମଳା ରସ ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରେ। ଆସନ୍ତୁ ଜାଣିବା ପ୍ରତିଦିନ ସକାଳେ ୩୦ ଦିନ ପର୍ଯ୍ୟନ୍ତ କମଳା ରସ ପିଇବା ପରେ କମଳା ରସ ପିଇବାର ଲାଭ ବିଷୟରେ। ଚା'ରେ କ୍ୟାଫିନ ଏବଂ ଟାନିନ ଥାଏ, ଯେତେବେଳେ କମଳା ରସ ଭିଟାମିନ ସି, ଫୋଲେଟ ଏବଂ ପୋଟାସିୟମର ଭଣ୍ଡାର। ଗୋଟିଏ ମାସ ପର୍ଯ୍ୟନ୍ତ ପ୍ରତିଦିନ କମଳା ରସ ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ମଜବୁତ ହେବ। ଆପଣ ଋତୁକାଳୀନ ଥଣ୍ଡା ଏବଂ କାଶ ଏବଂ ଥକ୍କାପଣରେ ହ୍ରାସ ଦେଖିବେ। ଭିଟାମିନ ସି ଶରୀରକୁ ଧଳା ରକ୍ତ କୋଷ ଉତ୍ପାଦନ କରିବାରେ ସାହାଯ୍ୟ କରେ, ଯାହା ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ।

ଚା' କେତେକ ସମୟରେ ଡିହାଇଡ୍ରେସନ ସୃଷ୍ଟି କରିପାରେ, ଯାହା ଆପଣଙ୍କ ଚର୍ମକୁ ମଳିନ ଦେଖାଯାଇପାରେ। କମଳା ରସରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଜଳୀୟ ଅଂଶ ଆପଣଙ୍କ ଚର୍ମକୁ ଭିତରୁ ହାଇଡ୍ରେଟ କରେ। ଭିଟାମିନ ସି କୋଲାଜେନ ତିଆରି କରିବାରେ ସାହାଯ୍ୟ କରେ, ଯାହା କୁଞ୍ଚନକୁ ହ୍ରାସ କରେ ଏବଂ ଆପଣଙ୍କ ଚର୍ମକୁ ଯୁବା ଏବଂ ଉଜ୍ଜ୍ୱଳ କରିଥାଏ। ସକାଳେ ଖାଲି ପେଟରେ କ୍ଷୀର ଚା' ପିଇବା ଦ୍ୱାରା ଅନେକ ଲୋକଙ୍କ ପାଇଁ ଏସିଡିଟି କିମ୍ବା ପେଟ ଫୁଲିପାରେ। କମଳା ଫାଇବରରେ ଭରପୁର, ଯାହା ପାଚନ ଶକ୍ତିକୁ ଉନ୍ନତ କରେ। ଏହା ଶରୀରକୁ ବିଷମୁକ୍ତ କରିବାରେ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ। ତଥାପି, ଯଦି ଆପଣ ଅତ୍ୟଧିକ ଏସିଡିଟିରେ ପୀଡିତ, ତେବେ ଖାଲି ପେଟରେ ଏହାକୁ ପିଇବା ପୂର୍ବରୁ ସତର୍କ ରହିବା ଉଚିତ।

ଚା' ପିଇବା ଦ୍ୱାରା ଆପଣଙ୍କୁ କ୍ୟାଫିନରୁ ତୁରନ୍ତ ମୁକ୍ତି ମିଳିଥାଏ, କିନ୍ତୁ ଏହା ଶୀଘ୍ର ଶେଷ ହୋଇଯାଏ। କମଳା ପ୍ରାକୃତିକ ଚିନିରେ ଭରପୁର, ଯାହା ଧୀରେ ଧୀରେ ଶକ୍ତି ମୁକ୍ତ କରେ। ଏହା ଆପଣଙ୍କୁ ଅପରାହ୍ନ ସୁଦ୍ଧା ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ଅନୁଭବ କରିବାରେ ସାହାଯ୍ୟ କରିବ। ପ୍ୟାକେଜ ହୋଇଥିବା ଜୁସ ବଦଳରେ ତାଜା ଘରେ ତିଆରି ଜୁସ ପିଅନ୍ତୁ। ପ୍ୟାକେଜ ହୋଇଥିବା ଜୁସରେ ଚିନି ଥାଏ, ଯାହା ଲାଭ ବଦଳରେ କ୍ଷତି କରିପାରେ। କମଳା ରସରେ ସାଇଟ୍ରିକ ଏସିଡ ଥାଏ, ଯାହା ଦାନ୍ତର ଏନାମେଲକୁ କ୍ଷତି ପହଞ୍ଚାଇପାରେ। ତେଣୁ, ଜୁସ ପିଇବା ପରେ ତୁରନ୍ତ ସାଦା ପାଣିରେ କୁଳି କରନ୍ତୁ। ଯଦି ଆପଣଙ୍କର ମଧୁମେହ ଅଛି, ତେବେ ଫାଇବର ଯୋଗାଇବା ଏବଂ ରକ୍ତ ଶର୍କରାରେ ହଠାତ ବୃଦ୍ଧିକୁ ରୋକିବା ପାଇଁ ଜୁସ ବଦଳରେ ସମ୍ପୂର୍ଣ୍ଣ ଫଳ ଖାଇବା ଭଲ।

## ନବ ଉତ୍କଳ ମହିଳା ସମିତିର ଗଣବିବାହ ଓ ଆଲୋଚନାଚକ୍ର



ଯାଜପୁର ରୋଡ଼,୮।୩ (ସଂଚାର ବ୍ୟୁରୋ)ଃଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବ୍ୟାସଦେବ ଟାଉନ ହଲ ଠାରେ ଆଜି ନବ ଉତ୍କଳ ମହିଳା ସମିତିର ସଭାପତି ଅମୁଲ୍ୟ ପହିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ପରିବହନ ପ୍ରଶାସକର ଅତିରିକ୍ତ ଆୟୁକ୍ତ ପିୟୁଷ କାନ୍ତ ପାଣି ଏବଂ ସଂମାନ୍ନୀତ ଅତିଥି ଭାବେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର,ପୂର୍ବତନ ପୌରଧ୍ୟକ୍ଷା ଶ୍ରୀମତୀ ସବିତା ରାଉତ ଓ ବନ୍ଦିତା ପରିଡା ପ୍ରମୁଖ ଯୋଗ ଦେଇ ମହିଳା ଦିବସର ଗୁରୁତ୍ୱ ଓ ସମାଜରେ ମହିଳା ମାନଙ୍କ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସରକାର ପ୍ରତି କ୍ଷେତ୍ରରେ  ମହିଳା ମାନଙ୍କ ବିକାଶ ଦିଗରେ ଗୁରୁତ୍ୱ ଦେଉଥିବା ବେଳେ ମୁଖ୍ୟ ସ୍ରୋତରେ ମହିଳା ମାନଙ୍କୁ ସାମିଲ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସଦା ସର୍ବଦା ଚେଷ୍ଟିତ ବୋଲି ନିଜ ଅଭିଭାଷଣରେ ମହିଳା ମାନଙ୍କୁ ଉଦବୋଧନ ଦେଇଥିଲେ। ମହିଳାଙ୍କ ବିନା ସୃଷ୍ଟି ଅସମ୍ଭବ ଓ ମହିଳା ମାନେ ହେଉଛନ୍ତି ଚିର ନମସ୍ୟ ଓ ଗୃହଣୀୟ ବୋଲି ମୁଖ୍ୟ ବକ୍ତା ନିଜ ବକ୍ତବ୍ୟରେ କହିଥିଲେ। ଆଜିର ଏହି ବାର୍ଷିକ ଉତ୍ସବ ସମିତି ପକ୍ଷରୁରେ କିଛି ବର ଓ କନ୍ୟାଙ୍କ ସାମୁହିକ ଗଣ ବିବାହ କରାଯାଇଥିବା ଦେଖିବାକୁ ମିଳିଥିଲା। ବର,କନ୍ୟା ମାନେ ଏଭଳି ଏକ ମହତ କାର୍ଯ୍ୟର ଆୟୋଜକଙ୍କୁ ସମିତି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଶକ୍ତି ପଦଯାତ୍ରା'



କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ)ଃ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ) ସହଯୋଗରେ ଡେରାବିଶ ମିନି ଷ୍ଟାଡିୟମ୍ ପରିସରରେ "ଶକ୍ତି ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଆଜିର ଥିମ୍ ରହିଥିଲା "ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି"। ଏହି ପଦଯାତ୍ରାରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର, ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଲୋକନାଥ ପାଣିଗ୍ରାହୀ, ମାଇଁ ଭାରତ କେନ୍ଦ୍ରର ଅଧିକାରୀ ଶ୍ରୀ ଗୋଲୀ ତିରୁପତି ରେଡ୍ଡୀ ଏବଂ ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷକ ସମେତ ଅନେକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ନାଗରିକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସହିତ ଗତ ୬ ମାର୍ଚ୍ଚରୁ ଆରମ୍ଭ ହୋଇଥିବା "ଅସ୍ମିତା ଆନ୍ତର୍ଜାତୀୟ ମହିଳା ଦିବସ" ଉଦଯାପନର ସମାପନ ହୋଇଛି। ଏହା ସହ ଗତକାଲି କେନ୍ଦ୍ରାପଡ଼ା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ମହିଳାମାନଙ୍କ ପାଇଁ ସୁରକ୍ଷା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସଚେତନତା, ନେତୃତ୍ୱ ଦକ୍ଷତା ଓ ବୃତ୍ତିମୂଳକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମାଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଥିମ୍ ରହିଥିଲା "ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର"। ଏହି ପ୍ରୟାସ ମାଧ୍ୟମରେ ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସଚେତନତା ଓ ସମାଜରେ ନାରୀଙ୍କ ସକ୍ରିୟ ଭୂମିକାକୁ ପ୍ରୋତ୍ସାହନ ଦେବାରେ ସରକାରଙ୍କ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରାଯାଇଛି।

## ଚଉଷଠୀ ଯୋଗିନୀ ପୀଠରେ ରକ୍ତଦାନ ଶିବିର



ବାଲିଅନ୍ତା,୮।୩ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ହୀରାପୁର ଚଉଷଠୀ ଯୋଗିନୀ ପୀଠ ପରିସର ଅତିଥି ଭବନ ସଭାକକ୍ଷରେ ସମ୍ବାଦ ଆମ ଓଡ଼ିଶା ଓ ଶୈଳବାଳା ଫାଉଣ୍ଡେସନ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶିବିରରୁ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହୀତ ହୋଇଥିଲା। ବାଲିଅନ୍ତା ତହସିଲଦାର ଲିଲନ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ପ୍ରେସକ୍ଲବ ସଭାପତି ସୋମନାଥ ସ୍ୱାଇଁ, ସମାଜସେବୀ ରାଜେସ କୁମାର ନାୟକ,ଡ. ରୀନା ରାଉତରାୟ, ସଚ୍ଚିକାନ୍ତ ପ୍ରଧାନ, ଉମାଦେଇ ବ୍ରହ୍ମପୁର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ସାହୁ ଏବଂ  ରବିନ୍ଦ୍ର ନାଥ ନାୟକ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଏମସି ହସ୍ପିଟାଲ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱେଚ୍ଛାସେବୀ ଗୋଲେକ ବେହେରା, ବରିଷ୍ଠ ସାମ୍ବାଦିକ ଦିବାକର ଷଡ଼ଙ୍ଗୀ, ଭଗବାନ ନାୟକ, ସ୍ୱର୍ଣ୍ଣଲତା ନାୟକ, ଚିନମୟୀ ପାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶୈଳବାଳା ଫାଉଣ୍ଡେସନର ନିର୍ଦ୍ଦେଶିକା ବେବି ନାୟକ ଓ ବାଲିଅନ୍ତା ସମ୍ବାଦ ପ୍ରତିନିଧି ନିରଞ୍ଜନ ସେନାପତି ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଫାଉଣ୍ଡେସନ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଚଉଷଠୀ ଯୋଗିନୀ ପୀଠ ପରିସରରେ ଫାଉଣ୍ଡେସନ ପକ୍ଷରୁ ଝୋଟି ,ମ୍ୟୁଜିକ ଚେୟାର, କୁଇଜ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଡ. ଲୋପାମୁଦ୍ରା ମହାନ୍ତି, ପ୍ରଫେସର ଦ୍ରିତୀଶିଖା ମହାନ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟ ,ବିଜୟିନୀ ମହାନ୍ତି, ବରିଷ୍ଠ ସାମ୍ବାଦିକା ସୁପ୍ରଭା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ ଅର୍ଜନ କରିଥିବା ୧୬ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## କ୍ରିଷ୍ଣା ପିଙ୍ଗୁଆ ବେତନଟୀ ଥାନାର ନୂତନ ଆଇଆଇସି



ବେତନଟୀ,୮।୩ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନାରେ ନୂତନ ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଶ୍ରୀଯୁକ୍ତ କ୍ରିଷ୍ଣା ପିଙ୍ଗୁଆ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ବାରିପଦା ହେଡ୍‌କ୍ୱାର୍ଟର ଚାର୍ଜରେ ରହିଥିବା ବେଳେ ପୂର୍ବରୁ ଥାନାରେ କାର୍ଯ୍ୟ କରିସାରିଛନ୍ତି। ଏଥି ସହିତ ବେତନଟୀ ଥାନା ଭାରପ୍ରାପ୍ତ ଅଧିକାରୀଣୀ ଭାବେ ଦାୟିତ୍ୱରେ ଥିବା ସସ୍ମିତା ମହାନ୍ତଙ୍କୁ ବାରିପଦା ସଦର ଥାନାକୁ ବଦଳି କରାଯାଇଛି। ନୂତନ ଥାନା ଭାରପ୍ରାପ୍ତ ଭାବେ ଥାନାରେ ଯୋଗ ଦେବା ପରେ ବେତନଟୀ ବ୍ଲକ ମିଡ଼ିଆ ଏସୋସିଏସନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସାମ୍ବାଦିକ ରାଜେଶ ଖଣ୍ଡେଲୱାଲ, ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡା, ଉଦିତ କୁମାର ପରିଡା, ହରିଶ୍ଚନ୍ଦ୍ର ସାମଲ, ଲାଲମୋହନ ନାଏକ, ପ୍ରକାଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବେତନଟୀରେ ଆଇନଶୃଙ୍ଖଳା ପରିସ୍ଥିତି ସୁରୁଖୁରୁରେ କିପରି ଚାଲିବ ସେ ନେଇ ସମସ୍ତେ ନୂତନ ଥାନା ଭାରପ୍ରାପ୍ତ ଅଧିକାରୀ ଆଲୋଚନା କରିଥିଲେ।

## ବନ ବିଭାଗର ସଚେତନତା ଗଣଦୌଡ

ନୀଳଗିରି ,୮।୩ (ସଂଚାର ବ୍ୟୁରୋ)ଃ ନୀଳଗିରି କୁଳଡ଼ିହା ବନବିଭାଗ  ଆଜି ଜଙ୍ଗଲ କୁ ନିଆଁଦାଉରୁ ସୁରକ୍ଷାଦେବା ପାଇଁ ଏକ ସଚେତନତା ଗଣଦୌଡ଼ କାର୍ଯକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଗଣଦୌଡ଼ କଳାକାଦ ଛକଠାରୁ ଆରମ୍ଭହୋଇ କୁଳଡ଼ିହା ବାଲିଆନାଳ ଗେଟ୍ ପର୍ଯ୍ୟନ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିବା ସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା,୩ହଜାରଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଦୌଡ଼ରେ ସଦର ବ୍ଲକ୍ ପୁରୁଷୋତ୍ତମପୁର ଅଞ୍ଚଳର ସିଦ୍ଧାର୍ଥ ଗୌତମ ଜେନା ପ୍ରଥମ, ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଏବଂ ନୀଳଗିରି  ଛୋଟକାନପୁର ଅଞ୍ଚଳର ସତ୍ୟପ୍ରକାଶ ସେଠୀ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।ତେବେ ଏହି ଗଣଦୌଡ଼ କାର୍ଯ୍ୟକ୍ରମରେ କୁଳଡ଼ିହା ବନବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତଥିଲେ।

# ସ୍ୱାବଲମ୍ବୀ ମହିଳା ସରସ୍ୱତୀ ସିଂ

## ସମାଜ ପାଇଁ ସାଜିଛନ୍ତି ଉଦାହରଣ



ପାରାଦୀପ,୮।୩ (ସଂଚାର ବ୍ୟୁରୋ)ଃ ଦିନ ଥିଲା ସେ ପର ଘରେ ପାଇଟି କରି ପେଟ ପୋଷୁଥିଲେ। କେବଳ ସେତିକି ନୁହଁ, ନିଜ ତେଲ ଲୁଣର ସଂସାର ଚଳାଇବାକୁ ଆହାର କେନ୍ଦ୍ରରେ ମାତ୍ର କେଇ ଟଙ୍କାରେ କାମ କରୁଥିଲେ । କିନ୍ତୁ ନିଜ ଇଚ୍ଛାଶକ୍ତି ଆଉ ଦୃଢ଼ ମନୋବଳ ପାଇଁ ସେ ଆଜି ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ବନ୍ଦର ନଗରୀ ପାରାଦୀପର ବ୍ୟସ୍ତ ବହୁଳ ରାସ୍ତା କଡରେ ଛୋଟିଆ ଠେଲା ଗାଡି ଟିଏ । ସମସ୍ତେ ଦେଖିଥିବେ ଆଉ ଅନେକ ସେଇ ଦୋକାନକୁ ଯାଇ ମିଠା ଆଖୁ ରସ ଗିଲାସେ ମଧ୍ୟ ପିଇ ଥିବେ ନିଶ୍ଚୟ। ହେଲେ ଏହି ଠେଲା ମଧ୍ୟରେ ଥିବା ଅସରନ୍ତି ଦୁଃଖ ଦୁର୍ଦ୍ଦଶାରେ ନିଜ ଛାତିରେ ଚାପି ଧରି ହସି ହସି ସମସ୍ତଙ୍କ ହାତକୁ ଗ୍ଲାସ ବଢେଇ ଦେଉଥିବା ଜୀବନର ଗଣିତକୁ ହୁଏତ ଅନେକ୍ ବୁଝି ପାରି ନଥିବେ । ମିଶାଣ ଫେଡାଣ ଭିତରେ ଜୀବନ ଜୀବିକାକୁ ଜାବୁଡି ଧରିବାକୁ ଅନେକ ପ୍ରୟାସ କରି ସ୍ୱାବଲମ୍ବୀ ହୋଇଥିବା କାହାଣୀ ଯିଏ ଶୁଣିବ ସେବି ଅବାକ ହେବ ନିଶ୍ଚୟ ।

ସରସ୍ୱତୀ ସିଂ ନିଜର ଭିଟାମାଟି ଛାଡି କାମ ଅନ୍ୱେଷଣରେ ସ୍ୱାମୀ ସହ ଚାଲି ଆସିଥିଲେ ବନ୍ଦର ନଗରୀ ପାରାଦୀପକୁ ସ୍ୱାମୀଙ୍କ ରୋଜଗାର ସମୁଦ୍ରକୁ ସଂଖେ ହେଲାପରେ ପରିବାର ପ୍ରତିପୋଷଣ ପାଇଁ ସୃଷ୍ଟି ହେଲା ଅନେକ ସମସ୍ୟା। ଘରର ନାରୀ ଶେଷରେ ସଂସାରର ବୋଝ ଉଠାଇବାକୁ ବାହାରକୁ ପାଦ କାଢି ଅନେକ ଚାକିରି ଖୋଜି ଶେଷରେ ଆହାର କେନ୍ଦ୍ରରେ କାମ ପାଇଲେ । କିନ୍ତୁ ଦେହର ଅସୁସ୍ଥତା ଆଉ ସ୍ୱଳ୍ପ ଟଙ୍କା ତାଙ୍କୁ ପୁଣି ଦୁର୍ଦ୍ଦଶା ଭିତରକୁ ଠେଲିଦେଲା । ଏତେସବୁ ପରେ ମଧ୍ୟ ଭାଙ୍ଗି ନଥିଲେ ସରସ୍ୱତୀ। ଲକ୍ଷ୍ୟ ଥିଲା ଗରିବ ପଣିଆକୁ ହରେଇ ସ୍ୱାବଲମ୍ବୀ ହେବା । ଦୃଢ଼ ମନୋବଳ ଆଉ ପ୍ରବଳ ଆଚ୍ଛାଶକ୍ତି ସବୁ ଅଭାବ କୁ ହାରିବାକୁ ବାଧ୍ୟ କଲା । ଋଣ କରି ଏକ ମେସିନ କିଣିଲେ ଆଉ ନିଜେ ହେଲେ ନିଜର ମାଲିକ । ଘରର ପାଇଟି ସାରିବା ସହ ଛୁଆଙ୍କ ଅଳି ଅଝଟ ତୁଲାଇ ସେ ସକାଳ ହେଲେ ଚାଲି ଆସନ୍ତି ଅଠରବାଙ୍କୀ । ଆଖୁ ପରେ ଆଖୁ ପେଶୀ ସେ ଗ୍ରାହକଙ୍କୁ ଯୋଗାଇ ଦିଅନ୍ତି ମିଠା ରସର ଗ୍ଲାସ। ଯାହାକୁ ଲୋକେ ପିଇ ପ୍ରବଳ ଖରାରେ ପାଇଥାନ୍ତି ଅପୂର୍ବ ଶାନ୍ତି । ଆନ୍ତର୍ଜାତୀୟ ମହିଳା ଦିବସରେ ସରସ୍ୱତୀ ସମସ୍ତ ମହିଳାଙ୍କୁ ନିଜ ଗୋଡ଼ରେ ଠିଆ ହେବାକୁ ଦେଇଛନ୍ତି ଦୃଢ଼ ସାହସ ଭରା ଆହ୍ୱନ ।

## ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଣ୍ଟନ



ଯାଜପୁର ଟାଉନ୍,୮।୩ (ସଂଚାର ବ୍ୟୁରୋ)ଃ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତିରେ ବଣ୍ଟନ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲ୍ଲାରେ ମଧ୍ୟ ମହିଳା ହିତାଧିକାରୀମାନଙ୍କୁ ସୁଭଦ୍ରାର ଚତୁର୍ଥ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ନିଜ ବକ୍ତବ୍ୟରେ କହିଥିଲେ ଯେ ନାରୀଶକ୍ତିର ଜୟଗାନ ପାଇଁ ସୁଭଦ୍ରା ଏକ ଐତିହାସିକ ପଦକ୍ଷେପ। ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ଏବଂ ଦକ୍ଷତା ଓ ଉଦ୍ୟୋମିତା ବିକାଶ ହେଉଛି। ମହିଳାଙ୍କ ସମ୍ମାନ ବୃଦ୍ଧି ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରମାଣ ବୋଲି ମନ୍ତ୍ରୀ କହିଥିଲେ। ଯାଜପୁର ଜିଲ୍ଲାରେ ପ୍ରାୟ ୪ ଲକ୍ଷ ୬୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଚତୁର୍ଥ କିସ୍ତିର ଅର୍ଥରାଶି ବଣ୍ଟନ କରାଯାଉଛି। ସୁଭଦ୍ରା ଅର୍ଥରାଶି ସାହାଯ୍ୟରେ ଯାଜପୁର ଜିଲ୍ଲାର ଅନେକ ମହିଳା ନୂଆ ବ୍ୟବସାୟ ଆରମ୍ଭ କରିଛନ୍ତି ଏବଂ ଏହାରି ମାଧ୍ୟମରେ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଛନ୍ତି।

ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କହିଥିଲେ ଯେ ଓଡ଼ିଶାର ମହିଳାଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧିରେ ସୁଭଦ୍ରା ଯୋଜନା ଏକ ବଳିଷ୍ଠ ପଦକ୍ଷେପ। ସୁଭଦ୍ରା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ, ଦାନଗଦି ବିଡ଼ିଓ ଶ୍ରୀ ପ୍ରଦୀପ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାହୁ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଆୟୋଜିତ ପ୍ରବନ୍ଧ, କୁଇଜ୍, ଖୋଖୋ , କବାଡି, ଝୋଟି ଭଳି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାସହ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ତିନି ଜଣ ସୁପରଭାଇଜର, ଶ୍ରେଷ୍ଠ ସିଡିପିଓ, ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁଭଦ୍ରା ଯୋଜନା ମହିଳାମାନଙ୍କ ଆର୍ଥିକ ଶକ୍ତି ବୃଦ୍ଧି କରିବାରେ ସଫଳ ହୋଇଛି



ଖୋର୍ଦ୍ଧା,୮।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଯୋଜନା ବଣ୍ଟନ ସମାରୋହର ଚତୁର୍ଥ କିସ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ, ସରକାରଙ୍କ ସହଯୋଗରେ କଲେକ୍ଟର ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧାର ଜୟରଜଗୁରୁ ଟାଉନ ହଲରେ ଅନୁଷ୍ଠିତ ହୋଇଥିଲା। ଓଡିଶା। ଏହି ସମାରୋହକୁ ମୁଖ୍ୟ ଅତିଥି, ଆଇନ, କାର୍ଯ୍ୟ ଏବଂ ଏକ୍ସାଇଜ୍ ମନ୍ତ୍ରୀ ପ୍ରୀତିରାଜ ହରିଚନ୍ଦନ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସୁଭଦ୍ରା ଯୋଜନା ମହିଳାଙ୍କ ଆର୍ଥିକ ଶକ୍ତି ବୃଦ୍ଧି କରିବାରେ ସଫଳ ହୋଇଛି। ସୁଭଦ୍ରା ଯୋଜନା ହେଉଛି ଏକ ରାଜ୍ୟ ସରକାରୀ ଯୋଜନା ଯାହା ମହିଳାମାନଙ୍କୁ ପ୍ରେରଣା ଦେଇଛି, ମୁଁ ଏହା କରିବାକୁ ସମର୍ଥ ହେବି ଏବଂ ନିରାପଦରେ ରହିବି। ଓଡିଶା ୨୦୩୬ରେ ଅର୍ଥନୈତିକ ପ୍ରଗତିରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହି ଯୋଜନା ଜାରି ରହିଛି। ୧୦ଟି ବ୍ଲକ, ୨ ମ୍ୟୁନିସିପାଲିଟି ପରିଷଦ ଓ ୨ଟି ଏମ୍ଏସିର ୪,୪୨,୬୧୩ ତଣ ହିତାଧିକାରୀ ପ୍ରଥମ ସୁଭାଦ୍ରା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦ୍ୱିତୀୟ କିସ୍ତି ପାଇଁ ୪,୬୭,୫୧୬, ତୃତୀୟ କିସ୍ତି ପାଇଁ ୪,୬୩,୭୨୧ ଏବଂ ଚତୁର୍ଥ କିସ୍ତି ପାଇଁ ୭୬,୭୮୩ ବିବେଚିତ ହୋଇଥିବା ମନ୍ତ୍ରୀ ହରିଚନ୍ଦନ କହିଛନ୍ତ। ଏହି ସହାୟତା ସୁଭଦ୍ରା ହିତାଧିକାରୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ଦୃଢ଼ କରିବ। ସେ କହିଛନ୍ତି ଯେ ସୁଭଦ୍ରା ଯୋଜନାକୁ ଆହୁରି ମଜବୁତ କରିବା ପାଇଁ ତାଙ୍କ ନିର୍ବାଚନମଣ୍ଡଳୀରେ ଏକ ସୁଭଦ୍ରା ଅଭିଲେଖାଗାର କେନ୍ଦ୍ର ଖୋଲିବାକୁ ଉଦ୍ୟମ ଚାଲିଛି। ବିଧାୟକ ଖୋର୍ଦ୍ଧା, ପ୍ରଶନ୍ତ କୁମାର ଜଗଦେବ, ଜିଲା ପରିଷଦ, ରାଷ୍ଟ୍ରପତି ରୁପଶ୍ରୀ ରାନୀ ଗୁମାନ ସିଂ, ଓଡିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟ, ଉର୍ମିଳା ମହାପାତ୍ର, ଖୋର୍ଦ୍ଧା ମ୍ୟୁନିସିପାଲିଟି ପରିଷଦର ଅଧ୍ୟକ୍ଷ କାନାକା ଲକ୍ଷ୍ମୀ ମହାନ୍ତି, ଉପ- କଲେକ୍ଟର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ସମ୍ମାନିତ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ଅବସରରେ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ, ରଙ୍ଗୋଲି, ଖୋକୋ, କବାଡି ପ୍ରତିଯୋଗିତା ଏବଂ ଅଙ୍ଗନୱାଡି କର୍ମୀ, ହେଲପରମାନେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ବେତନଟୀ,୮।୩ (ସଂଚାର ବ୍ୟୁରୋ)ଃ ବେତନଟୀର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଅଛି । ଦିବା ଘ ୧୧.୩୦ ମିନିଟ୍ ସମୟରେ ସ୍ଥାନୀୟ ବିଚାର ବିଭାଗ ଅଦାଳତ ପ୍ରକୋଷ୍ଠରେ ବେତନଟୀ ବାର ଏସୋସିଏସନର ପଦାଧିକାରୀଙ୍କ ଉପସ୍ଥିତି ତଥା ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବାର ମୁଖ୍ୟ ବିଚାରପତି ରଶ୍ମୀ ନାରାୟଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ତା ଭାବେ ପ୍ରଭାତୀ ମହାନ୍ତି, ରୁପଶ୍ରୀ ବାରିକଙ୍କ ସହ ପ୍ରବୀର କୁମାର ବାରିକ, ସଂପାଦକ ଏବଂ ଆଇନଜୀବୀ ସଂହିତା ଦାସ, ସଞ୍ଜୟ କୁମାର ରାଉତ,ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଦିବସର ତାତ୍ପର୍ଯ୍ୟ, ଆଗାମୀ ଦିନର ଆହ୍ୱାନକୁ ସାମନା କରିବା ଓ ଆମର କାର୍ଯ୍ୟ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ଇତ୍ୟବସରରେ ବିଶେଷ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ତିନିଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

ଏତଦ ବ୍ୟତୀତ ଇନ୍ଦିରା ନଗରର ବିଶ୍ୱଜନନୀ ମହିଳା ମହାସଂଘ ଆନୁକୁଲ୍ୟରେ ମଧ୍ୟ ଦିବସଟିକୁ ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା । ସଭାନେତ୍ରୀ ନିର୍ମଳା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ରୂପେ ବାସୁଦେବ ନାପିତ,ମୁଖ୍ୟ ଅତିଥି ରୂପେ ସିଭିଲ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜୀ,ବିଶେଷ ଅତିଥି ପ୍ରଫେସର ଉଷା ଶତପଥି ଓ ମନୋରଂଜନ ପରିଡା, ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନିଲ କୁମାର ମାଇତି,ଅଧ୍ୟାପିକା କଲ୍ପଲତା ବେହେରା, ସହଦେବଗିରି, ସମାଜସେବୀ ହୃଦାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଶ୍ରୀକାନ୍ତ ସାହୁଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୮।୩ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ଅଂଚଳର ସଂଗ୍ରାମୀ ନେତା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଓ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ (ସୁକନ)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୯ବର୍ଷ ବୟସ ହୋଇଥିଲା। ସେ ଜଣେ ସଂଗ୍ରାମୀ, ଦୁଃସାହସୀ ସାଲିସବିହୀନ ନେତା ଭାବେ ସାଧାରଣରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ,କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧକ୍ଷ ଦୁର୍ଗାଶିଷ ମହାନ୍ତି,ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ଯୁବନେତା ଟୁବୁଲି ଚୌଧୁରୀ, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ସାହୁ ଗତ କିଛି ଦିନ ହେବ ଅସୁସ୍ଥ ହୋଇ କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଆଜି ସକାଳେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ପରେ ତାଙ୍କ ମର ଶରୀରକୁ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରାଯିବା ପରେ ସାନଜରିଆ ଓ ଅରଡ଼ପଲ୍ଲୀ ପଂଚାୟତ ପରିକ୍ରମା କରାଯାଇଥିଲା । ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା,ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଡ଼ ଅଲେଖ କୁମାର ଜେନା ଓ ଅଂଶୁମାନ ମହାନ୍ତି,କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ଜନ୍ମ ମାଟି ଅରଡ଼ପଲ୍ଲୀ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏକମାତ୍ର ପୁତ୍ର ରାଜ କୁମାର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବାରିପଦା,୮।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ର ମିଳିତ ଅନୁକୂଲ୍ୟରେ ଆଜି ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ  ପାଳନ ହୋଇଅଛି । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ  ପ୍ରକାଶ ସୋରେନ ଓ ସାରସକଣା ବିଧାୟକ  ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ହୋଇ ନାରୀ ଶକ୍ତି ଓ ସୁଭଦ୍ରା ଶକ୍ତି ର ଅନନ୍ୟ ଅନ୍ତର୍ନିହିତ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଚାରି ଜଣ ପ୍ରତିଭା ଶାଳୀ ମହିଳା ଯଥାଶ୍ରୀମତୀ ଅଞ୍ଜଳି ମିଶ୍ର (ରେଡ଼ିଓ ଓ ଦୂରଦର୍ଶନ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ଟପ୍ପ ଗ୍ରେଡ଼ ଗାୟିକା), ଶ୍ରୀମତୀ ଲକ୍ଷ୍ମୀ ଜେନା (ଶ୍ମଶାନରେ ଶବ ସତ୍କାର କରୁଥିବା ଜଣେ ସାହସୀ ମହିଳା), ଶ୍ରୀମତୀ ଲକ୍ଷ୍ମୀ ପ୍ରିୟା ବେହେରା (ବର୍ଜ୍ୟବସ୍ତୁ ଗାଡି ଚାଳକ) ଓ ଶ୍ରୀମତୀ ବାହା ହେମ୍ବ୍ରମ (ରାଜମିସ୍ତ୍ରୀ)ଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏଥି ସହିତ  ବିଭିନ୍ନ ପ୍ରକଳ୍ପର ଶ୍ରେଷ୍ଠ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଶ୍ରେଷ୍ଠ ସୁପରଭାଇଜର, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଓ ଶ୍ରେଷ୍ଠ ଅଙ୍ଗନବାଡି ସହକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ସହକର୍ମୀ ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉତ୍କଳ ବାଳାଶ୍ରମ , ଶକ୍ତି ସଦନ ଅନ୍ତେବାସୀ ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥବା ୮୫ ଜଣ ବିଭାଗୀୟ ଅଧିକାରୀ ଏବଂ ସ୍କୁଲ ଛାତ୍ର ଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ  ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ  ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି  ପ୍ରମୁଖ ଉପସ୍ଥିତ ମଞ୍ଚାସୀନ ଥିଲେ । ସଭା ମଞ୍ଚକୁ  ବାରିପଦା ଉପଖଣ୍ଡ କାର୍ଯ୍ୟକାରୀ ଅଧିକାରୀ  ମିନତୀ ସାହୁ ସଂଚାଳନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ  ଦୁଃଖବନ୍ଧୁ ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ଫସଫେଟ୍ସ ଉତ୍କଳଦୀପ ଚାଷୀ ଉତ୍ପାଦକ କମ୍ପାନୀର ସଦସ୍ୟଙ୍କ ସହ ମହିଳା ଦିବସ ପାଳନ




ପାରାଦୀପ,୮।୩ (ସଂଚାର ବ୍ୟୁରୋ)ଃ ପାରାଦୀପ ଫସଫେଟ୍ସ ଲିମିଟେଡ୍ ଆଜି ହସିଣା ଠାରେ ଉତ୍କଳଦୀପ ଚାଷୀ ଉତ୍ପାଦକ କମ୍ପାନୀର ୫୩୪ ଜଣ ପ୍ରଗତିଶୀଳ ମହିଳା ସଦସ୍ୟଙ୍କ ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ଏବଂ କୃଷକଙ୍କ ଜୀବିକା ଉନ୍ନତ କରିବା ପାଇଁ ପାରାଦୀପ ଫସଫେଟ୍ସର ସିଏସଆର ପଦକ୍ଷେପ ଅଧୀନରେ ଏହି ଚାଷୀ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଉଛି।

ଏହି ଅବସରରେ, ଉତ୍କଳଦୀପ ଚାଷୀ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା (ଏଜିଏମ୍) ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକ ସମୟରେ, ମହିଳା ସଦସ୍ୟମାନଙ୍କୁ ଆନୁଷ୍ଠାନିକ ଭାବରେ ସେୟାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା, ଯାହା ସାମୂହିକ ଉଦ୍ୟୋଗରେ ସେମାନଙ୍କର ମାଲିକାନା ଏବଂ ଅଂଶଗ୍ରହଣକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଚିହ୍ନିତ କରିଥିଲା।

ଏହି କାର୍ଯ୍ୟକ୍ରମରେ ପଲାନିସାମୀ ଭେଲୁସାମୀ, ସିଏମଓ ଏବଂ ୟୁନିଟ୍ ମୁଖ୍ୟ; ସୁମିତ ସେନାପତି, ସିଜିଏମ୍ (ଏଚ୍ଆର ଏବଂ ଆଇଆର); ପ୍ରଶାନ୍ତ କୁମାର ପ୍ରଧାନ, ସିଜିଏମ୍ (ଏଫ୍ ଏବଂ ଏ); ଅନିଲ କୁମାର ବର୍ମା, ଜିଏମ (ଉତ୍ପାଦନ); ରମେଶ ଚନ୍ଦ୍ର ସାହୁ, ଜିଏମ (ଅର୍ଥ); ଏବଂ ପାରାଦୀପ ଫସଫେଟ୍ସର ମୁଖ୍ୟ ପରିଚାଳିକା (ସିଏସଆର ) ସୌମ୍ୟଶ୍ରୀ ଓମପ୍ରକାଶ ସାହୁ। ଏହି କାର୍ଯ୍ୟକ୍ରମରେ ଗୋପିଆକୁଦା ପଞ୍ଚାୟତର ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୃଷକ ଉତ୍ପାଦକ କମ୍ପାନୀକୁ ସମର୍ଥନ କରୁଥିବା ବୈଷୟିକ ସହଭାଗୀ ମହାଶକ୍ତି ଫାଉଣ୍ଡେସନର ଅଧିକାରୀ ମାନଙ୍କ ସହିତ ଯୋଗ ଦେଇଥିଲେ।